

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ
IAS COLLECTOR



PARUL PATAWARI

| Vol.5 | Issue- 30 | January 3 to 9, 2022, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୩୦ | ଜାନୁଆରୀ ୩ ରୁ ୯, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


## ନବୀନଙ୍କ ରାଜ୍ୟବାସୀଙ୍କୁ ଅଭିନନ୍ଦନ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ୨୦୨୨ ମସିହା ଇଂରାଜୀ ନୂଆବର୍ଷର ପ୍ରଥମ ଦିନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, "ନୂଆ ବର୍ଷ ଉପଲକ୍ଷେ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ ରାଜ୍ୟର ପ୍ରଗତି ସହ ପ୍ରତିଟି ଜୀବନ ମଙ୍ଗଳମୟ ହେଉ"। ଏକ ଭିଡିଓ ବାର୍ତ୍ତାରେ



ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ୨୦୨୨ ବର୍ଷଟି ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ। ଏହି ବର୍ଷଟି ଓଡ଼ିଶା ପାଇଁ ସମୃଦ୍ଧିମୟ ହେଉ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। କୋଭିଡ୍ ପରିପ୍ରେକ୍ଷୀରେ ସମସ୍ତେ ସତର୍କ ରହିବାକୁ ମଧ ମୁଖ୍ୟମନ୍ତ୍ରୀ ବାର୍ତ୍ତା ଯୋଗେ କହିଛନ୍ତି। କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍‌ର ମୁକାବିଲା ପାଇଁ ଆମକୁ ସତର୍କ ରହିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି।

## ପୁରୀରେ ପାଣ୍ଡିଆନ୍ ଓ ସୁରେଶ ମହାପାତ୍ର

**ପୁରୀ(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ନୂତନ ବର୍ଷରେ ପୁରୀ ଗସ୍ତ କରିଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ତାଙ୍କ ସହିତ ଅଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର। ମନ୍ଦିରର ଚାରିପାଖ ପରିଦର୍ଶନ କରିଛନ୍ତି। ୭୫ ମିଟର ସୁରକ୍ଷା କରିଡର ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। କଟକଣା ଯୋଗୁଁ ମନ୍ଦିର ଭିତରକୁ ନ ଯାଇ ବାହାରେ ପରିକ୍ରମା ମାର୍ଗରେ ପରିଦର୍ଶନ କରିଥିଲେ ୫-ଟି ସଚିବ। ଗତବର୍ଷ



ନଭେମ୍ବର ୨୪ରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଶ୍ରୀମନ୍ଦିର ଚାରିପାଖ ସୁରକ୍ଷା କରିଡର ସହ ସୃଷ୍ଟି ହୋଇଛି ସବୁଜ ବଳୟ। ଚାରିପାଖେ ଥିବା ମଠ ଏବଂ ମନ୍ଦିର ଗୁଡିକର ପୁନଃବିକାଶ କରାଯାଇଛି। ଭକ୍ତଙ୍କ ସାମଗ୍ରୀ ରଖିବା ପାଇଁ ସ୍ୱତନ୍ତ୍ର ଗୃହ ସୂଚନା ଓ ଦାନ କେନ୍ଦ୍ର କରାଯିବ। ତୀର୍ଥଯାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଆରକ୍ଷୀ ସେବା କେନ୍ଦ୍ର ରହିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୯ରୁ ଆରମ୍ଭ ହୋଇଥିଲା ଜମି ଅଧିଗ୍ରହଣ ପ୍ରକ୍ରିୟା।

## ନୂଆବର୍ଷରେ ନୂଆ ଡିଜିପି ସୁନିଲ୍ ବଂଶଲ୍



**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଓଡ଼ିଶାର ପୋଲିସ୍ ମହାନିର୍ଦ୍ଦେଶକ(ଡିଜିପି) ଭାବେ ନିଯୁକ୍ତି ପାଇଥିବା ସୁନିଲ୍ କୁମାର ବଂଶଲ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। କଟକସ୍ଥିତ ପୋଲିସ୍ କାର୍ଯ୍ୟାଳୟରେ ବିଦାୟୀ ଡିଜିପି ଅଭୟଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟର ପୋଲିସ୍ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ୧୯୮୭ ବ୍ୟାଚ୍‌ର ଆଇପିଏସ୍ ଅଫିସର ଶ୍ରୀ ବଂଶଲ୍ କେନ୍ଦ୍ର ଗୁଇନ୍ଦା ବିଭାଗ ନୂତନ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ।

## ଧର୍ମେନ୍ଦ୍ରଙ୍କ ଆହ୍ୱାନ



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କେନ୍ଦ୍ର ଶିକ୍ଷା, ଦକ୍ଷତା, ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଇଂରାଜୀ ନବବର୍ଷ-୨୦୨୨ ଅବସରରେ ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ଅନ୍ତର୍ଗତ ଶହେ ଦିବସୀୟ ପଠନ ଅଭିଯାନ "ପଢେ ଭାରତ"ର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନ ଅଧିନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦେଶର ନାଗରିକ, ବିଶେଷ ଭାବରେ ଯୁବପିଢୀଙ୍କୁ "ବହି ପଢିବା"କୁ ନୀତିଦିନିଆ ଅଭ୍ୟାସରେ ପରିଣତ କରିବାକୁ ଆହ୍ୱାନ କରିଛନ୍ତି। ରାଷ୍ଟ୍ରୀୟ ଶିକ୍ଷା ନୀତିରେ ପିଲାମାନଙ୍କୁ ନିଜ ବୟସ ଅନୁସାରେ ନିଜ ମାତୃଭାଷା ବା ଆଞ୍ଚଳିକ ଭାଷାରେ ବହି ପଢିବା ପାଇଁ ପ୍ରୋତ୍ସାହନ ଦେବାକୁ ଗୁରୁତ୍ୱ ଦିଆଯାଇଛି। ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାରା ଜୀବନ ଶିକ୍ଷା ଗ୍ରହଣକୁ ବିକାଶିତ କରିବା ଦିଗରେ ପୁସ୍ତକ ପଢିବାର ବିଶେଷ ଉପରେ ଗୁରୁତ୍ୱାରୋପ କରିଛନ୍ତି।




## ଖୋର୍ଦ୍ଧା ଜିଲ୍ଲାପାଳଙ୍କ ବିଏସ୍‌କେୱାଇର ଅନୁଧ୍ୟାନ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଭୁବନେଶ୍ୱରସ୍ଥିତ 'ସ୍ପର୍ଶ' ଓ ଆମ୍ରି ହସ୍ପିଟାଲ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ସଂପୃକ୍ତ ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହିତ ସେମାନଙ୍କର ଚିକିତ୍ସାର ଅଗ୍ରଗତି



ଜିଲ୍ଲାପାଳ
ସଂଗ୍ରାମ କେଶରୀ ମହାପାତ୍ର


ପରିଦର୍ଶନ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ୍.କେ.ୱାଇ) ସ୍ମାର୍ଟ ହେଲ୍‌ଥ କାର୍ଡ ଜରିଆରେ ଚିକିତ୍ସିତ ହେଉଥିବା ହିତାଧିକାରୀଙ୍କୁ ସାକ୍ଷାତ କରି ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ଏବଂ ଏହି ବ୍ୟବସ୍ଥାର ସଠିକ୍ କାର୍ଯ୍ୟକାରିତା ଓ ଉପଲବ୍ଧ ଚିକିତ୍ସା ସୁବିଧା ସଂପର୍କରେ ସଂପର୍କରେ ଆଲୋଚନା କରିଥିଲେ। ବିନା ଦେୟରେ ଏହି ଯୋଜନାରେ ଚିକିତ୍ସା ସୁବିଧା ପାଇପାରିଥିବାରୁ ହିତାଧିକାରୀମାନେ ଜିଲ୍ଲାପାଳଙ୍କ ଠାରେ ସେମାନଙ୍କର ଖୁସି ବ୍ୟକ୍ତ କରିବା ସହିତ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ସ୍କୁଲ୍ ଖୋଲିବନି



ମନ୍ତ୍ରୀ ସମୀର ରଞ୍ଜନ ଦାଶ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବଦଳିଲା ନିଷ୍ପତ୍ତି, ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍ ଖୋଲାଯିବା ନିଷ୍ପତ୍ତି ସାମୟିକ ଭାବେ ସ୍ଥଗିତ ରଖାଯିବା ନେଇ ବିଭାଗ ପକ୍ଷରୁ ସୂଚନା। ରାଜ୍ୟ ସରକାର ଚଳିତ ଶିକ୍ଷା ବର୍ଷରେ ପ୍ରଥମ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟ ପୁନଃ ଖୋଲାଯିବା ନେଇ ଆଦେଶ ଜାରି କରିଥିଲେ। ସାଂପ୍ରତିକ ସ୍ୱାସ୍ଥ୍ୟଜନିତ ପରିସ୍ଥିତି, ବିଶେଷ ଭାବରେ ବିଗତ ଦୁଇଦିନ ମଧ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଏବଂ ଇତିମଧ୍ୟରେ ବିଭିନ୍ନ ଉଚ୍ଚ ପଦାଧିକାରୀମାନଙ୍କ ରିପୋର୍ଟକୁ ନେଇ ବୃହତ୍ତର ସ୍ୱାସ୍ଥ୍ୟଗତ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲ୍ ଖୋଲିବା ନିଷ୍ପତ୍ତିକୁ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି। କିନ୍ତୁ ୬ଷ୍ଠ ଶ୍ରେଣୀ ଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢା ଯଥାବିଧି ଜାରି ରହିବ। ଆସନ୍ତା ୫ରୁ ୮ ତାରିଖ ପର୍ଯ୍ୟନ୍ତ ୧୦ମ ଶ୍ରେଣୀର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସମେଟିଭ୍-୧ ପରୀକ୍ଷା ପୁନଃନିର୍ଦ୍ଧାରଣ ସୂଚୀ ଅନୁଯାୟୀ ସାମାଜିକ ଦୂରତା ଅବଲମ୍ବନ କରାଯାଇ ଯଥାବିଧି ଜାରି ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ।






# 'ମାଇକ୍ରୋଚିପ୍' ଲାଗିବ, ଟିକା ନେଇଛନ୍ତି କି ନାହିଁ ଜଣାପଡିବ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କରୋନା ମହାମାରୀର ପରିବର୍ତ୍ତିତ ରୂପରୁ ରକ୍ଷା ପାଇବାର ଏକମାତ୍ର ଅସ୍ତ୍ର ହେଉଛି ଟିକାକରଣ ।ଏହି କ୍ରମରେ ଟିକାକରଣ ସ୍ଥିତି ଜାଣିବା ପାଇଁ ଏଭଳି ଏକ ଆବିଷ୍କାର ହୋଇଛି, ଯାହାକୁ ନେଇ ଚର୍ଚ୍ଚାର ଜୋର୍ ଧରିଛି । ଏହା ଏକ ମାଇକ୍ରୋଚିପ୍, ଯାହାକୁ ହାତ ଭିତରେ ସଂଲଗ୍ନ କରାଯିବ। ଚିପ୍ ସ୍କାନ୍ କରିବା ମାତ୍ରେ ବ୍ୟକ୍ତିଙ୍କର ଟିକାକରଣ ସ୍ଥିତି ଜଣାପଡିବ। ସ୍ୱିଡେନ୍‌ର ଏକ କମ୍ପାନି ଏହି ମାଇକ୍ରୋଚିପ୍ ପ୍ରସ୍ତୁତ କରିଛି । ଏହାକୁ ଲୋକଙ୍କ ହାତରେ ଖଞ୍ଜାଯିବ । ଏହା ସ୍କାନ୍ ହେବା ମାତ୍ରେ କରୋନ ଟିକାକରଣର ସ୍ଥିତି ଜଣାଇଦେବ । ଏହି ଚିପ୍‌କୁ ହାତରେ ଲଗାଇବା




ପରେ ଲୋକଙ୍କୁ ଟିକାକରଣ ପ୍ରମାଣପତ୍ର ସାଙ୍ଗରେ ଧରିବାକୁ ପଡିବ ନାହିଁ । ଡିସ୍‌ରପ୍ଟିଭ୍ ସବଡର୍ମାଲ ନାମକ ଟେକ୍ କମ୍ପାନି ପ୍ରବନ୍ଧନ ନିର୍ଦ୍ଦେଶକ କହିଛନ୍ତି, ସେ ନିଜେ ଏହି ଚିପ୍‌କୁ ହାତରେ ଲଗାଇଛନ୍ତି । ଚିପ୍ ଜରିଆରେ ସେ ନିଜର କୋଭିଡ୍ ପାସ୍‌ପୋର୍ଟ ସାଙ୍ଗରେ ନେଇ ବୁଲୁଛନ୍ତି । ଚିପ୍‌କୁ ହାତରେ ଲଗାଇବା ପାଇଁ ୧୦୦ୟୁରୋ ଖର୍ଚ୍ଚ କରିବାକୁ ପଡିବ । ଫୋନ୍ ଜରିଆରେ ଏହା ସ୍କାନ୍ କରିବା ପରେ ନିଜର କାମ ଆରମ୍ଭ କରିଦେବ । ଏହା ମାଧ୍ୟମରେ କୋଭିଡ୍ ପ୍ରମାଣପତ୍ର ପିଡିଏଫ୍ ରୂପେ ସ୍କ୍ରିନ୍‌ରେ ଦେଖାଯିବ। ଏଭଳି ମାଇକ୍ରୋଚିପ୍ ଜରିଆରେ ଯେକୌଣସି ସ୍ଥାନରେ ଲୋକେ ଆପଣଙ୍କ ଟିକାକରଣ ସ୍ଥିତି ଜାଣିପାରିବେ । ଫିଲ୍ମ ଦେଖନ୍ତୁ ବା ସର୍ଫ କରନ୍ତୁ, କିମ୍ବା ଭ୍ରମଣରେ ଯାଆନ୍ତୁ । ସବୁଠି ଏହି ଚିପ୍ ଆପଣଙ୍କ ଟିକାକରଣରେ ପ୍ରମାଣ ଦେବ ।

# ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କଲେ ଶରଦ ପୱାର

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଏନସିପି ମୁଖ୍ୟ ଶରଦ ପୱାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କର କାର୍ଯ୍ୟ କରିବା ଶୈଳୀକୁ ନେଇ ପ୍ରଶଂସା କରି କହିଛନ୍ତି ମୋଦି ପ୍ରକୃତି ଏପରି ଯେ ଯେତେବେଳେ ସେ ହାତରେ ଏକ କାର୍ଯ୍ୟ ନିଅନ୍ତି, ସେତେବେଳେ ସେ ନିଶ୍ଚିତ କରନ୍ତି ଯେ କାର୍ଯ୍ୟଟି ପୂରଣ କରି ଲକ୍ଷ୍ୟସ୍ଥଳରେ ପହଂଚିବେ। କାମ ସମ୍ପୂର୍ଣ୍ଣ ନ କଲା ପର୍ଯ୍ୟନ୍ତ ମୋଦି ବସି ରୁହନ୍ତି ନାହିଁ । ଏହା ସହିତ ସେ ଆହୁରି ମଧ୍ୟ ସୂଚାଇ ଦେଇଛନ୍ତି ଯେ ୨୦୦୪ରୁ ୨୦୧୪ପର୍ଯ୍ୟନ୍ତ ୟୁପିଏ ଶାସନ କାଳରେ ନରେନ୍ଦ୍ର ମୋଦିଙ୍କ ବିରୋଧରେ ପ୍ରତିଶୋଧାତ୍ମକ ରାଜନୈତିକ ସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରାଯାଇଥିଲା ସେ କହିଛନ୍ତି ଯେ ମୁଁ ତାଙ୍କ ବିରୋଧରେ ପ୍ରତିଶୋଧାତ୍ମକ ରାଜନୀତିକୁ ସର୍ବଦା ବିରୋଧ କରୁଥିଲି, କିନ୍ତୁ ୟୁପିଏ ମିଳିତ ମଂଚର କିଛି ଗୁଜୁରାଟ ସରକାରଙ୍କ କିଛି ବିରୋଧରେ ଦୃଢ ପଦକ୍ଷେପ ନେଇଥିଲେ।



ପୁଣେରେ ଏକ କାର୍ଯ୍ୟକ୍ରମରେ ପଓାର କହିଛନ୍ତି ଯେ, ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ମୋ ସହ ନରେନ୍ଦ୍ର ମୋଦିଙ୍କ ବିରୋଧରେ କୌଣସି ପ୍ରତିଶୋଧ ନେବାକୁ କରିଥିଲେ। ପଓାର ଏହା ମଧ୍ୟ କହିଛନ୍ତି ଯେ ୟୁପିଏ ସରକାରରେ ତାଙ୍କ ବ୍ୟତୀତ ଅନ୍ୟ କେହି ନଥିଲେ ଯିଏ କି ମୋଦିଙ୍କ ସହ କୌଣସି ଆଲୋଚନା କରିପାରିବେ। ସପକ୍ଷରେ ଅଛନ୍ତି କି। ପଓାର କହିଛନ୍ତି, ଯେ ସେତେବେଳେ ମୋଦି ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିଲେ ଏବଂ ମୁଁ କେନ୍ଦ୍ରରେ ଥିଲି ଯେତେବେଳେ ପ୍ରଧାନମନ୍ତ୍ରୀ ବୈଠକ ଡାକୁଥିଲେ , ସେତେବେଳେ ମୋଦି ଭାଜପା ଶାସିତ ରାଜ୍ୟଗୁଡିକର ମୁଖ୍ୟମନ୍ତ୍ରୀଙ୍କର ନେଉଥିଲେ ଏବଂ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଥିଲେ। ମୋଦି ସେତେବେଳେ କ୍ରମାଗତ ୟୁପିଏ ସରକାରଙ୍କୁ ଘେରିବା ଜାରି ରଖିଥିଲେ । ୨୦୦୪ରୁ୨୦୧୪ପର୍ଯ୍ୟନ୍ତ ଶରଦ ପଓାର ୟୁପିଏ ସରକାରରେ କୃଷି ମନ୍ତ୍ରୀ ଥିଲେ। ଶରଦ ପଓାରଙ୍କୁ ପଚାରଯାଇଥିଲା ଯେ ଆପଣ ଏବଂ ମନମୋହନ ସିଂ ସେହି ସମୟରେ ମୋଦିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାର

# ସ୍ୱାସ୍ଥ୍ୟବୀମା ଦାବି ନେଇ ସ୍ଥିତି ସ୍ୱଷ୍ଟ କଲେ ସୁପ୍ରିମ୍ କୋର୍ଟ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବୀମା କମ୍ପାନି ସ୍ୱାସ୍ଥ୍ୟବୀମା ଦାବିକୁ ଖାରଜ କରିପାରିବେ ନାହିଁ ନୂଆଦିଲ୍ଲୀ ସୁପ୍ରିମ୍ କୋର୍ଟ ଆଜି ଏକ ଶୁଣାଣିରେ କହିଛନ୍ତି ଯେ କୌଣସି ବୀମା କର୍ତ୍ତା ପଲିସି ଜାରି ହେବାପରେ ପ୍ରସ୍ତାବ ଫର୍ମରେ ବୀମାଧାରକଙ୍ଗ ଦ୍ୱାରା ଦର୍ଶଯାଇଥିବା ସାଂପ୍ରତିକି ଚିକିତ୍ସା ସ୍ଥିତିକୁ ସୂଚାଇ ଦାବି ଖାରଜ କରିବପାରିବେ ନାହିଁ ଜଷ୍ଟିସ୍ ଡି ଓାଇ ଚନ୍ଦ୍ର ଚୂଡ ଏବଂ ଜଷ୍ଟିସ୍ ବିଭି ନାଗରତ୍ନାଙ୍କ ଖଣ୍ଡପୀଠ କହିଛନ୍ତି, ବୀମାକାରୀଙ୍କୁ ଦିଆଯାଉଥିବାରେ ସବିଶେଷ ତଥ୍ୟ ଅବଗତ କରିବା ପ୍ରସ୍ତାବକଙ୍କ କର୍ତ୍ତବ୍ୟ ବୀମା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଏବଂ ପରିସ୍ଥିତିକୁ ପ୍ରସ୍ତାବକ ଜାଣିଥିବାରୁ ବୀମାଧାରୀଙ୍କୁ ସବୁକିଛି ସ୍ୱଷ୍ଟ କରିବା ଆବଶ୍ୟକ ବୀମାଭୁକ୍ତ ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସା ସ୍ଥିତିକୁ ଆକଳନ କରି ପଲିସି ଜାରି କରାଯିବା ପରେ ବୀମାକାରୀ ବର୍ତ୍ତମାନର ଚିକିତ୍ସା କାରଣରୁ ଦାବିକୁ ପ୍ରତ୍ୟଖ୍ୟାନ କରିପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ୱଷ୍ଟ କରିଛନ୍ତି।



# ୟୁବକଙ୍କ ମୁଣ୍ଡରେ ପଡିଲା ବିଜୁଳି, ନିଆଁ ଜଳିଲା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପ୍ରକୃତିର ତାଣ୍ଡବ ବେଳେବେଳେ ମଣିଷକୁ ବିଚଳିତ କରିଦେଇଥାଏ। ବର୍ଷା ଏବଂ ବିଜୁଳି ସମୟରେ ଘରୁ ବାହାରିବାକୁ ପାଇଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଥାଏ। କେବଳ ସେତିକି ନୁହେଁ ବଜୁଳି ଘଡଘଡି ସମୟରେ କୌଣସି ବୈଦ୍ୟୁତିକ ଜିନିଷ ଟିକିଏ ଅନ୍ୟ ମନସ୍କ ଜୀବନ ମଧ୍ୟ ନେଇଯାଇପାରେ। ଏମିତି ଏକ ବିଚଳିତ କରିଲା ଭଳି ଘଟଣା ଘଟିଛି ଇଣ୍ଡୋନେସିଆର ଜାକର୍ତାରେ। ଜଣେ ସିକ୍ୟୁରିଟି ଗାର୍ଡ ବର୍ଷାରେ ଚାଲିଚାଲି ଯାଉଥିବା ବେଳେ ହଠାତ୍ ବିଜୁଳି ମାରିଥିଲା ୩୫ବର୍ଷୀୟ ଯୁବକଜଣକ ଧରିଥିବା ଛତା ଏବଂ ରେଡିଓ କଲରରେ କଥା ହୋଇ ଯାଉଥିଲେ। ହାଠତ୍ ବିଜୁଳି ମାରିବାରୁ





ବ୍ୟକ୍ତିଜଣକ କଥା ହେଉଥିବା ରେଡି କଲର ଭୟଙ୍କର ଭାବେ ବିସ୍ଫୋରଣ ଘଟିଥିଲା ଯୁବକଜଣକ ସେହିଠାରେ ହିଁ ଟଳିପଡିଥିଲେ। ଏହି ଘଟଣା ସମ୍ପର୍ଣ୍ଣ ଭିଡିଓ ନିକଟରେ ଲାଗିଥିବା ସିସିଟିଭିରେ କଏଦ ହୋଇଯାଇଥିକା ଘାହାକି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସବୁଠାରୁ ବଡ କଥା ହେଉଛି ଏତେ ଭୟଙ୍କର ବିସ୍ଫୋରଣ ପରେ ଯୁବକଜଣକ ବର୍ତ୍ତି ଯାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ। ଘଟଣାର ୪ଦିନ ପରେ ତାଙ୍କାର ଚେତା ଫେରିଥିଲା।ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି ଏଭଳି କ୍ଷେତ୍ରରେ ଜୀବନ ବଂଚବା ଘଟଣା ବିରଳ। କାରଣ ବିଜୁଳି ଏତେ ଭୟଙ୍କର ଭାବେ ମାଡ ହୋଇଥିଲା ଯେ, ଯାହାକୁ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ବିଜୁଳି ମାରିବା ପରେ ଯୁବକଜଣକ ଧରିଥିବା ଛତା ଏବଂ ରେଡିଓ କଲର ନିଆଁରେ ପରିଣତ ହୋଇଯାଇଥିଲେ।

# ରେଷ୍ଟୁରାଣ୍ଟରେ ପିଆଜ ମାଗିବାରୁ ଗ୍ରାହାକଙ୍କୁ ମାଡ଼

**କୋଲକାତା(ସଂପର୍କବାର୍ତ୍ତା):-** ପିଆଜ ମାଗିଲେ ବୋଲି ରେଷ୍ଟୁରାଣ୍ଟର କର୍ମଚାରୀ ଜଣେ ଯୁବକଙ୍କୁ ଲହୁଲୁହାଣ କରିଛନ୍ତି। ଏହି ମାମଲାରେ ଉକ୍ତ ଷ୍ଟେରାଣ୍ଟର ମ୍ୟାନେଜରଙ୍କୁ ଗିରଫ କରିନିଆଯାଇଛି। ଘଟଣାଟି କୋଲକାତାର ହାତିବାଗାନ ଅଂଚଳର। ଦୁଇଜଣ ଯୁବକଙ୍କୁ କଥିତ ଭାବେ ପିଟିବାକୁ ନେଇ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମଦ ପିଇବାକୁ ନେଇ ଝଗଡା ଆରମ୍ଭ ହୋଇଥିଲା ପୋଲିସ କହୁଥିବା ବେଳେ କର୍ମଚାରୀମାନେ କହିଛନ୍ତି ୪ଜଣ ଯୁବକ ରାତି ୧୧ଟାରେ ହୋଟେଲରେ ଖାଇବା ଲାଗି ଆସିଥିଲେ।ସେମାନେ ଖାଦ୍ୟ ଅର୍ଡର ମଧ୍ୟ କରିଥିଲେ।ଏହି ସମୟରେ ସେମାନେ ପ୍ଲାଷ୍ଟିକ ବୋତଲରେ ମଦ ଆଣିଥିବା ଦେଖିବାକୁ ମିଳିଥିଲା ଏହା ଦେଖି ରେଷ୍ଟୁରାଣ୍ଟ କର୍ମଚାରୀ ରୋକିଥିଲେ। ଫଳରେ ସେମାନେ ଆକ୍ରମାକ ହୋଇଯାଇଥିଲେ । ଯୁବକଙ୍କ ଭଉଣୀ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ ଲେଖି କହିଛନ୍ତି, ଡିସେମ୍ବର ୨୬ବିଳମ୍ବିତ ରାତିରେ ମୋ ଭାଇ ନନ୍ଦ ଦେଶାଇ(୨୩)ନିଜ ବନ୍ଧୁମାନଙ୍କ ସହ ରେଷ୍ଟୁରାଣ୍ଟ ଯାଇଥିଲେ ସେଠାରେ ମୋ ଭାଇ ଖାଦ୍ୟ ଅର୍ଡର କରିଥିଲେ। ହେଲେ ସେଠାକାର କର୍ମଚାରୀ ଖାଇବା ପରସିବା ପୂର୍ବରୁ ଟଙ୍କା ଜମା କରିବାକୁ କହିଥିଲେ। ମୋ ଭାଇ ପିଆଜ ମାଗିଥିଲେ। ଏହାକୁ ୱେଟର ଆଗ୍ରହ୍ୟ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ସମ୍ୟକ ବିବାଦ ଦେଖାଦେଇଥିଲା ସେତେବେଳେ ସେଠାରେ ୧୫କର୍ମଚାରୀ ଥିଲେ। ସେଥିମଧ୍ୟରୁ ଜଣେ କର୍ମଚାରୀ ହଠାତ୍ ମୋ ଭାଇଙ୍କ ମୁଣ୍ଡକୁ ଛୁରୀ ଏବଂ ଲୁହା ଛଡରେ ଆକ୍ରମଣ କରିଥିଲେ ପରେ ତାଙ୍କ ବନ୍ଧୁ ନବନୀତ୍‌ଙ୍କ ମଧ୍ୟ ଆକ୍ରମଣ କରିଥିଲେ। ଯେତେବେଳେ ସେମାନେ ବେହୋସ୍ ହୋଇଯାଇଥିଲେ ସେତେବେଳେ ରେଷ୍ଟୁରାଣ୍ଟ ବାହାରେ ସେମାନଙ୍କୁ ଫିଙ୍ଗି ଦିଆଯାଇଥିଲା ସେମାନେ ସେଠାରେ ଶର୍ଟର ପକାଇଦେଇଥିଲେ ଆମକୁ ନ୍ୟାୟ ଦିଅନ୍ତୁ। ପୋଲିସକୁ ଖବର ନ ନେଇ ଏଭଳି ଆକ୍ରମଣକୁ ସେ ନିନ୍ଦା କରିବା ସହ ଘଟଣା ନିରପେକ୍ଷ ତଦନ୍ତ ସେମାନେ ଆଶା କରିଛନ୍ତି।

# ଚାର୍ଜସିଟ୍ ନହେଲେ ବି ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ବିଚାର ପ୍ରକ୍ରିୟା ବନ୍ଦ ହେବ ନାହିଁ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସୁପ୍ରିମ୍‌କୋର୍ଟ ଆଜି ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ କହିଛନ୍ତି ଯେ ଅପରାଧିକ ମାମଲାରେ ଜଣେ ଅଭିଯୁକ୍ତଙ୍କ ବିରୋଧରେ ଅପରାଧିକ ମାମଲା କେବଳ ଚାର୍ଜସିଟ୍ କାରଣରୁ ବନ୍ଦ ହୋଇପାରିବ ନାହିଁ। ଗୋଟିଏ ମାମଲାରେ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ପ୍ରସ୍ତୁତ ହୋଇନଥିବା ଦର୍ଶାଇ ବିଚାରଣ ଚାଲିଥିବା ଅଭିଯୁକ୍ତ ମାନଙ୍କ କ୍ଷେତ୍ରରେ ଅପରାଧିକ ବିଚାର ପ୍ରକ୍ରିୟା ବନ୍ଦ କରାଯାଇପାରିବେ ନାହିଁ



ବୋଲି ସୁପ୍ରିମ୍ କୋର୍ଟ କହିଛନ୍ତି। ବିଚାରପତି ଏମ୍‌ଆର ଶାହ ଏବଂ ବିଭି ନାଗରତ୍ନାଙ୍କ ଖଣ୍ଡପୀଠ କହିଛନ୍ତି ଯେ ଯଦି ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ ନାହିଁ ତେବେ କୋର୍ଟ ଧାରା ୩୧୯ ସିଆର୍ ପିସି ଅନୁଯାୟୀ କ୍ଷମତା ପ୍ରୟୋଗ କରି ସେମାନଙ୍କ ଅଭିଯୁକ୍ତ ଭାବେ ସଂଲଗ୍ନ କରିପାରିବେ ଅପରାଧରେ ସଂପୃକ୍ତି ଥାଇ ମଧ୍ୟ କେବଳ ଚାର୍ଜସିଟ୍ ହୋଇନଥିବାରୁ ଅପରାଧିକ ବିଚାର ପ୍ରକ୍ରିୟା ବନ୍ଦ ହୋଇପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ୱଷ୍ଟ କରିଛନ୍ତି।

# କରୋନାରେ ବିବାହ ବାତିଲେ ହେଲେ ମିଳିବ କ୍ଷତିପୂରଣ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିବାହ କାର୍ଡରେ ପ୍ରଥମ ନିୟନ୍ତ୍ରଣ ବିଘ୍ନହାରୀ ଶ୍ରୀ ଗଣେଶ ଜୀଙ୍କୁ ଦିଆଯାଉଛି। ଏହା ବିବାହ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରେ ନାହିଁ ବୋଲି ବିଶ୍ୱାସ କରାଯାଏ। କିନ୍ତୁ ଗତ ବର୍ଷ କରୋନା ମହାମାରୀ ବ୍ୟାପି ଯାଇଥିବାରୁ ଅନେକ ବିବାହ କାର୍ଯ୍ୟକ୍ରମକୁ ବାତିଲ କରିବାକୁ ପଡିଥିଲେ। ଯଦି ଏହି ସମୟରେ ପରିସ୍ଥିତି ଦେଖାଯାଏ, ତେବେ ଜାନୁଆରୀ ଏବଂ ଫେବୃଆରୀ ବିବାହର ଋତୁ ଆରମ୍ଭ ହେବ। କରୋନାର ଓମିକ୍ରନ ଭାରିଆଂଟ ଏହି ରଙ୍ଗକୁ ଫିକା କରିପାରେ । ଅର୍ଥାତ୍ ବିବାହକୁ ପୁଣି ବାତିଲ୍ କରିବାକୁ ପଡିପାରେ। ବିବାହ କାର୍ଯ୍ୟକ୍ରମ ବାତିଲ କିମ୍ବା ପରିବର୍ତ୍ତନ କରାଯିବାକୁ ପ୍ରାୟ କେହି ଚାହାଁନ୍ତିନାହିଁ। କିନ୍ତୁ, ଏପରି ପରିସ୍ଥିତି ଉପୁଜିଲେ ମଧ୍ୟ ତୁମେ ନିଶ୍ଚିତ କରିବା ଉଚିତଯେ ଟଙ୍କା କ୍ଷତି ହେବ ନାହିଁ। ଯଦି ତୁମେ ତୁମର ପ୍ରୋଗ୍ରାମକୁ ବୀମା କର, ତେବେ ଏହା ସମ୍ଭବ। ହଁ ବିବାହ ବୀମା ଅର୍ଥ ବିବାହ ବୀମା ବିଷୟରେ ନିଶ୍ଚିତ ହୋଇଥିବା ରାଶି ଆପଣ କେତେ ବୀମା କରିଛନ୍ତି ତାହା ସ୍ଥିର ହୋଇଛି । ଆଜ୍ଞା ହଁ, ପ୍ରିମିୟମ କେବଳ ୦.୭ପ୍ରତିଶତରୁ ୨ପ୍ରତିଶତ ପର୍ଯ୍ୟନ୍ତ ଦେବାକୁ ପଡିବ। ଯଦି ଆପଣଙ୍କୁ ୧୦ଲକ୍ଷ ଟଙ୍କା ବିବାହ ବୀମା କରନ୍ତି, ତେବେ ଆପଣଙ୍କୁ ୭,୫୦୦ରୁ୧୫,୦୦୦ ଟଙ୍କା ପ୍ରିମିୟମ ଦେବାକୁ ପଡିର।

ବିବାହ ବୀମା କଣ ଅନ୍ତର୍ଭୁକ୍ତ କରେ ?

ବିବାହ ରଦ୍ଦ କିମ୍ବା ଅନ୍ୟ କୌଣସି କାରଣରୁ କ୍ଷତି କିମ୍ବା ହାନୀ ହେତୁ ଏକ ବିବାହ ବୀମା ବଡ ଖର୍ଚ୍ଚକୁ ବହନ କରେ । ବୀମା ନୀତି ଚାରେଟି ବର୍ଗରେ ବିଭିନ୍ନ ପରିସ୍ଥିତିକୁ ବ୍ୟାପକ ଭାବରେ କଭର କରେ

୧.ଦାୟିତ୍ୱର କଭରେଜ୍; ଦୁର୍ଘଟଣା କିମ୍ବା ଆଘାତ ହେତୁ ବିବାହରେ ସମାରୋହରେ ତୃତୀୟ ପକ୍ଷର କୌଣସି କ୍ଷତି କିମ୍ବା ହାନକୁ ବୀମା କଭର କରୁଛି।
୨. ବାତିଲ କଭରେଜ୍ ; ବିବାହର ହଠାତ୍ କିମ୍ବା ଅସ୍ୱଷ୍ଟ ବାତିଲ୍ ହେତୁ ଏହି ଅଂଶ କ୍ଷତି ବହନ କରେ।
୩. ସମ୍ପତିର କ୍ଷତି ; ଏହା ସମ୍ପତି କିମ୍ବା କ୍ଷତିରୁ ରକ୍ଷା କରିଥାଏ।
୪. ବ୍ୟକ୍ତିଗତ ଦୁର୍ଘଟଣା ; ଏଥିରେ ର ଦୁର୍ଘଟଣା ହେତୁ ବର/କନ୍ୟାକୁ ଡାକ୍ତରଖାନାରେ ଭର୍ତ୍ତି କରାଯିବା ଖର୍ଚ୍ଚ ଅନ୍ତର୍ଭୁକ୍ତ।

ବିବାହ ବୀମା ବିବାହ ବାତିଲ ଠାରୁ ଆରମ୍ଭ କରି ଚୋରି କିମ୍ବା ଚୋରି ପର୍ଯ୍ୟନ୍ତ ସମସ୍ତ କ୍ଷତିକୁ ବୀମା କଭରେଜ୍ କରିଥାଏ। ଯେତେବେଳେ ବାତିଲ ହୁଏ ଏହା ନିମ୍ନଲିଖିତ ଖର୍ଚ୍ଚ ବହନ କରେ .

୧. କ୍ୟାଟରିଂ ପାଇଁ ଦିଆଯାଇଥିବା ଅଗ୍ରୀମ
୨. ବିବାହ ସ୍ଥାନ ପାଇଁ ଦିଆଯାଇଥିବା ଆଡଭାନ୍ସ
୩. ଟ୍ରାଭେଲ ଏଜେନ୍ସିଗୁଡିକୁ ଦିଆଯାଇଥିବା ଆଡଭାନ୍ସ
୪. ହୋଟେଲ ରୁମ୍ ବୁକିଂ ପାଇଁ ଦିଆଯାଇଥିବା ଆଡଭାନ୍ସ
୫. ବିବାହ ନିମନ୍ତ୍ରଣ କାର୍ଡ ମୁଦ୍ରଣ ମୂଲ୍ୟ
୬. ସଂଗୀତ ଏବଂ ସାଜସଜ୍ଜା ପାଇଁ ଅଗ୍ରୀମ
୭. ସାଜସଜ୍ଜା ଏବଂ ବିବାହ ସେଟ୍ ମୂଲ୍ୟ

ଯଦି ବିବାହ କାର୍ଯ୍ୟକ୍ରମରେ କୌଣସି ଅଘଟଣ ଘଟେ, ତେବେ ତୁରନ୍ତ ତୁମେ ଏହା ବିଷୟରେ ବୀମା କମ୍ପାନୀକୁ ଜଣାଇବା ଉଚିତ୍। ଏହା ପରେ ବୀମା କମ୍ପାନୀ ତରଫରୁ ଏକ ଛୋଟ ଯାଂଚ ହେଉଛି ଏବଂ ଯଦି ଆପଣ ସଠିକ୍ କାରଣ ହେତୁ କ୍ଷତି ସହିଛନ୍ତି, ତେବେ କମ୍ପାନୀ ଦ୍ୱାରା ହୋଇଥିବା କ୍ଷତି ପାଇଁ ଆପଣଙ୍କୁ କ୍ଷତିପୂରଣ ଦିଆଯିବ। କିନ୍ତୁ କିଛି କାରଣ ଅଛି ଯେଉଁ ଥିଲେ ବିବାହ ବୀମା କାମ କରୁନାହିଁ।

# ମୋଦୀଙ୍କ ରାଲିରେ ହିଂସାର ଯୋଜନା, ୪ ସପା ନେତାଙ୍କୁ ଗିରଫ କଲା ପୋଲିସ




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଲିରେ ହିଂସା କାଣ୍ଡର ଯୋଜନା କରୁଥିବା ୪ଜଣଙ୍କୁ ଗିରଫ କରାଯାଇଛି। ସମାଜବାଦୀ ପାର୍ଟିର ଏହ ୪ ଜଣ ନେତା ମୋଦୀଙ୍କ କାନପୁର ଗସ୍ତ ସମୟରେ ହିଂସାରେ କରିବାର ଯୋଜନା କରୁଥିଲେ। ଭଙ୍ଗାରୁଜା ଓ ମାଡପିଟର ଯୋଜନା ପ୍ରସ୍ତୁତ କରାଯାଇଥିବା ବେଳେ ଏହାକୁ ପଣ୍ଡ କରି ଦେଇଛି ୟୁପି ପୋଲିସ। ଗିରଫ ବ୍ୟକ୍ତିଙ୍କ ନାମ ସୁକାନ୍ତ ଶର୍ମା ,ସଚିନ କେଶରବାନି, ଅଭିଷେକ ରାଓ୍ତ ଓ ନିକେଶ କୁମାର ବୋଲି ଉତ୍ତରପ୍ରଦେଶ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ ୪ ଜଣ ଫେରାର ଅଛନ୍ତି। ଏହି ସମାଜବାଦୀ କର୍ମୀ ମାନେ ନିଜ ଗାଡିରେ ମୋଦୀଙ୍କ ପୋଷ୍ଟର ଲଗାଇ ବୁଲି ଭଙ୍ଗାରୁଜା କରିଥିଲେ। ତେବେ ନିଆଁ ଲଗାଇବା ସମୟର ଭିଡିଓ ରେର୍କଡ ହୋଇଥିବା ବେଳେ ଉକ୍ତ ଭିଡିଓ ଆଧାରରେ ସମସ୍ତଙ୍କୁ କରାଯାଇଥିଲା।

# ବିଜେପି କହୁଛି କୋଟିଏ ଭୋଟ ଦିଅ, ୭୦ ଟଙ୍କାରେ ମଦ ମିଳିବ

**ହାଇଦ୍ରାବାଦ(ସଂପର୍କବାର୍ତ୍ତା):-** ଆନ୍ଧ୍ରପ୍ରଦେଶ ବିଜେପି ସଭାପତି ସୋମୁ ଭିରାଜୁ କହିଛନ୍ତି ଯଦି ଦଳ ରାଜ୍ୟରେ ଏକ କୋଟି ଭୋଟ ପାଇବ, ତେବେ ୭୦ଟଙ୍କା ମୂଲ୍ୟରେ ମଦ ଯୋଗାଇ ଦିଆଯିବ। ସେ ଆହୁରି ମଧ୍ୟ କହିଛନ୍ତି ଯଦି ଅଧିକ ରାଜସ୍ୱ ବାକି ଅଛି, ତେବେ ମଦ ମୂଲ୍ୟ ୫୦ଟଙ୍କାରୁ ମଧ୍ୟ ଖସିଆସିବ।

ମଙ୍ଗଳବାର ବିଜୟୱାଡାର ଜନସାଧାରଣଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, ଭାରତୀୟ ଜନତା ପାର୍ଟିଙ୍କୁ ଏକ କୋଟି ଭୋଟ ଦିଅ ଆମେ ମାତ୍ର ୭୦ଟଙ୍କା ପାଇଁ ମଦ ଯୋଗାଇଦେବୁ। ଯଦି ଆମ ପାଖରେ ଅଧିକ ରାଜସ୍ୱ ବାକି ଅଛି, ତେବେ କେବଳ ୫୦ ଟଙ୍କାରେ ମଦ ଯୋଗାଇ ଦିଆଯିବ। ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ରାଜ୍ୟ ସରକାର ଅଧିକ ମୂଲ୍ୟରେ ଲୋକଙ୍କୁ ଖରାପ କ୍ୱାଲିଟି ମଦ ବିକ୍ରି କରୁଛନ୍ତି।




## ରଘୁନାଥପୁର ବ୍ଲକ୍‌ର ଗୁମର କଥା...

# ଯନ୍ତ୍ରୀ ମଦ ପିଇ ଶୋଇଛି, ରାତିରେ ରାସ୍ତା ନିର୍ମାଣ ଚାଲିଛି

**ରଘୁନାଥପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରାଢଙ୍ଗ ପଂଚାୟତରେ ବିଭାଗୀୟ ଯନ୍ତ୍ରୀ କୁଆଡେ ମଦ ପିଇ ଶୋଇଛନ୍ତି ତାଙ୍କ ଅନୁପସ୍ଥିତିରେ ରାତିରେ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଥିବା ଗ୍ରାମବାସୀମାନେ ଅଭିଯୋଗ କରୁଛନ୍ତି। ଏ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବାର ଶୁଣାଯାଉଛି। ପ୍ରକାଶଥାଉକି, ରାଢଙ୍ଗ ପଂଚାୟତର ତ୍ରୀନାଥ ଛକଠାରୁ ବଡ ପୋଖରୀ ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣ କାର୍ଯ୍ୟରେ ସରକାରୀ ନିୟମ ଉଲ୍ଲଘନ, ସରକାରୀ ଅର୍ଥ ହଡପ ଓ ବେନିୟମ ଭାବେ ବିନା ଯନ୍ତ୍ରଙ୍କ ଉପସ୍ଥିତିରେ ରାତି ଅଧିଆ ଅତ୍ୟନ୍ତ ନିମ୍ନାମାନର ରାସ୍ତା କାର୍ଯ୍ୟ ଗତକାଲି ରାତିରେ



କରାଯାଇଅଛି। ଏହି ରାସ୍ତା କାର୍ଯ୍ୟର ବିବରଣୀ ନିମନ୍ତେ ନାମଫଳକ ଲଗାଯାଇନାହିଁ। ରାତି ଅଧିଆ ଏଭଳି ନିମ୍ନମାନର କାର୍ଯ୍ୟ କାହା ନିର୍ଦ୍ଦେଶରେ କରାଯାଉଛି ବୋଲି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା ଅଭିଯୋଗ କରିଛନ୍ତି। ରାତିରେ ନିୟୋଜିତ କାର୍ଯ୍ୟରେ ଶ୍ରମିକ ମାନଙ୍କୁ କେତେ ଟଙ୍କାର ମଜୁରି ଦେବାର ନିୟମ ରହିଛି ? ଏହି ରାସ୍ତା ନିର୍ମାଣର କାର୍ଯ୍ୟ କେଉଁ ପଦ୍ଧତିରେ କରାଗଲା ? ରାସ୍ତା ନିର୍ମାଣ ନିମନ୍ତେ ଫିଜିବିଲିଟି ରିପୋର୍ଟ କେଉଁ ଆଧାରରେ କରାଗଲା ? ଏଭଳି ଅନେକ ପ୍ରଶ୍ନ କରିଛନ୍ତି ଗ୍ରାମବାସୀ। ଏହି ନିମ୍ନମାନର ଓ ବେନିୟମ ରାସ୍ତା କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ ରଘୁନାଥପୁର ବିଡିଓ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଗ୍ରାମବସୀମାନେ ବ୍ଲକ ସମ୍ମୁଖରେ ଅନଶନ କରିବେ ବୋଲି ଶ୍ରୀ ମହାରଣା ଜଣାଇଛନ୍ତି।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ଜାନୁଆରୀ ୩ ରୁ ୯, ୨୦୨୨, ଜଗତସିଂହପୁର

January 3 to 9, 2022, Jagatsinghpur

www.samparkabarta.in




# ନର୍ଦ୍ଦମା ପାଣି ଯୋଗୁଁ ମହାନଦୀ ପ୍ରଦୂଷିତ

**କଟକ(ସଂପର୍କବାର୍ତ୍ତା):-** ମହାନଦୀ ପାଣି ଏବେ ଗୁରୁତର ଭାବେ ପ୍ରଦୂଷିତ ହେଉଛି। କଟକର ନର୍ଦ୍ଦମା ପାଣିକୁ ସିଧାସଳଖ ମହାନଦୀକୁ ଛାଡ଼ି ଦିଆଯାଉଛି। କଟକରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରହିଛି। ଏଠାରେ ଆଞ୍ଚଳିକ ଅଧିକାରୀ ଓ ଅନ୍ୟ ପଦାଧିକାରୀ କାର୍ଯ୍ୟ କରୁଛନ୍ତି। କିନ୍ତୁ ଏଥିପ୍ରତି ସେମାନେ କୌଣସି ପଦକ୍ଷେପ ନେଉ ନଥିବା ଏବେ ପ୍ରତିକ୍ରିୟାର କାରଣ ହୋଇଛି। ଆଞ୍ଚଳିକ ଅଧିକାରୀ ଇ' ରଶ୍ମିତା ପ୍ରିୟଦର୍ଶନୀ କହିଛନ୍ତି ଯେ ଏ କ୍ଷେତ୍ରରେ ତାଙ୍କର ପ୍ରଦୂଷଣ ନିୟନ୍ତ୍ରଣ କରିବାର କ୍ଷମତା ନାହିଁ। ମହାନଦୀର ନରାଜ, ଧବଳେଶ୍ୱର ଓ ଗତିରାଉତପାଟଣା ନିକଟରୁ ମହାନଦୀରୁ ଜଳ ନମୁନା ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ସେମାନେ ପଠାଉଛନ୍ତି। ରାଜ୍ୟ ପ୍ରଦୂଷଣ ବୋର୍ଡ଼ ଏ କ୍ଷେତ୍ରରେ ଯାହା ପଦକ୍ଷେପ ନେଇପାରିବ। ଅନ୍ୟପଟେ ଯୋବ୍ରା ରେଳ ଲାଇନ୍ କଡ଼େ କଡ଼େ ଅରକ୍ଷିତ ଦାସ ମଠ ନିକଟରେ ସିଏମ୍‌ସି ପକ୍ଷରୁ ଚଉଡ଼ଶ ଡ୍ରେନ ନିର୍ମାଣ କରାଯାଇ କଟକ ସହର ବର୍ଜ୍ୟଜଳ, ନର୍ଦ୍ଦମା ପାଣି ସିଧାସଳଖ ମହାନଦୀକୁ ଛଡ଼ା ଯାଉଛି। ଏପଟେ ଗଣ୍ଡରପୁର ଠାରୁ ବାହାରିଥିବା ଏମ୍ ଏସ୍ ଡବ୍ଲୁ-୨ ନର୍ଦ୍ଦମା ପାଣି ନୂଆ ବଜାର, ବିଦ୍ୟାଧରପୁର, କେଶପୁର, ଏନ୍ ଆର୍ ଆର୍ ଆଇ ଦେଇ





ଗୁଳୁଗୁଳି ପୋଲବାଟେ ସିଧାସଳଖ ମହାନଦୀରେ ମିଶୁଛି। ବର୍ଷାଦିନେ ଏହି ଗୁଳୁଗୁଳି ପୋଲବାଟେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ପମ୍ପ ହାଉସ୍ ସାହାଯ୍ୟରେ ନର୍ଦ୍ଦମା ପାଣି ସିଧାସଳଖ ମହାନଦୀକୁ ଛଡ଼ା ଯାଉଥିବା ବେଳେ ଅନ୍ୟ ଋତୁରେ କବାଟ ଖୋଲି ଦିଆଯାଉଛି। ଏହାଛଡ଼ା ଶିଖରପୁର ଠାରୁ ଗାନ୍ଧୀ କଲୋନି, କନ୍ହେଇପୁର, ଭଦିମୂଳ, ଗତିରାଉତପାଟଣା, ଆୟତପୁର ମହାନଦୀ କୂଳରେ ହଜାର ହଜାର ଗୃହ ନିର୍ମାଣ କରି ରହିଥିବା ଲୋକଙ୍କ ବର୍ଜ୍ୟ ପାଣି ମହାନଦୀରେ ମିଶୁଛି। ପ୍ରଦୂଷିତ ମହାନଦୀ ପାଣି ସଂପର୍କରେ ମତ ରଖି ବିଶିଷ୍ଟ ମତ୍ସ୍ୟଚାଷ ବିଶେଷଜ୍ଞ ଡଃ ଅମ୍ବିକା ପ୍ରସାଦ ନାୟକ କହିଛନ୍ତି ଯେ ନର୍ଦ୍ଦମା ପାଣିରେ ଅତ୍ୟଧିକ ଜୈବିକ ପଦାର୍ଥ ମିଶି ରହିଥାଏ। ଏହି ଜୈବିକ ପଦାର୍ଥର ବିଷାକ୍ତ ଗ୍ୟାସ ଯୋଗୁଁ ନଦୀଜଳରୁ ଦ୍ରବୀଭୂତ ଅମ୍ଳଜାନ ପରିମାଣ କମିଯାଏ। ଫଳରେ ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଭଳି ଜଳଜୀବ ଅଧିକ ସଂଖ୍ୟାରେ ମରି ଯାଇଥାନ୍ତି। ଏଭଳି ମାଛ ଖାଇଲେ ମଣିଷ ବି ରୋଗରେ ପଡ଼େ। ଅନ୍ୟପଟେ ଚର୍ମରୋଗ ବିଶେଷଜ୍ଞ ଡାକ୍ତର ମାନସ ରଞ୍ଜନ ପୁହାଣ କହିଛନ୍ତି, ନର୍ଦ୍ଦମା ପାଣିରେ ବିଭିନ୍ନ ପ୍ରକାର କେମିକାଲ ମିଶି ରହିଥାଏ। ଏହି ପାଣି ନଦୀ ଜଳରେ ମିଶି ଅଧିକ ବିଷାକ୍ତ ହୋଇଥାଏ। ଏହି ପାଣିରେ ଗାଧୋଇଲେ ବିଭିନ୍ନ ପ୍ରକାରର ଚର୍ମରୋଗ ହୋଇଥାଏ। ମୃର୍ତ୍ତିକା ରସାନବି ହିରଣ୍ୟମୟୀ ଷଡ଼ଙ୍ଗୀ କହିଛନ୍ତି ଯେ ନର୍ଦ୍ଦମା ପାଣି ମିଶିଥିବା ନଦୀ ପାଣିରେ ଜଳସେଚନ କଲେ ମାଟି ଅମ୍ଳ ଓ ଏସିଡ଼ିଟି ହୋଇ ଉର୍ବର ଶକ୍ତି ହ୍ରାସ ପାଇବା ଜମିରେ ଫସଲ ଉତ୍ପାଦନ କମିଯିବ। ଗତବର୍ଷ କିଶୋର ନଗର ନଦୀପଠାରେ ବେଆଇନ ଭାବେ ନିର୍ମାଣ ପ୍ରସଙ୍ଗରେ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରିନ ଟ୍ରିବୁନାଲ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କଟକସହର ମଧ୍ୟରେ ଥିବା ମହାନଦୀ କୂଳରେ ବହୁତଳ ପ୍ରାସାଦ ନିର୍ମାଣ ଓ ନଦୀକୁ ବର୍ଜ୍ୟ ଜଳ ଛାଡ଼ିବା ପ୍ରସଙ୍ଗରେ ଗ୍ରିନ୍ ଟ୍ରିବୁନାଲ୍, ସିଡ଼ିଏ, ସିଏମ୍‌ସି ଜିଲ୍ଲା ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ମହାନଦୀର ସୁରକ୍ଷା ଦିଗରେ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

## ହୋଟେଲ୍‌ରେ ସେଲିବ୍ରେସନ୍, ମାଲିକଙ୍କୁ ସମନ୍



**କଟକ(ବାଦାମବାଡି):-** ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଫୁଲ୍ ମୁଡ୍‌ରେ ଚାଲିଥିଲା ପାର୍ଟି, ମଉଜ ମସ୍ତି ମୁଡ୍‌ରେ ଥିଲେ ସମସ୍ତେ। ତା ସହ ଜମିଥିଲା ଖାଇବା ପିଇବାର ଆସର, ଠିକ୍ ଏତିକି ବେଳେ ମାଡି ବସିଥିଲା ସିଏମ୍‌ସି କର୍ମଚାରୀ। ସୂଚନା ଥାଉକି କଟକରେ ଏକ ବଦମାସିଆ ମାଲିକଙ୍କ ହୋଟେଲ୍‌ରେ ଜିରୋ ନାଇଟ୍ ସେଲିବ୍ରେସନ୍ ବେଳେ ସିଏମ୍‌ସିର ଏନ୍‌ଫୋର୍ସମେଣ୍ଟ୍ ସ୍କ୍ୱାର୍ଡ ପକ୍ଷରୁ ରେଡ୍ କରାଯାଇଥିଲା। ସିଏମ୍‌ସି ପକ୍ଷରୁ ସଂପୃକ୍ତ ହୋଟେଲ୍ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ କଟକରେ ପୋଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ଲକିଂ କରି ଚେକିଂ କରାଯାଉଥିଲା। ବିଳମ୍ବିତ ରାତିରେ ବୁଲୁଥିବା ବ୍ୟକ୍ତିଙ୍କୁ ଅଟକାଇ କାରଣ ପଚାରି ଛାଡୁଥିଲା। ପୁଣି ଥରେ ରାଜ୍ୟରେ କରୋନା ତା'ର କାୟା ବିସ୍ତାର କରିବାରେ ଲାଗିଛି। ନୂଆ ଭାରିଆଣ୍ଟ୍ ଓମିକ୍ରନ୍‌କୁ ନେଇ ଚିନ୍ତା ବଢିଛି। ରାଜ୍ୟରେ ୮ରୁ ଅଧିକ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ କଟକଣା ସବୁ କଡାକଡି କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଭିଡ ଓ ସମାବେଶକୁ ଏଡାଇବା ପାଇଁ ନୂଆବର୍ଷ ଓ ଜିରୋ ନାଇଟ୍ ସେଲିବ୍ରେସନ୍ ଉପରେ ସରକାରଙ୍କ ପକ୍ଷରୁ କଟକଣା ଲାଗୁ କରାଯାଇଛି। ସରକାରଙ୍କ ଏହି କଟକଣାକୁ ବେଖାତିର କରି ସଂପୃକ୍ତ ହୋଟେଲ୍ ମାଲିକ ଏପରି ଗ୍ରାହାକଙ୍କୁ ଭର୍ତ୍ତି କରି ମସ୍ତି କରୁଥିବାରୁ ଯିଏ ଶୁଣୁଛି ସିଏ କହୁଛି ମାଲିକଟି ବଦମାସିଆଟାଏ। ନ ହେଲେ କରୋନା ସମୟରେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଉଥିବା ବେଳେ ସରକାରଙ୍କ ନୀତି ନିୟମକୁ ଫୁ କରି ଅର୍ଥ ଲୋଭରେ ଏପରି ଗ୍ରାହାକଙ୍କୁ ଭର୍ତ୍ତି କରି ସେଲିବ୍ରେସନ୍ କରିବା ଏସବୁ ଅମାନବିକତାର କାର୍ଯ୍ୟ ବୋଲି ସାଧାରଣରେ ଆଲୋଚନା ହେଉଛି।

# ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍‌ରେ ସଂଶୋଧନ ପାଇଁ ୩ଟି ଅଧ୍ୟାଦେଶକୁ ଅନୁମୋଦନ କରାଯାଇଛି। ଓଡ଼ିଶା ଗ୍ରାମପଞ୍ଚାୟତ ଅଧିନିୟମ-୧୯୬୪, ଓଡ଼ିଶା ପଞ୍ଚାୟତ ସମିତି ଅଧିନିୟମ-୧୯୫୯ ଏବଂ ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମ-୧୯୯୧ରେ ଆବଶ୍ୟକ ସଂଶୋଧନ ଅଧ୍ୟାଦେଶ ମାଧ୍ୟମରେ କରାଯାଇଛି।

ଏଣିକି ପଞ୍ଚାୟତିରାଜ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀଙ୍କ ନିମନ୍ତେ ସତ୍ୟପାଠ ଦାଖଲ ବାଧ୍ୟତାମୂଳକ କରାଯାଇଛି। ପ୍ରାର୍ଥୀମାନେ ନିଜର ଅପରାଧିକ, ଶିକ୍ଷାଗତ ଓ ସମ୍ପତ୍ତି ଆଦି ସମ୍ପର୍କରେ ସତ୍ୟପାଠ ଉଲ୍ଲେଖ କରିବେ। ଭୁଲ ତଥ୍ୟ ଦେଲେ ଜେଲଦଣ୍ଡ ସହ ଜୋରିମାନା ବ୍ୟବସ୍ଥା ରହିଛି। ସେହିପରି ବିପର୍ଯ୍ୟୟ ପରିଚାଳନାକୁ ମଧ୍ୟ ଆଇନ୍‌ଗତ ଭାବେ ଲାଗୁ କରାଯାଇଛି।

ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପଞ୍ଚାୟତ ପ୍ରତିନିଧିମାନେ ବିପର୍ଯ୍ୟୟ ପରିଚାଳନାରେ ସାମିଲ ହେବାକୁ ବାଧ୍ୟ ହେବେ। ଏହାଛଡା ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଓ ବିଡିଏର ୧୬ଟି ପ୍ରକଳ୍ପରେ ଘର ଓ ଦୋକାନ ନେଇଥିବା ପ୍ରାୟ ୫୨୩୫ ଜଣ ଲିଜ୍‌ଧାରୀଙ୍କୁ ମାଲିକାନା ମିଳିବ। ସେମାନେ ଆବଶ୍ୟକ ସ୍ଥଳେ ନିଜର ଘରକୁ ବନ୍ଧକ ଓ ବିକ୍ରି କରିପାରିବେ। ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ



କ୍ୟାବିନେଟ୍ ମଞ୍ଜୁର କରିଛି।

ରାଜ୍ୟ ସରକାର ଓଡ଼ିଶା ସରକାରୀ ମହାବିଦ୍ୟାଳୟ ଗ୍ରନ୍ଥାଗାରିକ(ନିଯୁକ୍ତି ଓ ସେବା ସର୍ତ୍ତ) ନିୟମାବଳୀ-୨୦୧୭କୁ ସଂଶୋଧନ କରିବେ। ସରକାରୀ ମହାବିଦ୍ୟାଳୟରେ କନିଷ୍ଠ ଗ୍ରନ୍ଥାଗାରିକ ଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଉକ୍ତ ନିୟମାବଳୀରେ ସଂଶୋଧନ କରାଯିବ। କନିଷ୍ଠ ଗ୍ରନ୍ଥାଗାରିକ ପଦବୀ ନିମନ୍ତେ ପ୍ରତିଯୋଗିତାମୂଳକ ପରୀକ୍ଷା ରାଜ୍ୟ ଚୟନ ବୋର୍ଡ ଦ୍ୱାରା ପରିଚାଳିତ ହେବ। କେଉଁ ତାରିଖରେ କେଉଁଠି ପରୀକ୍ଷା ହେବ ତାହା ବୋର୍ଡ ନିର୍ଦ୍ଧାରଣ କରିବ।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ସେହିପରି ସରକାରୀ କଲେଜ ପ୍ରୟୋଗଶାଳା ସହାୟତା ତଥଅ ଭଣ୍ଡାର ରକ୍ଷକ(ନିଯୁକ୍ତି ଓ ସେବାସର୍ତ୍ତ) ନିୟମାବଳୀ ୨୦୧୭ରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏହି ସଂଶୋଧନ ପରେ ପ୍ରୟୋଗଶାଳା ସହାୟତା ତଥା ରକ୍ଷକ ପଦବୀ ନିମନ୍ତେ ପ୍ରତିଯୋଗୀତାମୂଳକ ପରୀୀା ଚୟନ ବୋର୍ଡ ଦ୍ୱାରା ପରିଚାଳିତ ହେବ। ଓଡ଼ିଶା ସରକାରୀ ମହାବିଦ୍ୟାଳୟ ଶାରୀରିକ ଶିକ୍ଷା ଶିକ୍ଷକ(ପିଇଟି) ନିଯୁକ୍ତି ଓ ସେବାସର୍ତ୍ତ ନିୟମାବଳୀ ୨୦୧୭ର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁର ଦେଇଛି।

## ଖର୍ଚ୍ଚ କରିପାରିନଥିବା ଟଙ୍କା ଫେରାଇବେ ପ୍ରଧାନଶିକ୍ଷକ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମୋ ସ୍କୁଲ୍ ଅଭିଯାନ ଅଧୀନରେ ଆର୍ଥିକ ଅନୁଦାନ ପାଇ ମଧ୍ୟ କାମ ଆରମ୍ଭ କରିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ଆର୍ଥିକ ଅନୁଦାନ ଫେରାଇବେ। ଏଭଳି ଚେତାବନୀ ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ। ଶୁକ୍ରବାର ଦିନ ଭର୍ଚୁଆଲ୍ ମୋଡ୍‌ରେ ହୋଇଥିବା 'ମୋ ସ୍କୁଲ୍ ଅଭିଯାନ'ର ୩୧ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଅଧ୍ୟକ୍ଷତା କରିବା ଅବସରରେ ସେ ଅର୍ଥ ଖର୍ଚ୍ଚ ନ କରି ପକାଇ ରଖିଥିବା ସ୍କୁଲ୍‌ର ପ୍ରଧାନ ଶିକ୍ଷକମାନେ ତୁରନ୍ତ ଏ ନେଇ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକରେ ଓଡ଼ିଶାର ୨୩ଟି ଜିଲ୍ଲାର ପୁରାତନ ଛାତ୍ରଛାତ୍ରୀଙ୍କ ସହାୟତା, ସିଏସ୍‌ଆର୍ ପାଣ୍ଠି ଅନୁଦାନ ଓ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧୮ କୋଟି ୩୦ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି। ଏଥର ଏହି ଯୋଜନାରେ ନନ୍-କୋର୍ ଆକ୍ଟିଭିଟିକୁ ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଦ୍ୟାଳୟଗୁଡିକ ଭିତ୍ତିଭୂମି ରକ୍ଷଣାବେକ୍ଷଣ, ବଗିଚା ଓ ପୋଷଣ ବଗିଚାର ପରିଚାଳନା, ସ୍ୱଚ୍ଛତା ଓ ପରିମଳ, ବିଦ୍ୟାଳୟର ସୁରକ୍ଷା, କମ୍ପ୍ୟୁଟର, ସ୍ପୋକନ୍ ଇଂଲିଶ୍, ଚିତ୍ରାଙ୍କନ, ନୃତ୍ୟ ଓ ସଙ୍ଗୀତ ଆଦି ଶିକ୍ଷା ପାଇଁ ଆଉଟ୍‌ସୋର୍ସିଂ ମାଧ୍ୟମରେ କର୍ମଚାରୀ ନିଯୁକ୍ତ କରାଯାଇ ପାରିବ। ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର କୋଚିଂ କ୍ଲାସ୍‌ର ମଧ୍ୟ ଆୟୋଜନ କରାଯାଇପାରିବ। ଜିଲ୍ଲାପାଳଙ୍କ ଅନୁମତି କ୍ରମେ ଆର୍ଥିକ ସହାୟତା ପ୍ରଦାନ କରିଥିବା ବ୍ୟକ୍ତିବିଶେଷ କିମ୍ବା ସଂସ୍ଥାଙ୍କ ସହ ଆଲୋଚନା କରିବା ପରେ ପ୍ରଧାନଶିକ୍ଷକ ସରକାରଙ୍କୁ ପ୍ରସ୍ତାବ ପଠାଇବେ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଗୁଣା ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯିବ।



୨୦୨୨ ଶେଷ ସୁଦ୍ଧା ଓଡ଼ିଶାର ୫୦ ହଜାର ବିଦ୍ୟାଳୟରେ ମୋ ସ୍କୁଲ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ ଜାନୁଆରୀ ୨୬ରୁ ୩୧ ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ୫୮ ହଜାର ବିଦ୍ୟାଳୟରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହେବ। ପୁରାତନ ଛାତ୍ରଛାତ୍ରୀଙ୍କ ସହ ସ୍କୁଲ୍ ପରିଚାଳନା କମିଟିର ସଦସ୍ୟ ଓ ପ୍ରଧାନଶିକ୍ଷକ ବିଦ୍ୟାଳୟର ବିକାଶ ପାଇଁ ଯୋଜନା କରିବେ ବୋଲି କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ମୋଟ ୬ଲକ୍ଷ ୨୭ହଜାର ପୁତାନ ଛାତ୍ରଛାତ୍ରୀ ମୋ ସ୍କୁଲ୍ ଅଭିଯାନରେ ସାମିଲ୍ ହୋଇଛନ୍ତି। ଗତ ୧ ମାସ ମଧ୍ୟରେ ମୋ ସ୍କୁଲ୍ ଅଭିଯାନ ସହ ଯୋଡି ହୋଇଥିବା ୧୧ହଜାରରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୪ କୋଟି ୮୬ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବାଲେଶ୍ୱରରେ ସର୍ବାଧିକ ୨କୋଟି ୩୬ଲକ୍ଷ, ସୋନପୁରରେ ୨୩ଲକ୍ଷ ୯୬ହଜାର, ବରଗଡରେ ୨୩ଲକ୍ଷ ୬୮ହଜାର, ଯାଜପୁରରେ ୧୯ଲକ୍ଷ ୨୧ହଜାର ଓ ଜଗତସିଂହପୁରରେ ୧୭ଲକ୍ଷ ୮୭ହଜାର ଟଙ୍କା ପୁରାତନ ଛାତ୍ରଛାତ୍ରୀଙ୍କ ଠାରୁ ପ୍ରାପ୍ତ ହୋଇଛି। ସେହିଭଳି ବିଭିନ୍ନ ସିଏସ୍‌ଆର୍ ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡିକର ବିକାଶ ପାଇଁ ମୋ ସ୍କୁଲ୍ ଅଭିଯାନକୁ ୧ କୋଟି ୨୩ଲକ୍ଷ ଟଙ୍କାର ଅନୁଦାନ ଆସିଛି। ବାଲେଶ୍ୱର ଜିଲ୍ଲାରେ ଚଳିତଥି ମଧ୍ୟ ପୁରାତନ ଛାତ୍ରଛାତ୍ରୀମାନେ ସର୍ବାଧିକ ଆର୍ଥିକ ଅନୁଦାନ ପ୍ରଦାନ କରିଥିବାରୁ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ଭୂମିକାକୁ ପ୍ରଶଂସା କରାଯାଇଛି। ରାଜ୍ୟର ୪୨ହଜାର ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ୍ ଅଭିଯାନକୁ ପହଞ୍ଚାଇବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ ନିର୍ଦ୍ଦେଶ ଦେବା ସହ ପଛରେ ପଡିଥିବା ଜିଲ୍ଲାଗୁଡିକରେ ସଚେତନତା କାର୍ଯ୍ୟକ୍ରମକୁ ଜିଲ୍ଲାପାଳମାନଙ୍କୁ କହିଛନ୍ତି।

ଅନ୍ୟପଟେ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ୩୦ଟି ଜିଲ୍ଲାର ମୋଟ ୧୫୦ଟି ସ୍କୁଲରେ ସୋସିଅଲ୍ ଅଡିଟ୍ ଆରମ୍ଭ ହୋଇଛି। ପର୍ଯ୍ୟାୟକ୍ରମେ ରାଜ୍ୟର ୩୫ ହଜାର ପ୍ରକଳ୍ପ ବିଦ୍ୟାଳୟରେ ଏହି ଅଡିଟ୍ କରାଯିବ। ଏହି ବୈଠକରେ ଓଏସ୍‌ଇପିଏ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ନିର୍ଦ୍ଦେଶକ, ପ୍ରାଥମିକ ନିର୍ଦ୍ଦେଶକ, ଟିଇ ଓ ଏସ୍‌ସିଆର୍‌ଟି ନିର୍ଦ୍ଦେଶକ, ବିଭାଗୀୟ ଅତିରିକ୍ତ ଶାସନ ସଚିବ, ଅତିରିକ୍ତ ତଥା ବିଭାଗୀୟ ଅର୍ଥ ପରାମର୍ଶଦାତା, ମୋ ସ୍କୁଲ୍ କାର୍ଯ୍ୟକ୍ରମର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ଛେଳି ଖାଇ ପୋଲିସ୍ ସସ୍‌ପେଣ୍ଡ୍

**ବଲାଙ୍ଗୀର(ସଂପର୍କବାର୍ତ୍ତା):-** ବଲାଙ୍ଗୀର ଜିଲ୍ଲାରେ ପୋଲିସ୍ ବାବୁ ତଥା ଏଏସ୍‌ଆଇ ସୁମନ୍ ମଲ୍ଲିକ ଛେଳି ଚୋରି କରି ଖାଇବା ପରେ ଫସିଛନ୍ତି। ଏହି ଘଟଣାଟି ଶୁଣିଲେ ଆଶ୍ଚର୍ଯ୍ୟ ହେବେ। ପୋଲିସ୍ ବାବୁ ଜଣକ କାହା ଘରେ ପଶି କିଛି ଚୋରି କରିନାହାଁନ୍ତି କି କାହା ଦୋକାନରେ ପଶି ଲୁଟିନାହାଁନ୍ତି। ଖବରରୁ ପ୍ରକାଶ ସନ୍ଧ୍ୟାରେ ଏକ ଛେଳି ଥାନା ଭିତରକୁ ପଶିଯାଇଥିଲା। ହେଲେ ରାତି ପର୍ଯ୍ୟନ୍ତ ଛେଳିଟି ଥାନାରୁ ଫେରିନଥିଲା। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଛେଳି ନ ମିଳିବାରୁ ମାଲିକ ଗ୍ରାମବାସୀଙ୍କୁ ସବୁ କଥା କହିଥିଲେ। ଏହାପରେ ଗ୍ରାମବାସୀ ଏକାଠି ହୋଇ ଥାନା ପରିସରରେ ଖୋଜାଖୋଜି କରିବା ପରେ ପଛପଟେ ରକ୍ତ ଓ ଛେଳିର ହାଡଗୋଡ ପଡିଥିବାର ଦେଖିବାକୁ ପାଇଥିଲେ। ଏହାପରେ ଛେଳି ମାଲିକ ଥାନାରେ ଅଭିଯୋଗ କରିଥିଲେ। ହେଲେ ସୁମନ୍ ତାଙ୍କୁ(ଛେଳି ମାଲିକ)ଙ୍କୁ ନେଇ




ଫେରାର୍ ହୋଇଯାଇଥିଲେ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଗ୍ରାମବାସୀ ଏକାଠି ହେବା ସହ ଅଭିଯୁକ୍ତ ଏଏସ୍‌ଆଇଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ପରେ ଏସ୍‌ପି ନୀତିନ୍ କୁସଲ୍‌କରଙ୍କ ପାଖରେ ପହଞ୍ଚିଥିଲେ। ଏହା ପରେ ଏସ୍‌ପି କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏଏସ୍‌ଆଇ ସୁମନ୍‌କୁ ଚାକିରୀରୁ ସସ୍‌ପେଣ୍ଡ୍ କରିଥିବା ଜଣାପଡିଛି।

## ପାରାଦୀପରେ ପୁଣି ବ୍ରାଉନ୍ ସୁଗାର ଜବତ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦୀପ ନୂଆବଜାର କଲୋନୀ ଅଂଚଳରୁ ରବିବାର ସଂନ୍ଧ୍ୟାରେ ନିଷିଦ୍ଧ ଧଳା ଜହର ବ୍ରାଉନ୍ ସୁଗାର ବିକ୍ରି କରୁଥିବା ଦୁଇ ଜଣଙ୍କୁ ଗିରଫ କରିଛି ପାରାଦୀପ ଆଦର୍ଶ ଥାନା ପୋଲିସ୍ । ଘଟଣାରୁ ପ୍ରକାଶ ଯେ, ପାରାଦୀପ ନୂଆବଜାର ଷଣ୍ଢ ଛକ ନିକଟରେ ଦୁଇ ଅଭିଯୁକ୍ତ ଗଂଜାମ ଜିଲ୍ଲା ବକ୍ସିପଲ୍ଲୀ ଅଂଚଳର ମୂଳ ବାସିନ୍ଦା ତଥା ପାରାଦୀପ ନୂଆବଜାରରେ ରହୁଥିବା ଶୁକଦେବ ନାୟକଙ୍କ ପୁଅ ମନୋରଂଜନ ନାୟକ(୨୯) ଓରଫ ରାଜୁ ଏବଂ ବିହାର ରାଜ୍ୟର ପାଟନା ଅନ୍ତର୍ଗତ ନକତାଦିଆରା ଅଂଚଳର ମୂଳ ବାସିନ୍ଦା ତଥା ପାରାଦୀପ ନୂଆବଜାରରେ ରହୁଥିବା ହାକିମ୍ ରାୟଙ୍କ ପୁଅ ଛୋଟୁ ରାୟ(୩୩) ରବିବାର ଦିନ ରାତି ପ୍ରାୟ ୮ଟା ସମୟରେ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ଖବର ପାଇ ପୋଲିସ୍ ଘଟଣାସ୍ଥଳରେ ପହଂଚିଥିଲା । ସେଠାରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ୍ ଧରିବା ସହ ସେମାନଙ୍କ ନିକଟରୁ ୯.୬ ଗ୍ରାମର ବ୍ରାଉନ୍ ସୁଗାର ଜବତ କରିଥିବା ନେଇ ପାରାଦୀପ ଥାନା ଅଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚାନ ଦେଇଛନ୍ତି । ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲଣ କରାଯାଇଛି । ଏସଂପର୍କରେ ପାରାଦୀପ ଥାନାରେ ୩୦୩/୨୧ ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି ।



# ସମ୍ପାଦକୀୟ

## ନୂଆ ବର୍ଷ:ଆହ୍ୱାନ ଓ ସମ୍ଭାବନା

ଅତୀତର ଅତଳ ଗର୍ଭରେ ବିଲୀନ ହୋଇଛି ୨୦୨୧ରେ ଘଟିତ ଅସୁମାରୀ ଘଟଣାବଳୀର ସ୍ମିତ, ମଧୁର ସ୍ମୃତି-ଅନୁଭୂତି, ଅପାସୋରା ମୁହୂର୍ତ୍ତ, ସଫଳତା-ବିଫଳତାର ଚିତ୍ର, ସଂଘର୍ଷ ଓ ସଗ୍ରାମର ନିଷ୍ଠୁର ବାସ୍ତବତା, ଦିଗ ଦିଗନ୍ତର ଉ□ାନ-ପତନ, ସାମହିକ ମାନବୀୟ ଚେତନାର ବିଲୟ, ପୁଣି ଅଭ୍ୟୁଦୟ ତଥା ପରିବର୍ତ୍ତନ ଓ ପରିବର୍ଦ୍ଧନର ବିବିଧ ରୂପ। ଗତିଶୀଳ ସମୟ ସବୁକିଛିର ମୁକସାକ୍ଷୀ, ମାତ୍ର କାହା ପାଇଁ ସେ ଅପେକ୍ଷାମାଣ ନୁହେଁ। ସମୟର ପ୍ରବାହମାନ ଧାରା, ଜୀବନ ଯାତ୍ରାରେ ଆଣିଛି ନିରନ୍ତର ଗତିଶୀଳତା ଯାହା ଅତୀତର ଅମୂଲ୍ୟ ଅନୁଭୂତିକୁ ଆଧାର କରି ନୂତନତାର ସର୍ଜନାରେ ନିଜକୁ ସର୍ମିପି ଦେଇଛି। ଅଫେରା ବର୍ଷ ୨୦୨୧ର ଅନୁଭୂତି-ଲବ୍ଧ ସାରବର୍ତ୍ତା ହିଁ ଆମ ପାଇଁ ନୂତନ ବର୍ଷ-୨୦୨୨ରେ ଆଲୋକ ବର୍ତ୍ତିକା। ଅନନ୍ତ ସମ୍ଭାବନାର ସୂର୍ଯ୍ୟ ପ୍ରେରଣାର ସୁନେଲି କିରଣରେ ସତେ ଅବା ଆମକୁ ମାର୍ଗ ଦର୍ଶନ ଦେଇଛି; ସର୍ବବିଧି ସମୃଦ୍ଧି ପାଇଁ ନିଜକୁ ଉଦ୍‌ଯୋଗର ମହାଯଜ୍ଞରେ ସମର୍ପି ଦେବା ନିମିତ୍ତ। ସମୁଚିତ ମାର୍ଗରେ, ବ୍ୟକ୍ତିଗତ, ପାରିବାରିକ, ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଚରୈବେତି ମହାମନ୍ତ୍ରରେ ପ୍ରତିଟି ମୁହୂର୍ତ୍ତରେ ଆଗୁସାର ହେବା ପାଇଁ।

ଇଂଲିଶ ନବବର୍ଷ-୨୦୨୨, ଆମ ସମସ୍ତଙ୍କ ପାଇଁ ଆଣିଛି ନାନାଦି ଆହ୍ୱାନ, ପୁଣି ସମାଧାନର ଅସୀମ ସମ୍ଭାବନା। ସମଗ୍ର ମାନବ ସମାଜ ଅତି ଜଟିଳ। ଘଟିସନ୍ଧୀ ମୁହୂର୍ତ୍ତ ଦେଇ ଗତି କରୁଥିବା ସମୟରେ ଆମକୁ ଅଭୂତପୂର୍ବ ଧୈର୍ଯ୍ୟ, ଦୃଢତା, ତଥା ଉତ୍ସର୍ଗୀକୃତ ଅଧ୍ୟବ୍ୟବସାୟ ମାଧ୍ୟମରେ ସେ ସବୁର ସମ୍ମୁଖୀନ ହେବା ପାଇଁ ପଡିବ। ଅତୀତରୁ ବର୍ତ୍ତମାନ ଓ ବର୍ତ୍ତମାନରୁ ସମ୍ଭାବ୍ୟ ଭବିଷ୍ୟତ ଆଡକୁ ଆମକୁ ପାଦେ ପାଦେ ଅଗ୍ରସର ହେବା ପାଇଁ କେବଳ ସଂକଳ୍ପବଧ ନୁହେଁ ନିରନ୍ତରବତୀ ହେବା ପାଇଁ ପଡିବ। ପ୍ରଖ୍ୟାତ ଇଂଲିଶ୍ ପ୍ରାବନ୍ଧିକ ଫ୍ରାନ୍ସିସ୍ ବ୍ୟାକନ୍‌ଙ୍କ ସେହି ଆପ୍ତବାକ୍ୟ 'Sweetest are the uses of adversity' ପ୍ରତିକୂଳ ପରିସ୍ଥିତିର ସଦୁପଯୋଗ ହିଁ ଦେଇଥାଏ ମଧୁର ଅନୁଭୂତି। ପ୍ରାୟ ଦୁଇବର୍ଷ ଧରି ସମଗ୍ର ବିଶ୍ୱର, ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ଅର୍ଥନୈତିକ, ବୃତ୍ତିଗତ, ସ୍ୱାସ୍ଥ୍ୟଭିତ୍ତିକ ସମସ୍ତ ଭିତ୍ତିଭୂମିକୁ କରୋନା ମହାମାରୀ ଧ୍ୱଂସ୍ତବିଧ୍ୱଂସ୍ତ କରିଦେବା ପରେ ଏବଂ ଏହାର ପ୍ରକୋପ ଅନେକ ମାତ୍ରାରେ ହ୍ରାସ ପାଇବା ମାତ୍ରେ ଜନସାଧାରଣ, ପ୍ରଶାସନ, ସବୁ ସ୍ତରରେ ପୁଣିଥରେ ନୂଆ ଜୀବନ ପାଇଁ, ଅଭିନବ ଭିତ୍ତିଭୂମି ଲାଗି ପ୍ରୟାସ କରୁଛନ୍ତି। ମାତ୍ର, କ୍ଷିପ୍ରଗତିରେ ମାଡିଚାଲିଥିବା 'ଓମିକ୍ରନ୍' ବିଶ୍ୱର ଅନେକ ରାଷ୍ଟ୍ରକୁ ସଂକ୍ରମଣ କରିବାରେ ଲାଗିଛି। ଅବଶ୍ୟ ବିଶେଷଜ୍ଞଙ୍କ ମତରେ କରୋନା ଅପେକ୍ଷା ଏହା ଦେଢଗୁଣ ଶୀଘ୍ର ବ୍ୟାପୁଥିଲେ ମଧ ଏତେଟା ଘାତକ ନୁହେଁ। ତେବେ ଘନଘନ ଏହି ପ୍ରଜାତିର ରୂପାନ୍ତର, ନାନାଦି ଆଶଙ୍କା ସୃଷ୍ଟି କରିଛି। ତେବେ ପ୍ରାୟ ଦୁଇ ବର୍ଷ ଧରି ଆମ ଦେଶ, ବିଶେଷଜ୍ଞଙ୍କ ପରାମର୍ଶକୁ କାର୍ଯ୍ୟକାରୀ କରି, ସ୍ୱାସ୍ଥ୍ୟ ଭିତ୍‌ଭୂମିକୁ ସୁଦୃଢ କରିବା ସଙ୍ଗେ ସଙ୍ଗେ, ଜନସାଧାରଣଙ୍କୁ ସଚେତନ ଓ ସଶକ୍ତ କରିପାରିଛି।

କେନ୍ଦ୍ର ସରକାରଙ୍କ ସର୍ବବୃହତ୍ ଟିକାକରଣ ଅଭିଯାନ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ବିହିତ ପଦକ୍ଷେପ ଏବଂ ସାଧାରଣ ଜନତାଙ୍କ ଅକୁଣ୍ଠ ସହଯୋଗ, ଆମକୁ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ମାନ୍ୟତା ଦେଇଛି। ସେଥିପାଇଁ ୮୪ତମ ମନ୍ କି ବାତ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭୂତାଣୁ ବିରୋଧୀ ଲଢେଇରେ ବିଜୟୀ ହେବା ପାଇଁ ଦେଇଛନ୍ତି ଦୁଇଟି ଅମୋଘ ଅସ୍ତ୍ର ବ୍ୟକ୍ତିଗତ ସତର୍କତା ଓ ଶୃଙ୍ଖଳା। ଅମୂଲ୍ୟ ଜୀବନରଥକୁ ସମସ୍ତ ପ୍ରକାର କ୍ଷତିକାରକ କୃତିମତାରୁ ଦୂରେଇ ନେଇ ପ୍ରକୃତିର କାଳଜୟୀ ଅମୃତ ମାର୍ଗରେ ପରିଚାଳନା କରିବା ଆଜି ଅପରିହାର୍ଯ୍ୟ ହୋଇଛି। କୌଣସି ଦୃଷ୍ଟିରୁ ସାମାଜିକ ଗଣମାଧ୍ୟମରେ

**ଶୁଭେନ୍ଦୁ ମହାନ୍ତି**
ସିଡିଏ, ସେକ୍ଟର-୬, ମର୍କତନଗର, କଟକ
ମୋ-୯୨୩୮୫୨୬୦୩୦

ଘୁରିବୁଲୁଥିବା ଗୁଜବରେ ପ୍ରଭାବିତ ନ ହୋଇ, ଉପଯୁକ୍ତ ପ୍ରତିବିଧାନ, ଚିକିତ୍ସା ତଥା ସୁସ୍ଥ ଜୀବନଶୈଳୀ ଦ୍ୱାରା ଓମିକ୍ରନ୍‌କୁ ନିଶ୍ଚିତ ପରାଭୂତ କରିହେବ। ଏହାର ନିରାକରଣ ଏବଂ ମୁଳୋତ୍ପାଟନ ଦିଗରେ 'ସୁସ୍ଥ ପରିବେଶ'-ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ପ୍ରଗତି ପାଇଁ, ପରିବେଶକୁ ବିଭିନ୍ନ ଦୃଷ୍ଟି କୋଣରୁ ଧ୍ୱଂସ କରିଚାଲିଥିବା ବିଭିନ୍ନ ରାଷ୍ଟ୍ର ଆମ ଧରିତ୍ରୀ ପାଇଁ ଆଣିଦେଇଛନ୍ତି ନାନାଦି ମନୁଷ୍ୟକୃତ ବିଷାକ୍ତ ସଙ୍କଟ। ବାୟୁ, ଜଳ, ମାଟି ଆଦି ସବୁକିଛି ଆଜି ପ୍ରଦୂଷିତ। କରୋନା ରୋଗୀଙ୍କ ଚିକିତ୍ସା ସମୟରେ ଅମ୍ଳଜାନର ଅଭାବରୁ ସୃଷ୍ଟ ମୃତ୍ୟୁର ବିଭୀଷିକା ଆମକୁ ସଚେତନ କରୁ ଜଙ୍ଗଲ ସମ୍ପଦ, ଜୀବଜନ୍ତୁଙ୍କର ସୁରକ୍ଷା ପାଇଁ।

ବିଗତ ନଭେମ୍ବରରେ ସ୍କଟଲ୍ୟାଣ୍ଡର ଗ୍ଲାସ୍‌କୋଠାରେ ଅନୁଷ୍ଠିତ ବିଶ୍ୱ ଜଳବାୟୁର ୨୬ତମ ସମ୍ମିଳନୀରେ, ୧୯୭ଟି ଦେଶ ଓ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟରତ ପ୍ରାୟ ୨୫,୦୦୦ ପ୍ରତିନିଧିଙ୍କ ଉପସ୍ଥିତିରେ ଚଳତି ଶତାବ୍ଦୀର ଶେଷ ବେଳକୁ ବିଶ୍ୱ ତାପମାତ୍ରା- ୧.୫ରୁ ୨ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ହ୍ରାସ ପାଇଁ ସଙ୍କଳ୍ପବଦ୍ଧ ହୋଇଛନ୍ତି। ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ଯୋଗୁଁ ନାନା ପ୍ରକାର ଜଳବାୟୁଜନତି ବିପର୍ଯ୍ୟୟ ୟୁରୋପରେ ପ୍ରଳୟଙ୍କରୀ ବନ୍ୟା, କାନାଡାରେ ଅସହ୍ୟ ଗ୍ରୀଷ୍ମପ୍ରବାହ, ଆମେରିକାରେ ପ୍ରବଳ ଝଡ-ତୋଫାନ, ଆଫ୍ରିକାରେ ମରୁଡି ସାଙ୍ଗକୁ ଏସିଆ ମହାଦେଶରେ ବନ୍ୟାର ତାଣ୍ଡବଲୀଳା, ବାରମ୍ବାର ଜନଜୀବନକୁ ଧ୍ୱଂସ୍ତବିଧ୍ୱଂସ୍ତ କରିଦେଇଛି। ଋତୁଚକ୍ର ଓ ପାଣିପାଗର ଆବର୍ତ୍ତନରେ କୌଣସି ସମୟସୀମା ଅଥବା ସ୍ଥିରତା ନାହିଁ। ବିଭିନ୍ନ ରାଷ୍ଟ୍ର ଅପୂରଣୀୟ ଆର୍ଥିକ କ୍ଷତିର ସମ୍ମୁଖୀନ ହେବା ସଙ୍ଗେ ସଙ୍ଗେ କେବଳ ଭାରତର ଜିଡିପି ହାର ୩୦ ପ୍ରତିଶତ ହ୍ରାସ ପାଇଛି। ଆମେ ଓ ଆମର ଜୀବନ ଶୈଳୀ, ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ଅହେତୁକ ବୃଦ୍ଧି ପାଇଁ ଦାୟୀ। ଏହାଦ୍ୱାରା ଜୀବଜନ୍ତୁଙ୍କ ବାସସ୍ଥଳୀ, ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ପ୍ରାକୃତିକ ସନ୍ତୁଳନ ବିଗିଡିବାରେ ଲାଗିଛି। ସବୁଠାରୁ ବିଡମ୍ବନାର ବିଷୟ ହେଉଛି ଗୋଟିଏ ପଟେ ଖାଦ୍ୟର ପ୍ରାଚୁର୍ଯ୍ୟ ଥିବା ବେଳେ ଅନ୍ୟପଟେ କ୍ଷୁଧାର ବିକଳ ଚିତ୍ର ସମଗ୍ର ପୃଥିବୀ ପାଇଁ ଚିନ୍ତାର ବିଷୟ ହୋଇଛି। ଗୋଟିଏ ପଟେ ଗରୀବ ଲୋକଙ୍କୁ ଥରେ ମାତ୍ର ପେଟ ପୁରା ଖାଇବାକୁ ମିଳୁନଥିବା ବେଳେ, ଆଉ କିଛି ଲୋକ ମୋଟାପଣ ଜନିତ ନାନାଦି ରୋଗରେ ପିଡିତ ହେଉଛନ୍ତି। ତେଣୁ ଏ ଅସମାନତା ଦୂର କରାଯିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଦରକାର। ଅବସ୍ୟ କେତେକ ସ୍ୱଚ୍ଛାସେବୀ ସଂଗଠନ ଓ ସଚେତନ ନାଗରିକ ଏଥିପାଇଁ ଯଥାସମ୍ଭବ ଅଭିଯାନ ଆରମ୍ଭ କରିଛନ୍ତି।

ସମ୍ଭାବନାକୁ ଦେଖିଲେ କରୋନା ଯୁଦ୍ଧରେ ବିଜୟୀ ହେବା ପାଇଁ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପକ୍ଷରୁ ନୂଆ ନୂଆ ଟିକା ପ୍ରସ୍ତୁତି ପାଇଁ ଅଭିଯାନ ଜାରି ରହିଛି। ବିଦେଶରେ ନିର୍ମିତ ଅନ୍ୟାନ୍ୟ ପ୍ରତିଷେଧକ ସାମଗ୍ରୀ ଆମ ଦେଶରେ ଉତ୍ପାଦନ କରିବା ପାଇଁ ସରକାର ଆବଶ୍ୟକ ଚୁକ୍ତି କରୁଛନ୍ତି। ପ୍ରତିରକ୍ଷା କ୍ଷେତ୍ରରେ ଆମ ଦେଶ ପାଇଁ ସବୁଠାରୁ ବଡ ଆହ୍ୱାନ ହୋଇଛି ଚାଇନା ଓ ପାକିସ୍ତାନର ଚକ୍ରବ୍ୟୁହ। ସେଥିପାଇଁ ନିକଟରେ ଅନୁଷ୍ଠିତ ୫-ଟି ଏସିୟ ରାଷ୍ଟ୍ର ସମୁହଙ୍କ ସହ ଏକଜୁଟ ହୋଇ ଭାରତ ଉଚିତ୍ ମୁକାବିଲା ପାଇଁ ପ୍ରସ୍ତୁତି ହେଉଛି।

ଅନ୍ୟ ଏକ ବିଶେଷ ଆହ୍ୱାନ ହେଉଛି 'ନାରୀ ସୁରକ୍ଷା'। କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ପ୍ରଗତି ପାଇଁ ସରକାର ଅଣ୍ଟା ଭିଡିଥିବା ବେଳେ ସ୍ୱାଧୀନତାର ଅନେକ ଦଶନ୍ଧୀ ପରେ ଅନେକ ଅସହାୟ ମା' ଭଉଣୀମାନେ ମାତୃଗର୍ଭ ଓ ଶଶ୍ମାନକୁ ସୁରକ୍ଷାସ୍ଥଳୀ ଭାବେ ଗ୍ରହଣ କରିନେଇଛନ୍ତି। ବିଭିନ୍ନ ଦୃଷ୍ଟିକୋଣରୁ, ବିଭିନ୍ନ ସ୍ଥାନରେ, ନିର୍ଯ୍ୟାତନା, ଶୋଷଣ, ବଳାତ୍କାର ଆଦିର ଶୀକାର ହେଉଛନ୍ତି। ବିଳମ୍ବିତ ବିଚାର ବ୍ୟବସ୍ଥା ତୃଟିପୂର୍ଣ୍ଣ ଭାରତୀୟ ଦଣ୍ଡବିଧି ବ୍ୟବସ୍ଥା ଅପରାଧୀମାନଙ୍କୁ ରାଜନୈତିକ ପୃଷ୍ଠପୋଷକତା..., ନାରୀମାନଙ୍କୁ ସୁରକ୍ଷା ତଥା ଜଘନ୍ୟ ଅପରାଧୀଙ୍କୁ ଯଥା ସମୟରେ ଆତଙ୍କିତ କଲାଭଳି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେଇପାରୁନାହାଁନ୍ତି। ସେମାନଙ୍କ ଆଖିରେ ଲୁହ, ପରିବାର, ସମାଜ ଓ ଦେଶର ଭିତ୍ତିଭୂମିକୁ ଦୋହଲାଇ ଦେଇଛି। ସେଥିପାଇଁ ଅତ୍ୟନ୍ତ ଜରୁରୀ ବ୍ୟବସ୍ଥାରେ ତୁରନ୍ତ ଆବଶ୍ୟକ ସଂଶୋଧନ କରାଯିବା ବାଞ୍ଛନୀୟ।

ଆଜାଦିକା ଅମୃତ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ଏହି ଭଳି ଦେଶ ବିରୋଧୀ, ଦୁର୍ନୀତିଗ୍ରସ୍ତ ଏବଂ ଅପରାଧୀମାନଙ୍କୁ ଦମନ କରିବା ପାଇଁ ଆଶା କରାଯାଏ। ଏକ ସଶକ୍ତ, ସମୃଦ୍ଧ, ସୁସ୍ଥ ଓ ଗୌରବୋଜ୍ଜ୍ୱଳ ଭାରତ ଗଠନ ପାଇଁ ସରକାରୀ ବ୍ୟବସ୍ଥା ସହ ଜନସାଧାରଣଙ୍କ ସହଯୋଗ ନିତ୍ୟାନ୍ତ ଲୋଡା। ସର୍ବଦା ଅଧିକାର ମାଗୁଥିବା ନାଗରିକ ତା'ର କର୍ତ୍ତବ୍ୟ ଠିକ୍ ଭାବେ ପାଳନ କରିପାରିଲେ ଆପେ ଆପେ ନୂଆ ସମ୍ଭାବନା ସୃଷ୍ଟି ହୋଇପାରିବ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ଉତ୍ପାତର ଜଡ଼ ଖୋଜି ପ୍ରତିକାର ହେଉ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

କରୋନା ଭାଇରସରୁ ମହାଉତ୍ପାତ, ପରେ ପରେ ବସନ୍ତ ରୋଗ ଭଉଣୀ ଆସିବା ପରି ପଛେ ପଛେ ଡେଲଟା, ଓମିକ୍ରିମ ଭାଇରସରୁ ରୋଗ ଉତ୍ପାତରେ ସଂସାର ତ୍ରାହି ତ୍ରାହି। ସମୁଦ୍ରରୁ ମାଡ଼ି ଆସୁଛି ମହାବାତ୍ୟା ସୁନାମୀ ଟର୍ଣ୍ଣାଡୋ ପରି ଉତ୍ପାତ। କେତେ ପଙ୍ଗପାଳ ଝିଣ୍ଟିକା ତ କେତେବେଳେ ଚକଡ଼ା ପୋକ ଫଳନଶୀଳ ଶସ୍ୟ ନଷ୍ଟ କରିବା ଉତ୍ପାତ ଆସୁଛି। ଅଦିନ ବର୍ଷା ବା ହଠାତ୍ ବାଦଲଫଟା ବର୍ଷା। ନାହିଁ ନଥିବା ଉତ୍ପାତ କରି ଅତି ଦୁଃଖକଷ୍ଟରେ ଲୋକଙ୍କ ଧନ ସମ୍ପଦ ଜୀବନ ନଷ୍ଟ କରୁଛି। ଆମ ରାଜ୍ୟରେ ବହୁ ସ୍ଥାନରେ ଜନପଦରେ ହାତୀପଲଙ୍କ ଉତ୍ପାତ, ମାଙ୍କ ଯୋଗୁ ଫସଲ ନଷ୍ଟ ପୁଣି ଲୋକେ ଡରରେ ବିରକ୍ତିରେ ଫସଲରେ ମନ ଦେଉନାହାଁନ୍ତି। ପୂର୍ବେ ଫଳ ପରିବା ମାଙ୍କଡ଼ ଖାଉଥିଲେ ଏବେ ଶାଗପତ୍ର, ରଖୁ ନାହାଁନ୍ତି। ସେମାନେ ବି ପେଟ ବିକଳିଆ ଭୋଜନ ଲିପ୍ତ ହୋଇଗଲେଣି। ଷଣ୍ଢ ସଂଖ୍ୟା ସହର ଗ୍ରାମ ସର୍ବତ୍ର ଦୃଶ୍ୟ। ଏମାନଙ୍କୁ ଲଗା ନାହିଁ ପଘା ନାହିଁ। ହିନ୍ଦୁଧର୍ମର ବିଶ୍ୱାସ ଦୃଷ୍ଟେ ଷଣ୍ଢଙ୍କୁ ଖୋଲା ଛଡ଼ା ଯାଇଛି ତାର କେହି ମନୁଷ୍ୟ ମାଲିକ ନାହାଁନ୍ତି ଯେ ଦଣ୍ଡ ଭୋକ୍ତା ହେବେ। ଷଣ୍ଢ ଦ୍ୱାରା କୌଣସି କ୍ଷେତ୍ରରେ ଫସଲ ନଷ୍ଟ ହେଲେ ଏହାର ଉତ୍ତରଦାୟୀ କେହି ନୁହଁନ୍ତି। ଦିନଥିଲା ଦେଶୀଗାଈ ଦେଶୀ ପରମ୍ପରା ଷଣ୍ଢର ସମୟ ସମୟକ୍ରମେ ଗୋଦୁଗ୍ଧର ଅତ୍ୟଧିକ ପ୍ରଲୋଭନରେ ଲୋକେ ଆଗ୍ରହାନ୍ୱିତ ହେଲେ। ଶଙ୍କରଗାଈ ପ୍ରତି ଆଗ୍ରହ ବଢ଼ିବା ସହିତ ଗୋ ପ୍ରଜନନର ପାରମ୍ପରିକ ଧାରାରେ ରୋକ ଲାଗିଲା। ସରକାରଙ୍କ ବୃଷ-ଶୁକ୍ର ସଂରକ୍ଷଣ ଡାକ୍ତରଖାନା ମାନଙ୍କରେ ଗାଈ ମାନଙ୍କୁ ଇଂଜେକ୍ସନ ଦ୍ୱାରା ଗର୍ଭବତୀ ଚେଷ୍ଟା ଚାଲୁହେଲା। ଗାଈ ବାଛୁରୀ ପାଇଁ ସମସ୍ୟା ଆସିଲା ନାହିଁ। ଅଣ୍ଡିରା ବାଛୁରୀ ପାଇଁ ସମସ୍ୟା ଆସିଲା, ଯାହାଙ୍କର ଯୁଆଳି ମଈ ଟାଣିବା ପାଇଁ କାନ୍ଧ ପୂର୍ବର ଦେଶୀ ବଳଦଙ୍କ ସଦୃଶ ରହିଲା ନାହିଁ। ଫଳରେ ଜର୍ସି ଅଣ୍ଡିରା ବାଛୁରୀଙ୍କୁ ଷଣ୍ଢ କରି ଅନେକ ଛାଡ଼ିଲେ, ଯେଉଁ ଷଣ୍ଢ ଏବେ ଦେଖାଯାଉଛନ୍ତି। ସେମାନେ ଏ ମଧ୍ୟରୁ ବହୁଳ। ଏପରି ଅଣ୍ଡିରା ବାଛୁରୀ ଅଦରକାରୀ ଭାବି ଅନେକ ଗୋପାଳକ ଗାଈଙ୍କୁ ମଳେଇରେ ଦୁହିଁବା ସହିତ ବାଛୁରୀ ମାନଙ୍କୁ ଖିର ନ ପିଆଇ ଶିଶୁକାଳରୁ ରୋଗାକରି ଦୁର୍ବଳ କରି ମାରି ଦିଅନ୍ତି। ଯେଉଁମାନେ ରହିଗଲେ ସେମାନେ ବୃଷଭ ହୋଇ ପରେ ଇତସ୍ତତ କ୍ଷେତ ନଷ୍ଟକାରୀ ହେଲେ। କ୍ଷେତ୍ର ଶସ୍ୟ ଉଜୁଡି ଗଲେ ଲୋକେ ମୁଣ୍ଡରେ ହାତ ଦେବା ଛଡ଼ା ଉପାୟ କ'ଣ ?

ଗ୍ରାମ ସହରରେ ବୁଲା କୁକୁର ସମସ୍ୟା ଏବେ ଜଟିଳ। କୁକୁର କାମୁଡ଼ା ଇଞ୍ଜେକ୍ସନ ବେଳେ ସରକାରୀ ଡାକ୍ତରଖାନାରେ ଅଭାବ ଜଳାତଙ୍କ ରୋଗ ଏଇ କୁକୁର କାମୁଡ଼ାରୁ ହିଁ ହେଉଛି। କୁତୀ ଏକ ସମୟରେ ୩/୪ ପିଲା ପ୍ରସବ କରନ୍ତି। ପୁଣି ବର୍ଷକୁ ବର୍ଷ ଏପରି ସଂଖ୍ୟା ବଢୁଛି। ଘରୋଇ କୁକୁରମାନେ ମାଲିକର ବନ୍ଧନରେ ବା ନଜରରେ ରହିପାରନ୍ତି ମାତ୍ର ବୁଲାକୁକୁର ଉତ୍ତରଦାୟୀ ସେପରି କେହିନାହାଁନ୍ତି। ରାସ୍ତାରେ କୁକୁର ପଦଚାରୀଙ୍କୁ ବେଳେ ବେଳେ କାମୁଡୁଛନ୍ତି। ଅନେକ କୁକୁର ଯାନବାହାନ ଦୁର୍ଘଟଣାର କାରଣ ବି ହେଉଛନ୍ତି। ପୂର୍ବେ ମେଷ ଛାଗଳଙ୍କୁ ଜଗିବା ପାଇଁ ଓ ଶୃଗାଳ, ହେଟା ଆଦି ଜଙ୍ଗଲି ଛପି ମେଷ ଛାଗଳ ଶାବକଙ୍କୁ ଭିଡ଼ିନେବାରେ ପ୍ରତିବନ୍ଧକ ପାଇଁ ଏହି କୁକୁରମାନେ ସହାୟକ ଥିଲେ, ଏବେ ଏହା ନାହିଁ। ବିଲୁଆ ଶେଷକୁ। କୁକୁର ସଂଖ୍ୟା ବୃଦ୍ଧି ଏକ ଜଟିଳ ସମସ୍ୟା ବେଳକୁ ବେଳ ବଢୁଛି। ମ୍ୟୁନସିପାଲଟି ଅଞ୍ଚଳରେ କୁକୁର ମାନଙ୍କୁ ଅନେକ ସମୟରେ ଧରିନେଇ ମାରି ଦିଆଯାଉଛି ପୁଣି କୁତି ମାନଙ୍କୁ ବନ୍ଧ୍ୟା କରିଦିଆଯିବା ଶ୍ୱାନ ମାନଙ୍କୁ କ୍ଲୀବ କରି ଦିଆଯିବା ବ୍ୟବସ୍ଥା ଅଛି ହୁଏତ ଏହା ଠିକ୍ ଭାବରେ ହେଉନାହିଁ ଯାହାଫଳରେ ଏଇ ଜୀବ ଉତ୍ପାତରେ ଆସିଯାଉଛନ୍ତି।

ମଶା ଉତ୍ପାତ ଏବେ ବଢ଼ି ଚାଲିଛି। କି ସହର କି ଗ୍ରାମ ମଶାଙ୍କ ଦୌରାତ୍ମ୍ୟ ଜଟିଳ। ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ ବ୍ୟାଧିର ଉତ୍ପାତ ଏଇ ମଶାଙ୍କ ଯୋଗୁଁ ହିଁ ହେଉଛି। ଅତୀତରେ ସରକାର ମ୍ୟାଲେରିଆ, ଫାଇଲେରିଆ ରୋଗ ନିରାକରଣ ଯୋଜନା କରିଥିଲେ। ସମସ୍ତେ ଘରେ ବର୍ଷରେ କିଛି ଥର ଡି.ଡି.ଟି ସରକାରଙ୍କ ଦ୍ୱାରା ପଡୁଥିଲା ମଶା ନିରାକରଣ ପାଇଁ ଜନଶିକ୍ଷା ଦିଆଯାଉଥିଲା। ଜନ ସଚେତନ ସରକାରଙ୍କର ଦ୍ୱାରା ସ୍ୱାସ୍ଥ୍ୟ ବିଭାଗ ତରଫରୁ କରାଯାଉଥିଲା। ଏପରି ବ୍ୟବସ୍ଥା ଥିଲା ସରକାରୀ ପୁରୁଣା ନଥିରେ ଖୋଜିଲେ ମିଳିବ। ହେଲେ ମଶା ଉତ୍ପାତ ରୋଗ ଉତ୍ପାତ ବେଳେ ଏହି ସମୁହ ଆକ୍ରାନ୍ତ ବିଷୟକୁ ଠିକ ଭାବରେ ବର୍ତ୍ତମାନ ନିରାକରଣ ଚିନ୍ତା କରାଯାଉନାହିଁ। ଅନେକ ରାଜକୀୟ କାର୍ଯ୍ୟାଳୟରେ ପି.ସି. ନଦେଲେ ପ୍ରଜାଟିର କାର୍ଯ୍ୟ ଉପଯୁକ୍ତ ନିମୟରେ ଓ ସମୟରେ ହୋଇପାରୁନାହିଁ। ରାଜକୀୟ ଚେଷ୍ଟାରେ କୌଣସି ରାସ୍ତା ନିର୍ମାଣ, ପୋଲ ନିର୍ମାଣ, ଗୃହ ନିର୍ମାଣ ଆଦିରେ ଜଡ଼ିତ ରହିଥିବା ବିଭାଗୀୟ କର୍ତ୍ତା ବାବୁମାନେ ଠିକାଦାର ସପ୍ଲାୟରଙ୍କ ଠାରୁ ପର୍ସେଣ୍ଟ ଉତ୍‌କୋଚ ନ ଦେଲେ କାମ ଆଗଉନାହିଁ। ରାଜ୍ୟ ଭିଜିଲାନ୍ସ ବିଭାଗ ଏମିତି ଧରିବା ଦେଖାଯାଉଛି। ହେଲେ ଏହା କାଂ ଭାଂ ନୁହଁ ବହୁଳ ଏବେ ଦେଖାଗଲେବି ଘଟଣା ଉପରେ କଣ କାର୍ଯ୍ୟାନୁଷ୍ଠାନ ହେଲା ଲୋକେ ହୁଅନ୍ତୁ ବା ସେହି ରାଜକର୍ମଚାରୀମାନେ ଠିକ୍ ଜାଣିବା ସମ୍ଭବ ହେଉନାହିଁ। ଫଳତଃ ପ୍ରକୃତ ପ୍ରଜା ମଙ୍ଗଳ କାନୁନରେ ଯେ ଉତ୍ପାତ ରହିଛି ଏହା ବୁଝା ପଡ଼ିଯାଉଛି। ଏକ ଦରମାରେ କର୍ମଚାରୀ କେତେକ ଦ୍ରୁତ ସମ୍ପତ୍ତି ଧନ କେମିତି ବଢ଼ାଉଛନ୍ତି ? ସେହିପରି ଅନ୍ୟ କର୍ମଚାରୀମାନେ ବି ଦେଖି ତାଜୁବ ନିଶ୍ଚୟ ହେଉଥିବେ। ନେତାଙ୍କ କର୍ମ ପରିସର ପାଞ୍ଚ ବର୍ଷ, ପାଞ୍ଚ ବର୍ଷର ପୂର୍ବ, ପାଞ୍ଚବର୍ଷର ପର, ଦୁଇଟିର ସ୍ୱ ଅର୍ଥନୈତିକ ପରିସର କେବେ ସାର୍ବଜନୀନ କରାଯାଉନାହିଁ। କିଛି ଉହ୍ୟ ରହିବାରୁ ରାଜନେତା ହେବାକୁ ପ୍ରଲୋଭନ ବଢୁଛି। ପ୍ରକୃତରେ ଦେଶଭକ୍ତ ନେତା ହିଁ ରାଜ ଓ ଋଷିର ମିଶ୍ରଣ ରାଜର୍ଷି ପଦ। ନେତାମାନେ ସ୍ୱ ଅଞ୍ଚଳର ଅଭାବ ଅସୁବିଧା ଦ୍ରୁତ ଖଣ୍ଡନକାରୀ ହୋଇପାରନ୍ତି। ସେମାନଙ୍କୁ ମିଳୁଥିବା ହାତପାଣ୍ଠିକୁ ଲୋକଙ୍କୁ ଭେଳାଇ, ଲୋକଙ୍କୁ ମନେଇ, ତାଙ୍କରି ଶ୍ରମରେ ରାଜଧାନ ବିନିଯୋଗ କରି ବଡ଼ ବଡ଼ କାମ କରାଇ ପାରନ୍ତେ। ଏମିତି କେତେ ଜଣ ଅତୀତରେ କରିବା ନଜିର ଅଛି। ହେଲେ ଏପରି କରିବାରେ ନିଜର ନାମ ନେମପ୍ଲେଟ, ପଥରରେ ନାମ ଖୋଦେଇ, ଫଟୋ, ଖବରକାଗଜ, ଟିଭି, କ୍ୟାମେରା ସଂଶ୍ଳିଷ୍ଟରେ କେତେ ଖର୍ଚ୍ଚ ଏବେ ଲାଗୁଛି, ଆଉ ପର୍ବତର ମୂଷିକ ପ୍ରସବ କାର୍ଯ୍ୟ ହେବା ଦେଖାଯାଉଛି। ଏହା ବି ଉତ୍ପାତ ଦିଗକୁ ବଢୁଛି। ପ୍ରଜାଙ୍କ ଧନ ପ୍ରଜାଙ୍କ ଉନ୍ନତିରେ ନଲାଗିବା କେବେ ଗଣତନ୍ତ୍ରର ମଙ୍ଗଳ ନୁହଁ। ଏପରି ଅନେକ ଛୋଟ ବଡ଼ ଉତ୍ପାତ ଚାଲିଛି। ଏହାକୁ ହେଜ ରକି ଉତ୍ପାତ ଶାନ୍ତିରେ ରାଜ ପ୍ରଶାସନ ଜନସାଧାରଣ ଉପଯୁକ୍ତ ବିଧାନରେ ମନ ଲଗାନ୍ତୁ। ଜଡ଼ ଖୋଜି ପ୍ରତିକାର ଉପାୟ କରନ୍ତୁ। ଅତୀତର ଅବତାରମାନେ ଜଡ଼ର ଶେଷ କରି ପରିବେଶ ଶାନ୍ତ କରିବା ଶାସ୍ତ୍ରଭକ୍ତି ରହିବ।

ଅରୁଣୋଦୟ ନଗର, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ନୂଆବର୍ଷ ହେଉ ଆନନ୍ଦର ବର୍ଷ

ଡାକ୍ତର ସମ୍ରାଟ କର

ଘରର କ୍ୟାଲେଣ୍ଡରଟି ହେଉ ବା ବ୍ୟବହାର କରାଯାଉଥିବା ଦୈନିକ ଡାଏରୀଟି ବଦଳିଯିବ । ଘରେ ନୂଆ କ୍ୟାଲେଣ୍ଡର ଲାଗିବ ଆଉ ନୂଆବର୍ଷ ପାଇଁ ମନଲାଖି ଡାଏରୀଟି ବି କିଣା ହେବ କିନ୍ତୁ ନୂଆବର୍ଷକୁ ନେଇ ଆମ ମାନଙ୍କ ଭିତରେ ଆତ୍ମପ୍ରତୟର ଶପଥ ନେବାର ମୁହୂର୍ତ୍ତକୁ କେହିବି ଭୁଲିବା କଥା ନୁହେଁ । ବିଦାୟ ଦେଇଥିବା ପୁରୁଣାବର୍ଷର ଦୁଃଖ, ଅଭାବ ଓ ବିଭିନ୍ନ ଯନ୍ତ୍ରଣାକୁ ଭୁଲି ନୂଆବର୍ଷ ପାଇଁ ଅନେକ କିଛି କରିବାର ଆଉ ଜୀବନକୁ ଭଲ ବାଟରେ ଗଢ଼ିତୋଳିବା ପାଇଁ ଦୃଢ଼ ପ୍ରତିଜ୍ଞା ହେବାର ବର୍ଷଟି ପାଇଁ ମନ ଭିତରେ ଆତ୍ମବଳକୁ ଦୃଢ଼ କରାଯାଉ । ଭୟାବହ ଫାଇଲିନ୍‌ର କାଳବୈଶାଖୀ ହେଉ ବା ନଈବଢ଼ିରେ ସବୁକିଛି ହରାଇ ହଜାଇ ଦେଇଥିବାର ଛାତିଫଟା ଦୁଃଖ, କୌଣସି ଅଘଟଣ ବା ଦୁର୍ଘଟଣ ଆପଣଙ୍କର ପ୍ରିୟଜନଙ୍କୁ ଛଡ଼ାଇ ନେଉ ବା ବୃତ୍ତିଗତ କ୍ଷେତ୍ରରେ କୌଣସି ଯନ୍ତ୍ରଣାର ମୁହୂର୍ତ୍ତ ସବୁକିଛିକୁ ଭୁଲି କିଛି ନୂଆ କରିବା ପାଇଁ ମନବଳକୁ ପ୍ରତିଜ୍ଞାବଦ୍ଧ କରିବାର ଦିନଟି ହେଉ ନୂଆବର୍ଷର ପ୍ରଥମ ଦିନ । ଅଭାବ ହେଉ ବା ଅପମାନ, ଯନ୍ତ୍ରଣା ହେଉ ବା ହରାଇବାର ଗଭୀର ଦୁଃଖ ସବୁକିଛିକୁ ମାନସିକ ବିଷାଦର କଳା ବାଦଲ ତଳୁ ଠେଲି ଦେଇ ମାନସିକ ସ୍ତରରେ ନିଜେ ସୁଦୃଢ଼ ହେବାସହ ଅନ୍ୟମାନଙ୍କୁ ମଧ ବିଷାଦରୁ ଆନନ୍ଦମୟ ମୁହୂର୍ତ୍ତ ପାଇଁ ପ୍ରେରଣା ଯୋଗାନ୍ତୁ । ରକ୍ତମାଂସର ଶରୀର ଧରି ତେଲଲୁଣ ସଂସାର ଭିତରେ ଜୀବନ ଜୀଉଁଥିବା ସମସ୍ତେ କିଛି ନା କିଛି ଅବସାଦ ଓ ବିଶାଦରେ ଆକ୍ରାନ୍ତ । ମୁଦ୍ରାସ୍ଫୀତିର ଉଚ୍ଚ ବେଲଗାମ ଧାଁ ଧଉଡ଼ ହେଉ ବା ବଜାରର ଦରଦାମର ଚଡ଼କ, ଦୁର୍ଘଟଣାରେ ନିଜଲୋକଟିକୁ ହରାଇବାର ଦୁଃଖ ହେଉ ବା ପରୀକ୍ଷାରେ ଅସଫଳତା, ଦାମ୍ପତ୍ୟ ଜୀବନରେ ଝଡ଼ ହେଉ ବା ହାତ ପାହାନ୍ତାରୁ ନିଜ ବୃତ୍ତି କ୍ଷେତ୍ରଟି ହରାଇବାର ଗଭୀର ଦୁଃଖକୁ ଭୁଲି ନିଜ ଭିତରୁ କିଛି କରିବାର ଓ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବାର ଆତ୍ମ ପ୍ରଚେଷ୍ଟାର ଶୁଭବର୍ଷ ହେଉ ଏହି ନୂଆବର୍ଷଟି ।

ମାନସିକ କ୍ଷେତ୍ରରେ ଦେଖାଦେଇଥାଏ ପ୍ରତିଦିନ ଅର୍ହନିଷ ସମସ୍ତେ ନିଜ ଜୀବନ ଜୀବିକା ହେଉ ବା କ୍ୟାରିୟର, ଏହାକୁ ନେଇ ବ୍ୟସ୍ତ ଓ ଚିନ୍ତିତ । ଦୈନନ୍ଦିନ ଜୀବନରେ ବିଭିନ୍ନ ଉଦ୍‌ବେଗତା ମଣିଷର ବୌଦ୍ଧିକ ଓ ଶାରୀରିକ କ୍ଷେତ୍ରକୁ ପ୍ରଭାବିତ କରିଥାଏ । ସେଇଥିପାଇଁ କୁହାଯାଏ ଯେ ଆନନ୍ଦ ଓ ପ୍ରଫୁଲ୍ଲତାପୂର୍ଣ୍ଣ ଜୀବନଟି ଅନେକଙ୍କ ଜୀବନର ଆୟୁକୁ ବର୍ଦ୍ଧିତ କରିଥାଏ । ଆୟୁ ବଢ଼ିବା ବଡ଼କଥା ନୁହେଁ ସବୁଠାରୁ ବଡ଼କଥା ହେଉଛି ଭଲରେ ଓ ଶାନ୍ତିରେ ଜୀବନଟି ବିତାଇବା । ସଂସାର ଜୀବନରେ ଡଙ୍ଗା ଚଳାଇଲା ବେଳେ ଅନେକ କିଛି ଘାତପ୍ରତିଘାତକୁ ସମ୍ମୁଖୀନ ହେବାକୁ ତ ପଡ଼ିବ ନିଶ୍ଚୟ ତେବେ ଯେତେବେଳେ ବି ମାନସିକ ସ୍ତରରେ କୌଣସି ପ୍ରକାର ବିଷର୍ଣ୍ଣତା ବା ଅସୁସ୍ଥତା ତୁରନ୍ତ ମାନସିକ ରୋଗ ବିଶେଷଜ୍ଞ, ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବା ନିତ୍ୟାନ୍ତ ଜରୁରୀ । ଏ କ୍ଷେତ୍ରରେ ପ୍ରାଥମିକ ସମୟରୁ ହିଁ ମାନସିକ ରୋଗ ବିଶେଷଜ୍ଞ ପରାମର୍ଶ ସହ କାଉନ୍‌ସେଲିଂ ହେଉ ବା ଚିକିତ୍ସା ଆରମ୍ଭ କରିଥାନ୍ତି । ମାନସିକ ଅବସାଦ ଭୋଗୁଥିବା ଯେ କେହି ବି ହୁଅନ୍ତୁ ଚିକିତ୍ସା ସମୟରେ ଡାକ୍ତରଙ୍କୁ ସବୁକିଛିର ଘଟଣାବଳୀ ସହ ପରିପାର୍ଶ୍ୱ ସମ୍ବନ୍ଧୀୟ ସମସ୍ତ ସୂଚନା ଖୋଲି କୁହନ୍ତୁ । ପରବର୍ତ୍ତୀ ସମୟରେ ନିୟମିତ ଚିକିତ୍ସା ସହ ମାନସିକ ବିଷାଦତା ଭିତରେ ଜର୍ଜରିତ ରୋଗୀଟିକୁ ବଞ୍ଚିବାର ସାନ୍ତ୍ୱନା ଓ ପ୍ରେରଣା ଯୋଗାନ୍ତୁ । ଅନେକ ହୁଏତ ଜାଣିନଥାନ୍ତି ଯେ ଚିକିତ୍ସା ସହ ଏହି ମନସ୍ତାତ୍ତ୍ୱିକ ସୁଖଦୁଃଖ ହେଉ ବା ପରାମର୍ଶ ରୋଗୀଟି ପାଇଁ ଏହା ଦିବ୍ୟ ସଂଜିବନୀ ପରି କାର୍ଯ୍ୟ କରିଥାଏ । ତେବେ କୌଣସି ପ୍ରକାର ଗୁଣିଗାରେଡ଼ି ବା କାହା କାନକୁହା କଥା ଶୁଣି ତୁଟୁକା ଚିକିତ୍ସା ନକରି ବରଂ ତୁରନ୍ତ ମାନସିକ ରୋଗୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । କାରଣ ଗୁଣି ଗାରେଡ଼ି ଚିକିତ୍ସା ରୋଗୀଟି ପାଇଁ ପରବର୍ତ୍ତୀ ସମୟରେ ଘାତକ ବି ସାବ୍ୟସ୍ତ ହୋଇପାରେ । ମାନସିକ ବିଷର୍ଣ୍ଣତା ଅଧିକ ଦିନ ଦେଖାଦେଲେ ଏହା ଲୋକଟି ପାଇଁ ଅତ୍ୟଧିକ ବିରକ୍ତିର କାରଣ ବି ହୋଇଥାଏ । ନିଜେ ନିଜକୁ ବୁଝାଇ ନିଜ ଆଖାପାଖକୁ ଚିହ୍ନି ପାରୁନଥିବା ଲୋକଟି ଯେତେବେଳେ ସମାଜର ସାମାଜିକ ଜୀବନ ଠାରୁ ଦୂରେଇ ରହେ ସେତେବେଳେ ସେ ନିଶ୍ଚିତ ଭାବରେ ଖୋଜିଥାଏ କାହାର ନା କାହାର ସହଯୋଗର ଓ ଭଲ ପାଇବାର ହାତକୁ ! ଏହା ହାତଟି ବଢ଼ାଇବା ପାଇଁ ସେ ଲୋକର ପରିବାରର ଆତ୍ମୀୟ ସ୍ୱଜନଙ୍କ ଠାରୁ ଏ ସମାଜର ସମସ୍ତଙ୍କର ବି ଦାୟିତ୍ୱ ରହିଛି । ଅନେକ ସମୟରେ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ମାନସିକ ବିଷାଦତାକୁ ସମ୍ମୁଖୀନ ହୋଇ ପରିବାର ଓ ସମାଜ ପାଇଁ ଆତଙ୍କର କାରଣ ଆଶଂକା କରି ଅନେକ ଲୋକେ ବର୍ଷ ବର୍ଷ ଧରି ନିଜ ପରିବାରରେ ଥିବା ମାନସିକ ରୋଗୀଟିକୁ ଶିକୁଳିରେ ବାନ୍ଧି ରଖୁଛନ୍ତି । ଏହା ଲୋକଲୋଚନକୁ ଆସିବା ପରେ କିଛି ସମାଜ ସେବା ସଂଗଠନ ଆଗେଇ ଏମାନଙ୍କ ଚିକିତ୍ସା ଦାୟିତ୍ୱ ହାତକୁ ନେଉଛନ୍ତି ସତ କିନ୍ତୁ ଏଥିରେ ଯଥେଷ୍ଟ ବିଳମ୍ବ ହୋଇଯାଉଛି । ବିଦାୟ ବର୍ଷରେ ନିଜ ନିଜର ଦୁଃଖ ଓ କଷ୍ଟକୁ ଭୁଲି କିଛି ଭଲ କରିବାର ଓ ଅନ୍ୟମାନଙ୍କ ପାଇଁ ଆଦର୍ଶଣୀୟ ହେବାର ବର୍ଷଟି ପାଇଁ ଶପଥ ନେବାର ଦିନଟି ହେଉ ଏହି ନୂଆବର୍ଷ । ନୂଆବର୍ଷଟି ସମସ୍ତଙ୍କ ପାଇଁ ଆନନ୍ଦ ଓ ଖୁସିର ବର୍ଷ ହେଉ ଏହା ହିଁ ଶୁଭକାମନା । ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼,
କଟକ, ଦୂରଭାଷ : ୯୧୩୨୪୩୩୩୩୩

# ବ୍ରହ୍ମଜ୍ଞାନ ଲାଭ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସୁକେନ୍ଦ୍ରିକ ଚଳନର ପରିଣତି ହେଲା ବ୍ରହ୍ମଜ୍ଞାନ ଅର୍ଥାତ୍ ବୃଦ୍ଧିର ଜ୍ଞାନ। ବ୍ରହ୍ମଜ୍ଞାନର ସାର୍ଥକତା ଆସେ ବ୍ୟାବହାରିକ ଜୀବନରେ ତାର ପ୍ରୟୋଗର ଭିତର ଦେଇ, ଯାଫଳରେ ସଂଶ୍ଳିଷ୍ଟ ପରିବେଶ ବି ବ୍ରହ୍ମଜ୍ଞାନର ପଥରେ ଆଗେଇ ଚାଲେ। ପରିବେଶକୁ ବାଦ୍ ଦେଇ ଏକଲା ବ୍ରହ୍ମଜ୍ଞାନୀ ହେବା ଜୀବନର ଲକ୍ଷ୍ୟ ନୁହେଁ। ଅନେକେ କହନ୍ତି ବ୍ରହ୍ମଜ୍ଞାନ ହେଲେ ସବୁ ଏକାକାର ହୋଇଯାଏ। ତା'ମାନେ ପ୍ରତିଟି ବୈଶିଷ୍ଟ୍ୟର ଭିତରେ ଭଗବତ ପ୍ରତିଭାତ ହୁଏ। କୌଣସି ବୈଶିଷ୍ଟ୍ୟରେ, କି ପଦ୍ଧତିରେ, କି ପରିଣୟନରେ, କି ଭାବେ ଆତ୍ମପ୍ରକାଶ କରିଛନ୍ତି, ତା ଗଭୀର ଭାବେ ବୋଧ କରାଯାଏ। ପରମସତ୍ତାକୁ ଯେତେବେଳେ ବିଚିତ୍ରତାର ମଧ୍ୟରେ ବିଚିତ୍ରଭାବେ ବୋଧ କରାଯାଏ, ସେତେବେଳେ ହିଁ ତାଙ୍କୁ ଜାଣିହୁଏ। ଟୀକା ଟିପ୍ପଣୀ ପଢ଼ି ଅସମଞ୍ଜସ ଧାରଣାରେ ମସ୍ତିଷ୍କ ଅଭିଭୂତ ହୋଇଥିବାରୁ ଆଦତ୍ ଜିନିଷ ବୁଝାଯାଏନା। ଆଉ, ଏ ଜିନିଷ ପଢ଼ି ଜାଣିବାର ବିଷୟ ନୁହେଁ, କରି ଜାଣିବାର ବିଷୟ। କରିବା ଓ ଚାଲିବାର ସୁବିଧା ହିଁ ପଢ଼ିବା। ଆଉ ପଢ଼ିବାକୁ ହିଁ ହୁଏ ଆଚାର୍ଯ୍ୟ ସନ୍ନିଧାନରେ, ଯିଏ ପଢ଼ାର ମର୍ମଟା ଆଚରଣର ଭିତର ଦେଇ ଆୟତ୍ତ କରିଛନ୍ତି। ସଶ୍ରଦ୍ଧ ଓ ସକ୍ରିୟ ସେବା ତଥା ଅନୁଶୀଳନ ହିଁ ହେଲା ଏହି ପଥର ପାଥେୟ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଲୋଚନା ପ୍ରସଙ୍ଗର ଅଷ୍ଟମ ଖଣ୍ଡ ପୃଷ୍ଠା ୧୮୭ରେ ଏହା ଉଲ୍ଲେଖ ରହିଛି।

ସମୟ ଓ ସାମର୍ଥ୍ୟ କମ୍ ଥିଲେ ବି ବିରାଟ ଓ ବହୁଳ କାମ କିପରି ଭାବେ କରାଯାଏ ? ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ପବିତ୍ର ଆଲୋଚନା ପ୍ରସଙ୍ଗର ପ୍ରଥମ ଖଣ୍ଡର ୧୯୪୧ ମସିହା ଡିସେମ୍ବର ୮ ତାରିଖର ପ୍ରଦାନ କରିଥିବା ଆଧ୍ୟାତ୍ମିକ ଦିବ୍ୟ ଚେତନାରେ ମାର୍ଗଦର୍ଶନ କରିଛନ୍ତି ଯେ ସଙ୍ଗତି ଆସିଲେ ହିଁ ହୁଏ। ସେତେବେଳେ ଭାବିବା, କହିବା, କରିବା, ପେଶୀ, ସ୍ନାୟୁ ସବୁ ହିଁ ଏକଯୋଗେ ଉଦ୍ଦେଶ୍ୟ ପରିପୂରଣ କରିବା ପାଇଁ ଉଠିପଡ଼ି ଲାଗେ। ସେତେବେଳେ ଏକ ସଙ୍ଗେ ଦଶଟା ଦିଗରୁ ତାଲ ଦିଆଯାଏ। ସ୍ମୃତି ବି ସେତେବେଳେ ତୋଖଡ଼ ହୋଇଉଠେ, କୋଉଟା ମୁଣ୍ଡରୁ ଦୂରେଇ ଯାଏନା ଏବଂ ଯାକୁ ଦେଇ ଯେତେବେଳେ ଯେଉଁଟା କରାଇବାର, ଚଟାପଟ ମୁଣ୍ଡକୁ ଆସିଯାଏ, ଗୋଟେ ସୁଯୋଗ ବି ଏଡ଼ାଇ ଯାଇପାରେନା। ପାରିପାର୍ଶ୍ୱିକର ପ୍ରତ୍ୟକଟି ବସ୍ତୁ ଓ ବ୍ୟକ୍ତି ସମ୍ବନ୍ଧରେ ବୋଧ ବି କାମରେ ଲାଗେ, କାର ବା କେଉଁଟିର ଉପଯୋଗିତା କୋଉଠି କୋଉ କ୍ଷେତ୍ରରେ କୋଉଠାରେ କୋଉ କୋଉ ମଣିଷ ବା ଜିନିଷର କେଉଁ ପ୍ରକାର ସମାବେଶ ଓ ପ୍ରୟୋଗରେ କି କାର୍ଯ୍ୟ ଉଦ୍ଧାର ହୁଏ, କାମ କରିପାରେ। ପୁଣି ପ୍ରତ୍ୟେକର ହିଁ ପ୍ରକୃତି ଓ ପ୍ରୟୋଜନକୁ ଲକ୍ଷ୍ୟ ହୁଏ। ଏଥିରେ ପ୍ରତ୍ୟେକଟା ଲୋକହିଁ ନିଜର ହୋଇଉଠେ। ସେତେବେଳେ ସେଇ ମଣିଷ ମାନଙ୍କ ସହାୟତାରେ ତୁମେ ଅସମ୍ଭବ ସମ୍ଭବ କରିପାର। ଅବଶ୍ୟ ତୁମର ନିଜର ବିଶିଷ୍ଟ କରଣୀୟଗୁଡ଼ିକ ଠିକ୍ ଭାବେ କରିବା ଦରକାର। ଏହିଭଳି ଚଳନ ଓ କରଣକୁ କହନ୍ତି ସଂଗଠନ। ପୁଣି ଏହି ସଂଗଠନର ପ୍ରାଣ ହିଁ ହେଲା ଏକପ୍ରାଣତା ବା ଆଦର୍ଶପ୍ରାଣତା। ତୁମ୍ଭେମାନେ ଆଦର୍ଶ ପ୍ରାଣତାରେ ଉଦ୍‌ବୁଦ୍ଧ ହୋଇ ଉତ୍‌ସ୍ୱାର୍ଥ - ପ୍ରତିଷ୍ଠାରେ ସକ୍ରିୟ ସ୍ୱାର୍ଥାନ୍ୱିତ ହୋଇ ଅନ୍ୟକୁ ବି ଯେତେଟୋ ସେଇଭଳି କରି ତୋଳିପାରିବ - ପ୍ରତ୍ୟେକର ବୈଶିଷ୍ଟ୍ୟକୁ ଅକ୍ଷୁର୍ଣ୍ଣ ରଖି ସେତେ ହିଁ ତୁମେମାନେ ସଂଗଠିତ ହୋଇଉଠିବ। ନିଜର ବ୍ୟକ୍ତିତ୍ୱ ଆଦର୍ଶାନୁପୂରଣରେ ସୁସଂହତ ଓ ସୁସଂଗଠିତ ନ ହେଲେ ଅନ୍ୟକୁ ବି ସଂହତ ଓ ସଂଗଠିତ କରି ହୁଏନା। ତେଣୁ କହେ, ସଂହତ ଓ ସଂଗଠିତ ଚରିତ୍ର ସମ୍ପନ୍ନ ଯଦି ହୁଅ, ସେତେବେଳେ ସମଗ୍ର ବିଚ୍ଛିନ୍ନ ଦୁନିଆଟାକୁ ହିଁ ତୁମେ ଦାନା ବାନ୍ଧି ତୋଳିପାରିବ, ସେତେବେଳେ ତୁମର ଅଭାବ କୋଉଠି ? ସେତେବେଳେ ଦେଖିବ, ପ୍ରତ୍ୟେକର ହାତ ତୁମର ହାତ, ପ୍ରତ୍ୟେକର ମୁଣ୍ଡ ତୁମର ମୁଣ୍ଡ, ପ୍ରତ୍ୟେକର ଶକ୍ତି-ସମ୍ପଦ ତୁମର ବି ଶକ୍ତି-ସମ୍ପଦ, ଏକା ତୁମେ ବହୁ ହୋଇ ଅଛ ଏହିପ୍ରକାର ପ୍ରତି ପରସ୍ପରରେ, ସେତେବେଳେ ଆଉ ଶକ୍ତି ସାମର୍ଥ୍ୟର ଅଭାବ କୋଉଠି ? ସମବେତ ଇଚ୍ଛାର ଅଭ୍ୟୁତ୍ଥାନ ଏପରି କହନ୍ତି ବ୍ରାହ୍ମାନୁଭୂତି। ଏହି ବ୍ରହ୍ମୀଚଳନ ତୁମ ମାନଙ୍କର ଚରିତ୍ରଗତ ହେଉ। 'ମୟି ସର୍ବାଣି କର୍ମଣି ସଂନ୍ୟସ୍ୟାଧ୍ୟାତ୍ମଚେତସା, ନିରାଶୀନିର୍ମମୋ ଭୂତ୍ୱା ଯୁଦ୍ଧସ୍ୱ ବିଗତଜ୍ୱରଃ'। ନିଜର କ୍ଷୁଦ୍ର କ୍ଷୁଦ୍ର ସ୍ୱାର୍ଥ, ପ୍ରତ୍ୟାଶା ଓ ମମତ୍ୱମୋହରେ ଅଟକି ରହି ନିଜକୁ ନିଜର ବୃହତ୍ ଜୀବନରୁ ବଞ୍ଚିତ କରନା।

ସହ-ପ୍ରତିରତ୍ତ୍ୱିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଅସଜଡା ନୂଆବଜାର ହାଇସ୍କୁଲ୍

**କଟକ(ସଂପର୍କବାର୍ତ୍ତା):-** ନୂଆବଜାର ହାଇସ୍କୁଲ ଖେଳ ପଡ଼ିଆରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଗ୍ୟାଲେରି ନିର୍ମାଣର ଉଦ୍ଦେଶ୍ୟକୁ ନେଇ ଏବେ ପ୍ରଶ୍ନ ଉଠୁଛି। ନିକଟରେ ଏଠାରେ ଇନଡୋର ଷ୍ଟାଡ଼ିୟମ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ବେଳେ ଏହି ୨୦ ଲକ୍ଷ ଟଙ୍କାର ଗ୍ୟାଲେରିକୁ ଭାଙ୍ଗି ଦିଆଯିବ। କଟକ ସାଂସଦଙ୍କ ପାଣ୍ଠିରୁ ନିର୍ମିତ ଏହି ଗ୍ୟାଲେରି ଏଯାଏ କୌଣସି ବ୍ୟବହାରରେ ଆସି ନଥିବା ବେଳେ ଏଥିପାଇଁ କିଏ ଯୋଜନା କରିଥିଲା, ତାହାକୁ ନେଇ ପ୍ରଶ୍ନ ଉଠୁଛି। ଦାୟିତ୍ୱରେ ଥିବା ଯନ୍ତ୍ରୀ ଏଥିରେ ସେମାନଙ୍କର ଭୂମିକା ନାହିଁ ବୋଲି କହି ହାତ ଝାଡ଼ି ଦେଉଥିବା ବେଳେ ଏଭଳି ଏକ ଅନାବଶ୍ୟକ ପ୍ରକଳ୍ପ ନିର୍ମାଣ କରି କେବଳ ସରକାରୀ ଅର୍ଥ ଶ୍ରାଦ୍ଧ ହୋଇଥିବା ଅଭିଯୋଗ ହୋଇଛି। ୧୯୪୪ ମସିହାରେ ପ୍ରତିଷ୍ଠା କରାଯାଇଥିଲା କଟକ ପୂର୍ବାଞ୍ଚଳର ସର୍ବପୁରାତନ ନୂଆବଜାର ସରକାରୀ ହାଇସ୍କୁଲ। ଏହି ହାଇସ୍କୁଲରେ ଏବେ ୭୦୦ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏହି ସ୍କୁଲର ୫ ଏକରରୁ ଊର୍ଦ୍ଧ୍ୱ ଜାଗାରେ ରହିଛି ଖେଳ ପଡ଼ିଆ କିନ୍ତୁ ଦୀର୍ଘ ବର୍ଷ ହେଲା ରକ୍ଷଣାବେକ୍ଷଣ ଅଭାବରୁ ଏହା ବିପର୍ଯ୍ୟସ୍ତ ହୋଇ ରହିଛି। ଜାଇକା ସମ୍ପୂର୍ଣ୍ଣ ପଡ଼ିଆକୁ ଖାଲଖମା କରି ନଷ୍ଟ କରି ପଡ଼ିଆକୁ ନାଳ ନର୍ଦ୍ଦମାରେ ପରିଣତ କରିଦେଇଛି। ଖେଳ ପଡ଼ିଆର ଗ୍ୟାଲେରି। ଅନାଚନା ବଣ ଜଙ୍ଗଲରେ ଗ୍ୟାଲେରି ଲୁଚି ଗଲାଣି। ଏହି ଖେଳ ପଡ଼ିଆର ଏବେ ଉନ୍ନତିକରଣ ହୋଇ ଇନ୍‌ଡୋର ଷ୍ଟାଡ଼ିୟମ୍ ନିର୍ମାଣ ହେବ। ଡିସେମ୍ବର ୩୧ ତାରିଖରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଏହାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଉପସ୍ଥିତି ଥିବା ଏସିଡ଼ି ଏଭଳି ସ୍ଥିତି ସଂପର୍କରେ ପଚରା ଯିବାରୁ ସେ କହିଛନ୍ତି ଯେ ୨୦ ଲକ୍ଷ ଟଙ୍କା ବ୍ୟୟରେ ସାଂସଦ ଭର୍ତ୍ତୃହରି ମହତାବଙ୍କ ପାଣ୍ଠିରେ ଗ୍ୟାଲେରି ନିର୍ମାଣ କାର୍ଯ୍ୟ ହୋଇଛି। ଖେଳପ ପଡ଼ିଆରେ ଏଭଳି ସ୍ଥିତିରେ ଗ୍ୟାଲେରି କେମିତି ନିର୍ମାଣ ହେଲା, ସେ ସଂପର୍କରେ ସେ ଜାଣନ୍ତି ନାହିଁ। ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ କହିଥିଲେ ଯେ ଖେଳ ପଡ଼ିଆକ ଜାଇକା ନଷ୍ଟଭ୍ରଷ୍ଟ କରି ଦେଇଛି। ତାଙ୍କୁ ଆମେ ତାଗିଦ୍ କରିଛୁ। କିନ୍ତୁ ସେ ବି ଗ୍ୟାଲେରି ସଂପର୍କରେ ଜାଣନ୍ତି ନାହିଁ ବୋଲି କହିଥିଲେ। ଏବେ ଇନଡୋର ଷ୍ଟାଡ଼ିୟମ୍ ନିର୍ମାଣ ହେଲେ ଓପନ ଗ୍ୟାଲେରି ରେ ଆବଶ୍ୟକତା ନାହିଁ। ଏହି ଗ୍ୟାଲେରି ଭଙ୍ଗାଯିବ ଅର୍ଥାତ୍ ୨୦ ଲକ୍ଷ ଟଙ୍କା ପାଣିରେ ପଡ଼ିବାକୁ ଯାଉଛି।

ନୂଆବଜାର ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟଜିତ ମହାପାତ୍ର କହିଛନ୍ତି ଯେ କେବଳ ଗ୍ୟାଲେରି ନୁହେଁ, ହାଇସ୍କୁଲର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପାଇଁ ଏକ ଛୋଟ ମଣ୍ଡପ କରାଯାଇଛି। ଯାହା କୌଣସି କାମରେ ଲାଗିବ ନାହିଁ। ବର୍ଷକ ପୂର୍ବରୁ ମଣ୍ଡପ କାର୍ଯ୍ୟ ଆରମ୍ଭ ବେଳେ ସ୍କୁଲ ପକ୍ଷରୁ ଯନ୍ତ୍ରୀ ଓ ଠିକାଦାରଙ୍କ ଦୃଷ୍ଟି ଆକର୍ଷଣ କରଯାଇଥିଲାବେଳେ ସେମାନେ କିନ୍ତୁ ତାହାକୁ ଗୁରୁତ୍ୱ ଦେଇ ନଥିଲେ। ଫଳରେ ହୋଇଥିବା ନିର୍ମାଣ କାର୍ଯ୍ୟ କୌଣସି କାମରେ ଲାଗିବା ସ୍ଥିତିରେ ନାହିଁ। ଅନ୍ୟପଟେ ସରକାରୀ କାମରେ ଫଳକ ଲାଗିବା ନିୟମ ଥିଲେ ବି ପୂର୍ତ୍ତ ବିଭାଗ ତାହା କରୁନଥିବା ଅଭିଯୋଗ ହେଉଛି।

# କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କର ଶ୍ରୀରାମଙ୍କ ଆଶୀର୍ବାଦ ଭିକ୍ଷା

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଆଗାମୀ ବର୍ଷ ବିଶ୍ୱବାସୀ କରୋନା ମୁକ୍ତ ହୋଇ ସୁଖ, ଶାନ୍ତି, ନୀରୋଗ, ଆନନ୍ଦରେ ଜୀବନ ଅତିବାହିତ ନିମନ୍ତେ ଇଂରାଜୀ ନବବର୍ଷରେ ଭାରତର ପ୍ରଥମ ସ୍ମାର୍ଟ ଗ୍ରାମ କଲରାବାଙ୍କରେ ପ୍ରସିଦ୍ଧ ରଘୁନାଥଜୀଉ ଓ ଶଙ୍କଟ ମୋଚନ ମହାବୀରଙ୍କ ଆର୍ଶୀବାଦ ଭିକ୍ଷା କଲେ କନ୍ଧମାଳ ଲୋକସଭା ସାଂସଦ ତଥା କିଟ୍,କିସ୍ ଓ ସ୍ମାର୍ଟ ଗ୍ରାମର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ।



ପ୍ରକାଶ ଥାଉକି ଆଜି ସାଂସଦ ପ୍ରଫେସର ସାମନ୍ତ ପ୍ରତ୍ୟୁଷରୁ ପୁରୀ ସିଂହଦ୍ୱାରରେ ପୂଜାର୍ଚ୍ଚନା କରି ସେଠାରୁ ଶିରୁଳି ଯାଇ ଶିରୁଳି ମହାବୀରଙ୍କର ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ଫେରି ପ୍ରଫେସର ସାମନ୍ତ ଭୁବନେଶ୍ୱରର କିସ୍ ପରିସରରେ ଥିବା ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ନିଜର ଜନ୍ମମାଟି ଭାରତର ପ୍ରଥମ ସ୍ମାର୍ଟ ଗ୍ରାମ କଲରାବାଙ୍କରେ ପହଚି ରଘୁନାଥଜୀଉ, ସଂକଟ ମୋଚନ ମହାବୀର, ଦକ୍ଷୀଣେଶ୍ୱରୀ ମାକାଳୀଙ୍କର ଦର୍ଶନ ଓ ପୂଜା କରିବା ପରେ ଏହି ଗ୍ରାମରେ ଥିବା ତାଙ୍କର ପୂଜ୍ୟା ମା ସ୍ୱର୍ଗତ ନିଳିମାରାଣୀ ସାମନ୍ତଙ୍କ ପ୍ରତିମୁର୍ତ୍ତୀରେ ମାଲ୍ୟାର୍ପଣ କରି ଆର୍ଶୀବାଦ ଭିକ୍ଷା କରିଛନ୍ତି। ଏଥିଷର କିଟ୍ ମନ୍ଦିର ଟ୍ରଷ୍ଟ ତଥା ୧୦୮ ହନୁମାନ ମନ୍ଦିରର ଅଧକ୍ଷ ବାବା ରାମନାରାୟଣ ଦାସ ମହାରାଜ ଯୋଗଦେଇ ହନୁମାନ ଚ୍ଛଳିଶା ପାଠ କରିବା ସହିତ ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ପ୍ରତି ଭକ୍ତି ରଖି ଆଧାତ୍ମିକ ଦିଗରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଇଂରାଜୀ ନବବର୍ଷ ଉପଲକ୍ଷେ ସାଂସଦ ପ୍ରଫେସର ସାମନ୍ତଙ୍କୁ ଆଗାମୀ ଓଡିଶା ପକ୍ଷରୁ ବିଜୟ କୁମାର ସ୍ୱାଇଁ, ବରିଷ୍ଠ ଆଇନ୍‌ଜୀବି ମନୋରଞ୍ଜନ ପ୍ରଧାନ, ସମାଜସେବୀ ନିରୁପମା ସାମନ୍ତ, ସମାଜସେବୀ କାଙ୍ଗାଳୀରାମ ସାମନ୍ତ, କିଟ୍ ବିଦ୍ୟୁତ୍ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପଟ୍ଟନାୟକ, ରଘୁନାଥପୁର ସେସୁ ଏସ୍.ଡି.ଓ ବିଶ୍ୱରଞ୍ଜନ ଦେହୁରୀ, କଲରାବାଙ୍କ ହାଇସ୍କୁଲର ସମ୍ପାଦକ ନାରାୟଣ ପରିଡା, କଳିଙ୍ଗ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅଧକ୍ଷ ରାମକୃଷ୍ଣ ପାଢୀ, କଲରାବାଙ୍କ ଗ୍ରାମ ସମିତି ସଭାପତି ଅଞ୍ଜନ କୁମାର ସାମନ୍ତ, ସମ୍ପାଦକ ଅଭିନ୍ନ ଚନ୍ଦ୍ର କେଶ୍, ଗ୍ରାମ ମହିଳା ସମିତି ସମ୍ପାଦିକା ଅଞ୍ଜଳି ସାମନ୍ତ, ଚନ୍ଦନା ସାମନ୍ତ, ନିଳିମାରାଣି ଚାରିଟେବୁଲ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଗାଚରଣ ସାମନ୍ତ, ଶିକ୍ଷକ ଯଚେନ୍ଦ୍ର ଲେଙ୍କା, କଲରାବାଙ୍କ ଯୁବକ ସଂଘ ପକ୍ଷରୁ ସନ୍ତୋଷ ସାମନ୍ତ, ଅଙ୍କିତ ସାମନ୍ତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପଗୁଚ୍ଛ ଦେଇ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ସମସ୍ତଙ୍କର ୨୦୨୨ ବର୍ଷ ସୁଖ ଶାନ୍ତି ଆନନ୍ଦ ଏବଂ ଉନ୍ନତିର ବର୍ଷ ହେଉ ଏହାହିଁ ସାଂସଦ ପ୍ରଫେସର ସାମନ୍ତ କାମନା କରି ସମସ୍ତଙ୍କୁ ଗଭୀର କୃତଜ୍ଞତା ଜଣାଇବା ସହିତ ସମସ୍ତଙ୍କୁ ମିଷ୍ଟାନ ବଣ୍ଟନ କରିଥିଲେ।

# ୮,୧୦୨ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ହେବେ ନିୟମିତ




**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ନୂତନ ବର୍ଷ ଅବସରରେ ରାଜ୍ୟ ସରକାର ୮୧୦୨ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକମାନଙ୍କ ଚାକିରିକୁ ନିୟମିତ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ସହୃଦୟତାର ସହ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ପଦୋନ୍ନତି ନିମନ୍ତେ ଉଦ୍ଦିଷ୍ଟ ସମୟସୀମାକୁ କୋହଳ କରିଥିବାରୁ ୪୦ ହଜାର ୫୨ ଜଣ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇ ପାରିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରକାଶ କରିଛନ୍ତି।

# ଚିରଞ୍ଜୀବ୍‌ଙ୍କୁ ନବବର୍ଷର ଅଭିନନ୍ଦନ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ପୁର୍ବତନ ବିଧାୟକ ତଥା ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କୁ ଆଜି ତାଙ୍କ ସିପିସ୍ଥିତ କଂଗ୍ରେସ କାର୍ଯ୍ୟଳୟ ଠାରେ ଜିଲ୍ଲା କଂଗ୍ରେସ ଦଳର ବହୁ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ମାନେ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇଛନ୍ତି। ଜିଲ୍ଲା କଂଗ୍ରେସ କମିଟି ସଭାପତି ନଟବର ବାରିକ,ଯୁବକଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ,ନଗରକଂଗ୍ରେସ କମିଟି ସଭାପତି ଅଭୟ କୁମାର ମହାନ୍ତି,ବ୍ଲକ କଂଗ୍ରେସ କମିଟି ସଭାପତି ଅଦ୍ୱୈତଚରଣ ଜେନା,ତିର୍ତ୍ତୋଲ ବିଧାନ ସଭାର ନେତା ହିମାଂଶୁ ଭୂଷଣ ମଲ୍ଲିକ,ରଘୁନାଥପୁର ବ୍ଲକ କଂଗ୍ରେସ କମିଟି ସଭାପତି, ନାଉଗାଁ ବ୍ଲକ କଂଗ୍ରେସ କମିଟି ସଭାପତି ଙ୍କ ସହିତ ବହୁ କଂଗ୍ରେସ କର୍ମୀ ଯୋଗଦେଇ ତାଙ୍କର ପ୍ରିୟ ନେତା ଚିରଞ୍ଜୀବ୍ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ନୁତନ ବର୍ଷର ଅଭିନନ୍ଦନ ଜଣାଇଥିଲେ।

# ଭୁବନେଶ୍ୱରରେ କଟକଣା ପୂର୍ବରୁ 'ଛତରଖିଆ' ମଦ ନେଉଛନ୍ତି ବୋହି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଜିରୋ ନାଇଟ୍ ଓ ନୂଆ ବର୍ଷ ପାଳନ ଉପରେ କଟକଣା ଲାଗିଥିବାରୁ ରାଜଧାନୀରେ ରାତିସାରା ପୋଲିସ୍ ନାକାବନ୍ଦୀ କରିଥିଲା। ସନ୍ଧ୍ୟା ସମୟରେ ଛକରୁ ଛକ ବୁଲି ମାଇକ୍‌ରେ ପ୍ରଚାର କରି ସଚେତନ କରିବା ସହ ମଲ୍‌ରେ ପସି ଅମାନିଆଙ୍କୁ ଜୋରିମାନା କରିଥିଲା। ସହରସାରା ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ଆରମ୍ଭ କରି ଖଣ୍ଡଗିରି, ଜୟଦେବ ବିହାର, ପଟିଆ ପର୍ଯ୍ୟନ୍ତ ସବୁ ଜାଗାରେ ପୋଲିସ୍ ପଇନ୍ତରା ମାରୁଥିଲା। ସମଗ୍ର ସହରରେ ୪୭ଟି ଛକରେ କମିଶନରେଟ୍ ପୋଲିସ୍‌ର ୧୫ ସେକ୍ସନ ଫୋର୍ସ ମୁତୟନ ହୋଇଥିଲା। ଜରୁରୀ ସେବାରେ ଯାଉଥିବା ଗାଡିକୁ ଛାଡି ପ୍ରତି ସନ୍ଦିଗ୍ଧ ଗାଡି ଓ ନିଶାସକ୍ତଙ୍କୁ ଅଟକାଯାଇ ଯାଞ୍ଚ କରୁଥିଲା ପୋଲିସ୍। ସେହିଭଳି ଭୁବନେଶ୍ୱରର ଅବକାରୀ ପୋଲିସ୍ ସନ୍ଧ୍ୟାବେଳେ ୩ଟି ଟିମ୍ ଗଠନ କରି ରାଜଧାନୀରେ ଥିବା ସମସ୍ତ ବାର ଓ ମଦ ଦୋକାନ ଉପରେ ଚଢଉ କରିଥିଲା। କଟକ ରୋଡ୍‌ରୁ ରାଜମହଲ ଛକ ପାଇଁ ଗୋଟିଏ ଟିମ୍ ଥିବା ବେଳେ ଖଣ୍ଡଗିରିରୁ ତମାଣ୍ଡୋ ଓ ପଟିଆ ପାଇଁ ମୋଟ୍ ଦୁଇଟି ଟିମ୍ ଚଢଉ କରିଥିଲେ। ଦିନରୁ ବିଏମ୍‌ସି ସହିତ ମିଶି ସବୁ ଅଞ୍ଚଳ ସ୍ଥାନୀୟ ପୋଲିସ୍ ବିଭିନ୍ନ ମଲ୍‌ରେ ଚଢଉ କରି ଲକ୍ଷାଧିକ ଟଙ୍କାର ଜୋରିମାନା ଆଦାୟ କରିଥିଲା। ପ୍ରଶାସନ ରାଜଧାନୀରେ ଜିରୋ ନାଇଟ୍ ସେଲିବ୍ରେସନ୍ ଉପରେ କଟକଣା ଲଗାଇବା ସହ ଭିଡ ଉପୁଜିବାକୁ ଥିବା ସମସ୍ତ ଜାଗାରେ ନାକାବନ୍ଦୀ ପୂର୍ବରୁ




ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ସେଥିପାଇଁ ଭୋର୍‌ରୁ ମଦ ଦୋକାନ ଆଗରେ ଧାଡି ବାନ୍ଧି ମଦ ବୋହି ନେଉଥିଲେ। ସ୍ଥିତି ଏମିତି ଥିଲା ଯେ, ମଦ ଦୋକାନ ଆଗରେ ରାସ୍ତା ଉପରେ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ଯିଏ ଦେଖୁଥିଲା କହୁଥିଲା ଧନ୍ୟରେ, ସେମାନଙ୍କ ମାଆ ବାପା! କେଉଁଠି ପେଟ ଚାଖଣ୍ଡଙ୍କ ପାଇଁ କିଏ ମୂଲ ଲାଗୁଥିବା ବେଳେ କିଏ ଦିନକୁ ଦୁଇଓଳି ଖାଇବା ପାଇଁ ଯା ତା ଓଳିତଳ ଓ ଦୋକାନରେ ଭିକ ମାଗୁଛି, ଏଠି ମଦ ପିଇବା ପାଇଁ ଲମ୍ବା ଧାଡି ଲାଗିଛି। ଯେଉଁମାନେ ମଦ ନେବା ଲାଗି ଧାଡି ବାନ୍ଧିଛନ୍ତି ନିଶ୍ଚିତ ଭାବେ ଧାଡିରେ ଛିଡା ହୋଇଥିବା ଲୋକ ହୁଅନ୍ତୁ ବା ସେମାନଙ୍କ ବାପା ମାଆ ହୁଅନ୍ତୁ ନିଶ୍ଚିତ ଚୋରିକରି ଆଣୁଥିବା ପଇସାରେ ସେମାନେ ମଦ ପାଇଁ ଧାଡିରେ ଛିଡା ହୋଇଥିବା କହୁଥିବା ଶୁଣିବାକୁ ମିଳୁଛି।

**ଦେବାଶିଷ ସାମନ୍ତରାୟ, ମଧୁସୁଦନ ସାହୁ, ଅନିତା ବେହେରା ଓ ସଭାନେତ୍ରୀ ପୂର୍ଣ୍ଣିମା ସିଂହଙ୍କ ସହଯୋଗରେ**

# କଟକର ୱାର୍ଡ ସଭାପତିଙ୍କ ନାମ ଘୋଷଣା

**କଟକ(ସଂପର୍କବାର୍ତ୍ତା):-** ଜିଲ୍ଲା ବିଜେଡ଼ି ସଭାପତି ଦେବାଶିଷ ସାମନ୍ତରାୟ ନଗର ବିଜେଡ଼ି ସଭାପତି ମଧୁସୂଦନ ସାହୁଙ୍କ ଅନୁମୋଦନ କ୍ରମେ, ଜିଲ୍ଲା ମହିଳା ବିଜେଡ଼ି ସଭାନେତ୍ରୀ ଅନିତା ବେହେରାଙ୍କ ସହଯୋଗରେ ମହାନଗର ମହିଳା ବିଜେଡ଼ି ସଭାନେତ୍ରୀ ପୂର୍ଣ୍ଣିମା ସିଂହ ମହାନଗର ମହିଳା ବିଜେଡ଼ିର ୱାର୍ଡ଼ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ୱାର୍ଡ଼ ନଂ୧ ରୁ ତପସ୍ୱିନୀ ମହାପାତ୍ର, ୨ ମମତା ମହାନ୍ତି, ୩ ମିନର୍ଭା ରାଉତ, ୪ ରୀତା ସ୍ୱାଇଁ, ୫ ପ୍ରିୟମ୍ବଦା ସ୍ୱାଇଁ, ୬ ନିରୂପମା ପାଢ଼ୀ, ୭ ଟିକିନା ରାଉତ, ୮ ଲିଳିବାଳା କାଣ୍ଡି, ୯ ଶ୍ରୀମନ୍ତିନୀ ଶତପଥୀ, ୧୦ ପଷ୍ପଲତା ଦାସ, ୧୧ ରଶ୍ମିତା ବେହେରା, ୧୨ କବିତା ସିଂହ, ୧୩ ନୀଳିମା ବେହେରା, ୧୪ ସେହେନାଜ୍ ବେଗ୍, ୧୫ ଅଙ୍ଗୁରବାଳା ଦାସ, ୧୬ ଅନୁସୂୟା ରାଉତରାୟ, ୧୭ ସବିନା ପରବିନ୍, ୧୮ ୟାସ୍ମିନ୍ ନିଶା, ୧୯, ସପ୍ନା ପାତ୍ର, ୨୦ ଅନ୍ନପୂର୍ଣ୍ଣା ବେହେରା, ୨୧ ଦମୟନ୍ତୀ ଦାସ, ୨୨ ମିନତୀ ମହାନ୍ତି, ୨୩ ମଞ୍ଜୁଶ୍ରୀ ମିଶ୍ର, ୨୪ ବାଣୀଅର୍ଚ୍ଚନା ମୂଳିଆ, ୨୫ ସବିତା ମହାରଣା, ୨୬ ମମତା ବେହେରା, ୨୭ ତିଳତମା ପୃଷ୍ଟି, ୨୮ ବୈଶାଖୀ ରାଉତ, ୧୯ ସପ୍ନା ମହାନ୍ତି, ୩୦ ବନଜା ପ୍ରଧାନ, ୩୧ ଉତ୍ତମା ବେହେରା, ୩୨ ମଞ୍ଜୁଶ୍ରୀ ଦାସ, ୩୩ କାଞ୍ଚନ ଦାସ, ୩୪ ମାଳିନୀ ମଞ୍ଜରୀ ପୃଷ୍ଟି, ୩୫ ସନ୍ତୋଷୀ ସ୍ୱାଇଁ, ୩୬ ପଦ୍ମିନୀ ଲେଙ୍କା, ୩୭ କଳ୍ପନା ମଲ୍ଲିକ ୩୮ କବିତା ରାଓ, ୩୯ ଜୟନ୍ତୀ ବାରିକ, ୪୦ ସଲ୍‌ମା ସିତରା, ୪୧ ରଞ୍ଜୁକ୍ତା ମହାନ୍ତି, ୪୨ ଉର୍ମିଳା ବେହେରା, ୪୩ ପଣତି ସାହୁ, ୪୪ ଦେବସ୍ମିତା ଲେଙ୍କା, ୪୫ ଲକ୍ଷ୍ମୀପ୍ରିୟ ସାହୁ, ୪୬ ନୟନା ସ୍ୱାଇଁ, ୪୭ ସବିତା ଦାସ, ୪୮ ଇତିଶ୍ରୀ ପଣ୍ଡା, ୪୯ ସରୋଜିନୀ ମାହାଳି, ୫୦ ଜ୍ୟୋସ୍ନାରାଣୀ ଗୟା, ୫୧ ଶ୍ୱେକା ଜେନା, ୫୨ କବିତା ସାହୁ, ୫୩ ବିଦ୍ୟୁଲତା ସ୍ୱାଇଁ, ୫ କଳ୍ପନା ନାୟକ, ୫୫ ବିଶ୍ୱବନ୍ଦିତା ପଣ୍ଡା, ୫୬ ରଶ୍ମିତା ଜେନା, ୫୭ ଶୈଳବାଳା ସ୍ୱାଇଁ, ୫୮ ରୀତୁ ବେହେରା, ୫୯ ସୁଜାତା ପ୍ରଧାନଙ୍କୁ ମହିଳା ୱାର୍ଡ଼ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ନୂତନ ସଭାପତିମାନେ ଜିଲ୍ଲା ସଭାପତି ଦେବାଶିଷ ସାମନ୍ତରାୟ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟକ ଚନ୍ଦ୍ରସାରଥି ବେହେରା, ନଗର ସଭାପତି ମଧୁସୂଦନ ସାହୁ, ଜିଲ୍ଲା ସଭାପତି ଅନିତା ବେହେରା, ନଗର ସଭାପତି ପୂର୍ଣ୍ଣିମା ସିଂହଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନୂଆବର୍ଷରେ ସାଙ୍ଗ ପାଇଁ ସାଙ୍ଗ ଦେଲା ଜୀବନ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କେନ୍ଦୁଝର ଜିଲ୍ଲା ଘସିପୁର ଥାନା ଅଧୀନ ଢିଙ୍କିଆ ଗ୍ରାମର ଯୁବକ ଶୁକ୍ରବାର ସାଙ୍ଗଙ୍କୁ ଉଦ୍ଧାର କରିବାକୁ ରେମାଳ ଡ୍ୟାମ୍‌ରେ ବୁଡି ପ୍ରାଣ କରାଇଛନ୍ତି। ମୃତକ ହେଲେ ଗ୍ରାମାର କାଳନ୍ଦୀ ସାହୁଙ୍କ ପୁଅ ସୁବ୍ରତ(୨୧)। ସୂଚନା ଅନୁଯାୟୀ, ସୁବ୍ରତ ଅପରାହ୍ନରେ ସାଙ୍ଗମାନଙ୍କ ସହ ରେମାଳ ଡ୍ୟାମ୍ ବୁଲିବାକୁ ଯାଇଥିଲେ। ସେଠାରେ ଗାଧୋଇବା ବେଳେ ଗୋଡ ଖସିଯିବାରୁ ସାଙ୍ଗ ରୋଶନ ପୃଷ୍ଟି ପାଣିରେ ବୁଡି ଯାଇଥିଲେ। ସାଙ୍ଗଙ୍କୁ ଉଦ୍ଧାର



କରିବାକୁ ସୁବ୍ରତ ପାଣିକୁ ଡେଇଁ ପଡିଥିଲେ। ରୋଶନ ଉଦ୍ଧାର ହୋଇଥିବା ବେଳେ ଦୀର୍ଘ ସମୟ ଧରି ସୁବ୍ରତ ପାଣିରେ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଦି'ବ୍ରେନ୍ ଫାଉଣ୍ଡେସନ ଖ୍ରୀଷ୍ଟମାସ ସେବା ସପ୍ତାହ

**କଟକ(ସଂପର୍କବାର୍ତ୍ତା):-** ପୁରୀଘାଟ ରୋଡ଼ସ୍ଥିତ ଦି'ବ୍ରେନ୍ ଫାଉଣ୍ଡେସନ ଆନୁକୂଲ୍ୟରେ ବାଙ୍କୀ ସନ୍ନିକଟ ଗୟାଳବାଙ୍କ ଗ୍ରାମରେ ଖ୍ରୀଷ୍ଟମାସ ସେବା ସପ୍ତାହ ଅବସରରେ ମାଗଣା ମାନସିକ ରୋଗ ଚିକିତ୍ସା ଶିବିର ଓ ସେବାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ମୁଖ୍ୟ ଟ୍ରଷ୍ଟି ତଥା ବିଶିଷ୍ଟ ଯୁବମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସମ୍ରାଟ କରଙ୍କ ପୌରହିତ୍ୟରେ ଶତାଧିକରୁ ଉର୍ଦ୍ଧ୍ୱ ମାନସିକ ରୋଗୀଙ୍କ ଚିକିତ୍ସା ଦାୟିତ୍ୱ ଗ୍ରହଣ ଓ ପରୀକ୍ଷା ସହ ଆନୁସଙ୍ଗିକ ଔଷଧପତ୍ର, ସାନିଟାଇଜର, ମାକ୍ସ ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଗୋପାଳ କରଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ସହକାରୀ ପ୍ରଫେସର ଡାକ୍ତର ଶୁଭଶ୍ରୀ ମିଶ୍ର ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସମାଜ ସେବୀ ନିରଞ୍ଜନ ଡାଲୁଅ, ରବିନାରାୟଣ ମିଶ୍ର, ସୁବାଷ ପଟ୍ଟନାୟକ, ରଶ୍ମୀ ରଞ୍ଜନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। କଟକ ସହର ଓ ସନ୍ନିକଟ ବସ୍ତୀ ଅଞ୍ଚଳରେ ମାନସିକ ଚିକିତ୍ସା ସେବାରୁ ବଞ୍ଚିତ ଦିବ୍ୟାଙ୍ଗ ମାନଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ସପ୍ତାହବ୍ୟାପୀ ପ୍ରଦାନ ସହ ଔଷଧପତ୍ର ଓ ଆନୁସଙ୍ଗିକ ଦାୟିତ୍ୱ ଫାଉଣ୍ଡେସନ ଗ୍ରହଣ କରିଛି ବୋଲି ଏହି ଅବସରରେ ଡାକ୍ତର କର ସୂଚନା ଦେଇଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ଲୋକପ୍ରତିନିଧିମାନେ ଏଥିରେ ସହଯୋଗ ପୂର୍ବକ ଫାଉଣ୍ଡେସନର ସେବାକାର୍ଯ୍ୟ ପାଇଁ କୃତଜ୍ଞତା ଜଣାଇବା ସହ ଅନୁଷ୍ଠାନର ଭୂୟଂଶୀ ପ୍ରଶଂସା କରିଥିଲେ।

# ମାତୃଜାତିର ଉନ୍ନତି ବିନା ସମାଜର ଉନ୍ନତି ଅସମ୍ଭବ - ଡ. ଇତି ସାମନ୍ତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ମାତୃ ଜାତିର ଉନ୍ନତି ବିନା ସମାଜର ଉନ୍ନତି ଅସମ୍ଭବ ବୋଲି ଆଜି ଭାରତର ପ୍ରଥମ ସ୍ମାର୍ଟ ଗ୍ରାମ କଲରାବାଙ୍କ ନିଳିମାରାଣୀ ସାମନ୍ତ ସଭାଗୃହରେ କଲରାବାଙ୍କ ମହିଳା ସମିତିର ବୈଠକରେ ମୁଖ୍ୟଅତିଥିଭାବେ କାଦମ୍ବିନୀ, କୁନିକଥାର ସମ୍ପାଦିକା ତଥା ନିଳିମାରାଣୀ ମେମୋରିଆଲ୍ ଚ୍ଛରିଟେବୁଲ ଟ୍ରଷ୍ଟର ମୁଖ୍ୟ ପୁରୋଧା ଡ. ଇତି ସମାନ୍ତ ଯୋଗଦେଇ ଏହା କହିଥିଲେ। ଡ. ଇତି ସାମନ୍ତ ଆହୁରି କହିଲେ ଯେ, ମା' ମାନଙ୍କର ଉନ୍ନତି ପାଇଁ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନଶକ୍ତି ପ୍ରତିଷ୍ଠା କରି ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେଉଛନ୍ତି। ଏହାର ସୁଯୋଗ



ମା' ମାନେ ନେବା ଆବଶ୍ୟକ ବୋଲି ସେକହିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ସମାଜସେବୀ ନିରୁପମା ସାମନ୍ତ ଯୋଗଦେଇ ପ୍ରତ୍ୟେକ ମା'ମାନେ ନିଜର ଗୋଡରେ ଛିଡା ହୋଇ ନିଜ ପରିବାରର ଉନ୍ନତି କରିବା ଆବଶ୍ୟକ ବୋଲି କହିଥିଲେ। ଏଥିରେ କଲରାବାଙ୍କ ମହିଳା ସମିତିର ସମ୍ପାଦକ ଅଞ୍ଜଳି ସାମନ୍ତ, ଅନିତା ସାମନ୍ତ, ଚନ୍ଦନା ସାମନ୍ତ, ମମତା କୁମାର, ଚଞ୍ଚଳା ସାମାନ୍ତ, ଦୁର୍ଗା ସାମନ୍ତ, ପୁରବି ସାମନ୍ତ, ଆରତି ସାମନ୍ତ, ମମତା ସାମନ୍ତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ଏହି ଅବସରରେ ମହିଳାମାନେ, ଡ. ଇତି ସାମନ୍ତଙ୍କୁ ପୁଷ୍ପ ଗୁଚ୍ଛ ଦେଇ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ସେହିପରି ନିଳିମାରାଣୀ ମେମୋରିଆଲ୍ ଚ୍ଛରିଟେବୁଲ ଟ୍ରଷ୍ଟ, କଲରାବାଙ୍କ ହାଇସ୍କୁଲ, କଳିଙ୍ଗ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପକ୍ଷରୁ ଡ. ସାମନ୍ତଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ କାଦମ୍ବିନି କୁନି କଥା ସମ୍ପାଦିକା ତଥା କଲରାବାଙ୍କ ହାଇସ୍କୁଲ ଏବଂ କଳିଙ୍ଗ ଇଂରାଜୀ ମାଧମ ବିଦ୍ୟାଳୟ ମୁଖ୍ୟ ପୁରୋଧା ଡ.ଇତି ସାମନ୍ତ ମଧ ମା ନିଳିମା ରାଣୀଙ୍କ ପ୍ରତିମୁର୍ତ୍ତୀରେ ମାଲ୍ୟାର୍ପଣ କରି ଆର୍ଶୀବାଦ ଭିକ୍ଷା କରିଥିଲେ।

# ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀଙ୍କ ଅଚାନକ ଗସ୍ତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡିଶା ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଶ୍ରୀ ଅମରେଶ ପତ୍ରୀ ଗତକାଲି ଅଚାନକ ମୟୂରଭଞ୍ଜ ଜିଲ୍ଲା ବାରିପଦା ଡିଭିଜନ ଅନ୍ତର୍ଗତ ଉଦଳା ଓ.ଏଲ୍.ଆଇ.ସି. ସବ୍ ଡିଭିଜନ ଗସ୍ତ କରି କାର୍ଯ୍ୟାଳୟ ଠାରେ ଏକ ସମୀକ୍ଷା ବୈଠକରେ କାର୍ଯ୍ୟ ସମୀକ୍ଷା କରିଥିଲେ। ବୈଠକ ପରେ ନିଗମ ଅଧ୍ୟକ୍ଷ ଶ୍ରୀ ପତ୍ରୀ ସଂପୃକ୍ତ ଯନ୍ତ୍ରୀମାନଙ୍କ ସହିତ କ୍ଷେତ୍ର ପରିଦର୍ଶନ କରି ଉଦଳା ନିର୍ବାଚନ ମଣ୍ଡଳୀ ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଜୟପୁର ପଂଚାୟତର ଶ୍ରୀନାଥପୁର ଗ୍ରାମସ୍ଥିତ ନଦୀତଟ ଉଠାଜଳସେଚନ ପ୍ରକଳ୍ପ, ଜୟପୁର ଗ୍ରାମସ୍ଥିତ ଜୟପୁର-୩ ଉଠା ଜଳସେଚନ ପ୍ରକଳ୍ପ ଏବଂ ବରଡିହି ଗ୍ରାମ ପଂଚାୟତ ଅନ୍ତର୍ଗତ ପରିଚିପୁର ଗ୍ରାମର ଶାନ୍ତିଲତା ପାଢୀଙ୍କ ଗଭୀର ସେଚକୂପ ପ୍ରକଳ୍ପ ବୁଲି ଦେଖିଥିଲେ। ଉପରୋକ୍ତ ପ୍ରକଳ୍ପଗୁଡିକର ୭୨ ହେକ୍ଟର ସେଚାଂଚଳ ରହିଥିବା ଜଣାଯାଇଥିବା ବେଳେ ପରିଦର୍ଶନ ସମୟରେ ଶ୍ରୀ ପତ୍ରୀ ଶ୍ରୀନାଥପୁର ନଦୀତଟ ଉଠାଜଳସେଚନ ପ୍ରକଳ୍ପ ମରାମତି ଅଭାବରୁ ଅଚଳ ରହିଥିବା ଜାଣିବାକୁ ପାଇଥିଲେ। ଏହି ପ୍ରକଳ୍ପ ସମେତ ଅନ୍ୟ ମରାମତି ଯୋଗ୍ୟ ଅଚଳ ଉଠାଜଳସେଚନ ପ୍ରକଳ୍ପକୁ ସଚଳ ନିମନ୍ତେ ଯାହା ଯାହା ଆବଶ୍ୟକତା ରହିଛି, ସେ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ଶ୍ରୀ ପତ୍ରୀ ସଂପୃକ୍ତ ଯନ୍ତ୍ରୀ ଓ କୃଷକମାନଙ୍କ ସହିତ ଆଲୋଚନା କରି କହିଥିଲେ ଯେ,ଚାଷ ପାଇଁ ଉଠା ଜଳସେଚନ ବ୍ୟବସ୍ଥା ଚାଷୀମାନଙ୍କ ପାଇଁ ଆଶା ଭରସା ହୋଇଛି। ତେବେ ମରାମତି ଯୋଗ୍ୟ ପ୍ରକଳ୍ପଗୁଡିକର



ଉପଯୁକ୍ତ ମରାମତି ଓ ରକ୍ଷଣାବେକ୍ଷଣ କରାଗଲେ ଆବଶ୍ୟକ ସମୟରେ କୃଷି କ୍ଷେତ୍ରକୁ ଜଳ ଯୋଗାଣର ଆବଶ୍ୟକତାକୁ ପୂରଣ କରାଯାଇପାରିବ। ଏହି ପରିଦର୍ଶନ ଅବସରରେ ସେ ଉଦଳା ଏଲ୍.ଆଇ ସବ୍ ଡିଭିଜନ ଦ୍ୱାରା ଉଠା ଜଳସେଚନ ପ୍ରକଳ୍ପ ଯୋଗେ ଚାଷୀମାନେ କିପରି ଉପକୃତ ହେଉଛନ୍ତି ସେ ସମ୍ପର୍କରେ ଶ୍ରୀ ପତ୍ରୀ ବୁଝିବା ସହ ପ୍ରକଳ୍ପ ଦ୍ୱାରା ସେମାନେ କିପରି ଅଧିକରୁ ଅଧିକ ରୋଜଗାର ବଢାଇପାରିବେ, ସେ ସମ୍ପର୍କରେ ଅଧ୍ୟକ୍ଷ ଶ୍ରୀ ପତ୍ରୀ ଆଲୋଚନା କରିଥିଲେ।

କୃଷିର ବିକାଶ ଓ କୃଷକମାନଙ୍କର କଲ୍ୟାଣ ପାଇଁ ଉଠା ଜଳସେଚନ ନିଗମ ଜରିଆରେ ଆବଶ୍ୟକ ସୁବିଧା ଜନକ ସ୍ଥାନରେ ଜଳସେଚନ ବ୍ୟବସ୍ଥା କରିବା ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଯେଉଁ ସ୍ୱପ୍ନ ରହିଛି, ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମ ଆଧାରରେ ସମସ୍ତଙ୍କ ସହଯୋଗରେ ନିଗମ ତରଫରୁ ରହିଥିବା ପ୍ରସ୍ତାବିତ ନୂତନ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ଓ ସଚଳକ୍ଷମ ପ୍ରକଳ୍ପଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଓ.ଏଲ୍.ଆଇ.ସି ଅଧକ୍ଷ ଶ୍ରୀ ପତ୍ରୀ ସମ୍ପୃକ୍ତ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ପାତ୍ର, କନିଷ୍ଠ ଯନ୍ତ୍ରୀ ଶ୍ରୀ ସୁବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି, ଓ.ଏଲ୍.ଆଇ.ସି ଅଧକ୍ଷ ଶ୍ରୀ ପତ୍ରୀ ଏହା ପୂର୍ବରୁ ଗତ ସପ୍ତାହରେ ମୟୂରଭଞ୍ଜ ଜିଲ୍ଲାର ସାରସକଣା ବ୍ଲକର ଝାରପୋଖରିଆ ଗସ୍ତ ପରିପ୍ରେକ୍ଷୀରେ ସେଠାରେ ଅଚଳ ଥିବା ସେଚ ନଳକୂପକୁ ସଚଳ କରାଯିବା ପାଇଁ ଯେଉଁ ନିର୍ଦ୍ଦେଶ ଦେଇଥିଲେ, ଏହାର କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାଯାଇଛି। ଏଥିପାଇଁ ଅଂଚଳର ଚାଷୀମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି।

# ୨୦୨୧ରେ ଜଳସମ୍ପଦ ବିଭାଗର ସଫଳତା ପ୍ରଶଂସନୀୟ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ୨୦୨୧ ବର୍ଷରେ ରାଜ୍ୟ ଜଳସମ୍ପଦ ବିଭାଗର ସଫଳତା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ରହିଥିବା ଜଣାଯାଇଛି। ତନ୍ମଧ୍ୟରେ ରହିଛି ଉପର ଇନ୍ଦ୍ରାବତୀ ଲିଫ୍ଟ କେନାଲ ସିଷ୍ଟମ ଏବଂ ଲୋୟର ଇନ୍ଦ୍ରା ବୃହତ୍ ଜଳସେଚନ ପ୍ରକଳ୍ପ। ଏହି ପ୍ରକଳ୍ପ ଦ୍ୱୟ ଦ୍ୱାରା ଯଥାକ୍ରମେ ୨୫ ହଜାର ୨୭୫ ହେକ୍ଟର ଓ ୨୯ ହଜାର ୮୯୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା କରାଯାଇପାରିଛି।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅନ୍ତଃନଦୀ ଜଳାଶୟ ନିର୍ମାଣ ବିଭିନ୍ନ ପର୍ଯ୍ୟାୟରେ ପହଁଚିଛି। ନଦୀ ତଟ ଶ୍ରୋତ ପ୍ରତିକୂଳ ପାର୍ଶ୍ୱରେ ଥିବା ଏହି ବୃହତ୍ ଜଳାଶୟ ପ୍ରକଳ୍ପଗୁଡିକ ଦ୍ୱାରା ପାନୀୟ ଜଳ ସୁବିଧା, ଭୂତଳ ଜଳ ଭରଣ, ପରିସଂସ୍ଥାର ସନ୍ତୁଳନ ଓ ଜଳବାୟୁ ସହନଶୀଳ ହୋଇପାରିବ।

କେନ୍ଦ୍ରୀୟ ଭୂତଳ ଜଳ ସହଭାଗିତାରେ ଭୂତଳ ଜଳ ସଂପଦର ଆକଳନ -୨୦୨୦ ସଫଳତାର ସହ କରାଯାଇଛି। ଜଣାଯାଇଛି ଯେ, ରାଜ୍ୟରେ ଏପର୍ଯ୍ୟନ୍ତ ଜଳର ଅତିଶୟ ବ୍ୟବହାର କରାଯାଇନାହିଁ ବା ଅନ୍ୟ ପକ୍ଷରେ କହିବାକୁ ଗଲେ ରାଜ୍ୟରେ କୌଣସି ଗମ୍ଭୀରଜନକ ସ୍ଥିତିରେ ଥିବା ବ୍ଲକ ନାହିଁ। ରାଜ୍ୟର ଉନ୍ନୟନକୁ ଲକ୍ଷ୍ୟ ରଖି ବିଭିନ୍ନ ସ୍ଥାନରେ ଜଳର ଉପଯୋଗ ହୋଇଥିଲେ ମଧ ଭୂତଳ ଜଳର ସ୍ତର ସନ୍ତୋଷଜନକ ରହିଛି।

ହଜାର ବର୍ଷରୁ ଉର୍ଦ୍ଧ୍ୱ କଟକ ସହର ଦେଇ ଯାଇଥିବା ତାଳ ଦଣ୍ଡା କେନାଲକୁ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗରେ ସିସିଜିଏମ୍ (ସିମେଣ୍ଟସ୍ କମ୍ପୋଜିଟ୍ ଜିଓ ସିନ୍ଥେଟିକ୍ ମ୍ୟାଟ୍ରେସ୍ ବ୍ୟବସ୍ଥାରେ ପୁନରୁଦ୍ଧାର କରାଯାଇଛି।

# ୨୦୨୧ ବର୍ଷରେ ଜଳସମ୍ପଦ ବିଭାଗର ସଫଳତା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ୨୦୨୧ ବର୍ଷରେ ରାଜ୍ୟ ଜଳସମ୍ପଦ ବିଭାଗର ସଫଳତା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ରହିଥିବା ଜଣାଯାଇଛି । ତନ୍ମଧ୍ୟରେ ରହିଛି ଉପର ଇନ୍ଦ୍ରାବତୀ ଲିଫ୍ଟ କେନାଲ ସିଷ୍ଟମ ଏବଂ ଲୋୟର ଇନ୍ଦ୍ରା ବୃହତ୍ ଜଳସେଚନ ପ୍ରକଳ୍ପ । ଏହି ପ୍ରକଳ୍ପ ଦ୍ୱୟ ଦ୍ୱାରା ଯଥାକ୍ରମେ ୨୫ ହଜାର ୨୭୫ ହେକ୍ଟର ଓ ୨୯ ହଜାର ୮୯୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା କରାଯାଇପାରିଛି ।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅନ୍ତଃନଦୀ ଜଳାଶୟ ନିର୍ମାଣ ବିଭିନ୍ନ ପର୍ଯ୍ୟାୟରେ ପହଁଚିଛି । ନଦୀ ତଟ ଶ୍ରୋତ ପ୍ରତିକୂଳ ପାର୍ଶ୍ୱରେ ଥିବା ଏହି ବୃହତ୍ ଜଳାଶୟ ପ୍ରକଳ୍ପଗୁଡିକ ଦ୍ୱାରା ପାନୀୟ ଜଳ ସୁବିଧା, ଭୂତଳ ଜଳ ଭରଣ, ପରିସଂସ୍ଥାର ସନ୍ତୁଳନ ଓ ଜଳବାୟୁ ସହନଶୀଳ ହୋଇପାରିବ ।

କେନ୍ଦ୍ରୀୟ ଭୂତଳ ଜଳ ସହଭାଗିତାରେ ଭୂତଳ ଜଳ ସଂପଦର ଆକଳନ -୨୦୨୦ ସଫଳତାର ସହ କରାଯାଇଛି । ଜଣାଯାଇଛି ଯେ, ରାଜ୍ୟରେ ଏପର୍ଯ୍ୟନ୍ତ ଜଳର ଅତିଶୟ ବ୍ୟବହାର କରାଯାଇନାହିଁ ବା ଅନ୍ୟ ପକ୍ଷରେ କହିବାକୁ ଗଲେ ରାଜ୍ୟରେ କୌଣସି ଗମ୍ଭୀରଜନକ ସ୍ଥିତିରେ ଥିବା ବ୍ଲକ ନାହିଁ । ରାଜ୍ୟର ଉନ୍ନୟନକୁ ଲକ୍ଷ୍ୟ ରଖି ବିଭିନ୍ନ ସ୍ଥାନରେ ଜଳର ଉପଯୋଗ ହୋଇଥିଲେ ମଧ୍ୟ ଭୂତଳ ଜଳର ସ୍ତର ସନ୍ତୋଷଜନକ ରହିଛି ।

ହଜାର ବର୍ଷରୁ ଊର୍ଦ୍ଧ୍ୱ କଟକ ସହର ଦେଇ ଯାଇଥିବା ତାଳ ଦଣ୍ଡା କେନାଲକୁ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗରେ ସିସିଜିଏମ୍ (ସିମେଣ୍ଟସ୍ କମ୍ପୋଜିଟ୍ ଜିଓ ସିନ୍ଥେଟିକ୍ ମ୍ୟାଟ୍ରେସ୍ ବ୍ୟବସ୍ଥାରେ ପୁନରୁଦ୍ଧାର କରାଯାଇଛି ।

ସେହିପରି ବୃହତ୍ ଓ ମଧ୍ୟମ ଜଳସେଚନ ବ୍ୟବସ୍ଥା ଦେଖିବାକୁ ଗଲେ ପ୍ରଥମ ଥର କରି ମୟୂରଭଞ୍ଜ ଜିଲ୍ଲା ଦେଓ ଜଳସେଚନ ବ୍ୟବସ୍ଥାରେ ଖରିଫ୍ ଜଳସେଚନ ପାଇଁ ୩୫୦୦ ହେକ୍ଟର ଚାଷ ଜମିକୁ ଜଳସେଚିତ କରାଯାଇଛି । ୨୦୨୨ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବ ବୋଲି ଜଣାଯାଇଛି । ସେହିପରି ବରଗଡ ଜିଲ୍ଲା ଗଙ୍ଗାଧର ମେହେର ଉଠା ଜଳସେଚନ ପାଇଁ ନିର୍ମାଣ ଆରମ୍ଭ ପାଇଁ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଁଚିଛି । କାନପୁର ଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଛି ଓ ୨୦୨୩ ଡିସେମ୍ବର ସୁଦ୍ଧା ଏହା ଶେଷ ହେବ ବୋଲି ଆଶା କରାଯାଉଛି । ସେହିପରି ଲୋୟର ସୁକତେଲ ପ୍ରକଳ୍ପ ଆରମ୍ଭ ହୋଇଛି ଓ ୨୦୨୪ ସୁଦ୍ଧା ଏହା ଶେଷ ହେବ ବୋଲି ଲକ୍ଷ୍ୟ ରହିଛି । କଳାହାଣ୍ଡି ଜିଲ୍ଲାର ସାନ୍ଦୁଲ ଜଳସେଚନ ପ୍ରକଳ୍ପ କ୍ୟାବିନେଟ୍ ଦ୍ୱାରା ଅନୁମୋଦନ ଲାଭ କରିଛି । ମୟୂରଭଞ୍ଜ ଜିଲ୍ଲାର ସୋନୋ ପ୍ରକଳ୍ପ ଓ ବାଙ୍କତିରା ପ୍ରକଳ୍ପ ଖୁବ୍ ଶିଘ୍ର ଆରମ୍ଭ ହେବା ସ୍ଥିତିରେ ରହିଛି ।


ନିରନ୍ତର ତଥା ପୋଷଣୀୟ ଜଳସେଚନ ଲକ୍ଷ ରଖାଯାଇ ୧୧, ୬୧୮ ସୌର ଶକ୍ତି ମାଇକ୍ରୋ ରିଭର ଲିଫ୍ଟ ଜଳସେଚନ ସୁବିଧା ପାଇଁ ପ୍ରକଳ୍ପ ଅନୁମୋଦନ ଲାଭ କରିଛି । ଚଳିତ ବର୍ଷ ସବୁଠାରୁ ଅଧିକ ସଂଖ୍ୟକ ଗଭୀର ସେଚ କୂପ ଓ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇଛି ।

ଆଗାମୀ ୫ ବର୍ଷରେ ୧୦,୭୫୭. ୧୨ କୋଟି ଟଙ୍କା ବ୍ୟୟରେ ପର୍ଯ୍ୟାୟକ୍ରମେ ୧୭୦ଟି ନୂତନ ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ ନିମନ୍ତେ କ୍ୟାବିନେଟ୍ ଅନୁମୋଦନ ଲାଭ କରିଛି । ଯାହାଦ୍ୱାରା କି ୨ଲକ୍ଷ ୬୩ ହଜାର ୮୦୦ ହେକ୍ଟର ଅତିରିକ୍ତ ଜଳସେଚନ ସୁବିଧା ହୋଇପାରିବ । ୨୦୨୧ରେ ୧୮ଟି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ନିର୍ମାଟଣ କରାଯାଇ ୨୪,୧୮୮ ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ ସୁବିଧା କରାଯାଇଛି । ମୋଟ ୧୨୯ ମେଗା ଲିଫ୍ଟ ସ୍କିମ୍ ସମ୍ପୂର୍ଣ୍ଣ କରାଯାଇ ୧ଲକ୍ଷ ୫୫ ହଜାର ୧୮୩ ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ ସୁବିଧା କରାଯାଇଛି ।

ଉପକୂଳ ଜିଲ୍ଲାରେ ନଷ୍ଟ ହୋଇଥିବା ବା ଉଚ୍ଚତା ବୃଦ୍ଧି ଓ ସୁଦୃଢ଼ୀକରଣ ଆବଶ୍ୟକତା କରୁଥିବା ଲୁଣି ବନ୍ଧ ପାଇଁ ପ୍ରକଳ୍ପ ପ୍ରସ୍ତୁତ ହୋଇଛି । ଚେନ୍ନାଇ ସ୍ଥିତ ନ୍ୟାସନାଲ ଓସେନ୍ ଟେକ୍ନୋଲୋଜି ପ୍ରତିଷ୍ଠାନ ସହ ଏଥି ନିମନ୍ତେ ବୁଝାମଣା ପତ୍ର ସାକ୍ଷରିତ ହୋଇଛି । ବିଭାଗ ନିମନ୍ତେ ୩୮୬ ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଅନଲାଇନ୍ ମାଧ୍ୟମରେ ନିଯୁକ୍ତି ଦିଆଯାଇ ସେମାନଙ୍କୁ କାଉନସେଲିଂ,ଚଏସ୍ ଲକିଂ ଓ ଟ୍ରେନିଂ ପରେ ବିଭିନ୍ନ ଜିଲ୍ଲାରେ ଅବସ୍ଥାପିତ କରାଯାଇଛି ।

# ଚଳିତ ବର୍ଷରେ ଧନୀ ହେବେ ବିଛା, ସିଂହ, ତୁଳା ଓ ମକର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ନୂଆ ବର୍ଷକୁ ଆଉ ଦିନ କେଇଟା ବାକି । ସମସ୍ତଙ୍କୁ ଏହି ବର୍ଷକୁ ନେଇ ବହୁତ ଆଶା ରହିଛି । ବିଭିନ୍ନ ଦିଗରୁ ବର୍ଷଟି ସଫଳତାପୂର୍ଣ୍ଣ ହେଉ ବୋଲି ସମସ୍ତେ ଚାହାନ୍ତି । ଏଣୁ ଆଜିର ଆଲୋଚନାରେ ଆମେ କହିବାକୁ ଯାଉଛୁ ଏଭଳି ୪ରାଶି ବିଷୟରେ ଯେଉଁମାନଙ୍କ ପାଇଁ ନୂଆ ବର୍ଷ ବହୁତ ଖାସ୍ ରହିବ । ଏହି ରାଶିର ଲୋକମାନଙ୍କର ସମସ୍ତ କାର୍ଯ୍ୟରେ ସଫଳତା ମିଳିବାର ବହୁତ ସମ୍ଭାବନା ରହିଛି ।



ସିଂହ ରାଶି- ଏହି ରାଶିର ବ୍ୟକ୍ତିମାନଙ୍କ ଲାଗି ନୂଆ ବର୍ଷ ବହୁତ ରହିବ । ଆପଣଙ୍କୁ ସମସ୍ତ କାର୍ଯ୍ୟରେ ସଫଳତା ମିଳିବାର ପ୍ରବଳ ସମ୍ଭାବନା ରହିଛି । ଆର୍ଥିକ ଭାବେ ମଧ୍ୟ ସ୍ଥିତି ମଜଭୂତ ରହିବ । ଏ ବର୍ଷ ଆପଣ କିଛି ନୂଆ କାମ କରିପାରନ୍ତି ଧନଧାନ୍ୟ ବୃଦ୍ଧି ହେବ । କାରଣ ଧନର ଦେବତା କୁବେରଙ୍କ କୃପା ଆପଣଙ୍କ ଉପରେ ରହିବ ।

ବିଛା ରାଶି- ଏହି ରାଶିର ଲୋକଙ୍କ ଉପରେ ରହିବ । ଆର୍ଥିକ ସ୍ଥିତି ମଜଭୂତ ରହିବ । ଇଛା ମୁତାବକ ଚାକିରି ମିଳିବାର ପ୍ରବଳ ସମ୍ଭାବନା ରହିଛି । ବର୍ଷସାରା ଧନପ୍ରାପ୍ତିର ଯୋଗ ରହିଛି । ଧନର ଦେବତା କୁବେରଙ୍କ ବିଶେଷ କୃପା ଆପଣଙ୍କ ରହିବ । ଏକାଧିକ ମାଧ୍ୟମରୁ ଧନ ରୋଜଗାର କରିବାରେ ଆପଣ ସଫଳ ହେବେ ।

ତୁଳା ରାଶି- ଏହି ରାଶିର ଲୋକଙ୍କ ଲାଗି ନୂଆ ବର୍ଷ ଶୁଭ ରହିବ । ବିଶେଷଭାବେ ଆର୍ଥିକ ମାମଲାରେ । ସବୁ କାମରେ ସଫଳତା ମିଳିବାର ପ୍ରବଳ ସମ୍ଭାବନା ରହିଛି । ଜୀବନଶୈଳୀ ବେଶ ଭଲ ରହିବ । ଲାଭ କରିବାର ଅନେକ ଅବସର ମିଳିବ ।

ମକର ରାଶି- ଏହି ବର୍ଷ ଆପଣଙ୍କ ପାଇଁ ବହୁତ ଭାଗ୍ୟ ନେଇ ଆସିବ। ଆର୍ଥିଜ ସ୍ଥିତି ଭଲ ରହିବ । ପରିଶ୍ରମର ଫଳ ମିଳିବ । ସବୁ କାମରେ ଭାଗ୍ୟ ସାଥିରେ ରହିବ । ଚାକିରିରେ ପରିବର୍ତ୍ତନ କରିପାରନ୍ତି । ସେହି ଅନୁଯାୟୀ ଦରମା ବି ବଢିବାର ସମ୍ଭାବନା ରହିଛି ।

# ନୂଆବଜାରରେ ହେବ ଇନଡୋର ଷ୍ଟାଡ଼ିୟମ୍

**କଟକ(ସଂପର୍କବାର୍ତ୍ତା):-** ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ କଟକ ମହାନଦଗର ନିଗମ ଅନ୍ତର୍ଗତ ୱାର୍ଡ଼ ନଂ ୫୪ ନୂଆବଜାର ଖେଳ ପଡ଼ିଆରେ ହେବାକୁ ଥିବା ଇନଡୋର ଷ୍ଟାଡ଼ିୟମକୁ ଉଦ୍‌ଘାଟନ କରିଛନ୍ତି । ଗଲା ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ବିଧାୟକ ଏହାକୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି ଯେ ସ୍ଥାନୀୟ ବାସିନ୍ଦାଙ୍କ ଦୀର୍ଘ ଦିନର ଦାବି ଥିଲା ଇନଡୋର ଷ୍ଟାଡ଼ିୟମ୍ କରିବାପାଇଁ । ମୁଖ୍ୟମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ଲିଖିତ ଭାବେ ଅନୁରୋଧ କରିବା ପରେ ଏଠାରେ ୧୦ କୋଟି ଟଙ୍କା ବ୍ୟୟରେ ଇନଡୋର ଷ୍ଟାଡ଼ିୟମ୍ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହା ୯ ମାସ ମଧ୍ୟରେ ଶେଷ ହେବ ବୋଲି ବିଧାୟକ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ନୂଆବଜାର ପୂଜା କମିଟି ସମ୍ପାଦକ ଉମେଶ ଚନ୍ଦ୍ର ସାହୁ, ପୂର୍ବତନ କପୋରଟେର ତାପସ ରଞ୍ଜନ ସାମନ୍ତରାୟ, ଅବିନାଶ ପାତ୍ର, ସନ୍ଦୀପ ମହାନ୍ତି, ସଞ୍ଜୀବ ମହାରଣା, ପ୍ରକାଶ ପଟ୍ଟନାୟକ ଓ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ର ପିନାକୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୁଇରେ ନିଆଁ ଲାଗିବା ପୂର୍ବରୁ ଖୋଲିଲା ଆଖି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜଧାନୀ ଦିଲ୍ଲୀରେ ଚମକାଇ ଦେବା ଭଳି ଘଟଣା ଘଟିଛି । ଜଣେ ବୟସ୍କ ବ୍ୟକ୍ତିଙ୍କୁ ମୃତ ଜାଣିବା ପରେ ତାକୁ ଅନ୍ତିମ ସଂସ୍କାର ପାଇଁ ମଶାଣିକୁ ନେଇଥିଲେ ପରିବାର ଲୋକେ । ହେଲେ ସେଠାରେ ଏପରି କିଛି ଘଟଣା ଯାହାକୁ ଦେଖି ସେଠାରେ ଉପସ୍ଥିତି ଲୋକେ ଚମକି ପଡିଥିଲେ । ଜୁଇ ପ୍ରସ୍ତୁତ ଥିଲା ତା ଉପରେ ଶୋଇଥିଲେ ମୃତ କୁହାଯାଉଥିବା ବ୍ୟକ୍ତି । କିଛି ମାତ୍ର ସମୟରେ ଦିଆ ଯାଇଥିନ୍ତା ମୁଖାଗ୍ନି । ହେଲେ ସେହି ସମୟରେ ଆଖି ଖୋଲିଲେ ବୟସ୍କ । ଏହାକୁ ନେଇ ଅଂଚଳରେ ବେଶ୍ ଆଲୋଚନା ହେଉଛି । ବିଚିତ୍ର ବିଧିର ବିଚାର । ଆୟୁଷ ବୋଧ ହୁଏ ବାକି ରହିଥିଲେ । ତେଣୁ ଯମ ବି ବାଟ ଛାଡିଦେଲା ଆଉ ଫେରି ଆସିଲା ଜୀବନ । ଆଉ କିଛି ସମୟ ପରେ ଦିଆ ଯାଇଥାନ୍ତା ମୁଖାଗ୍ନି ହେଲେ ଫେରି ଆସିଲା ଜୀବନ, ଆଉ ଆଖି ମିଟି ମିଟି କରି ଚାହିଁଥିରେ ବୟସ୍କ । ଏହି ଘଟଣା ଏବେ ସମସ୍ତଙ୍କ ମୁହିଁରେ । ପରିବାର ଲୋକଙ୍କ କହିବା ମୁତାବକ, ଏହି ବ୍ୟକ୍ତି ଜଣକ କ୍ୟାନ୍ସରରେ ପୀଡିତ । ଦେହ ଖରାପ ଥିବାରୁ ତାଙ୍କୁ କିଛି ଦିନ ହେବ ଦ୍ୱାରକା ଭେଙ୍କଟେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ହେଲେ ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ କିଛି ପରିବର୍ତ୍ତନ ହେଲା ନାହିଁ । ସେଠାରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା ହେଲେ ଆଇସିୟୁର ଖର୍ଚ୍ଚ ଦେବାକୁ ପରିବାର ଲୋକଙ୍କର ସମ୍ବଳ ନଥିଲା ତେଣୁ ଡାକ୍ତରଙ୍କୁ କହି ତାକୁ ଘରକୁ ନେଇଆସିଥିଲେ । ହେଲେ ତାଙ୍କ ଠାରୁ ଭେଣ୍ଟିଲେଟର ହଟାଯିବା ପରେ ତାଙ୍କର ଶ୍ୱାସି କ୍ରୟା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା ଦୀର୍ଘ ଘଣ୍ଟା ନିଶ୍ୱାସ ନଫେରିବାରୁ ପରିବାର ଲୋକେ ତାକୁ ମୃତ ବୋଲି ଭାବିନେଲେ । ଏବଂ ତାଙ୍କର ଅନ୍ତିମ ସଂସ୍କାର ପାଇଁ ମଶାଣିକୁ ନେଇଗଲେ । ସେଠାରେ ଜୁଇ ପ୍ରସ୍ତୁତ ହେଲା ତା ଉପରେ ରଖାଗଲା ବୃଦ୍ଧଙ୍କ ମୃତଦେହ । ମୁଖାଗ୍ନି ଦିଆଯାଇଥାନ୍ତା ହେଲେ ଏହି ସମୟରେ ଆଖି ଖୋଲିଥିଲେ ବ୍ୟକ୍ତି ।

# ଜାଣନ୍ତୁ; କେଉଁ ରୋଗ ପାଇଁ ଅମୃତଭଣ୍ଡା ଖାଇବା ମନା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଅମୃତଭଣ୍ଡା ଏପରି ଏକ ଫଳ ଯାହା ସ୍ୱାଦ ଏବଂ ସ୍ୱାସ୍ଥ୍ୟ ଲାଭଦାୟକ । ଅମୃତଭଣ୍ଡାରେ ଅନେକ ପ୍ରକାରର ପୋଷକତତ୍ତ୍ୱ ମିଳିଥାଏ । ଏଥିରେ ଭିଟାମିନ୍, ଫାଇବର ଏବଂ ମିନେରାଲ୍ସ ଅଛି । ବିଶେଷ କଥା ହେଉଛି ସମସ୍ତ ଋତୁତେ ଏହା ଆପଣଙ୍କ ପାଇଁ ସହଜରେ ଉପଲବ୍ଧ । ଅମୃତଭଣ୍ଡାରେ ବହୁତ ଫାଇବର ଅଛି, ଏହାକୁ ଖାଇବା ଦ୍ୱାରା ପେଟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ । ଏହାର ବ୍ୟବହାର ଓଜନ ନିୟନ୍ତ୍ରଣ ଏବଂ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରେ । ଆପଣ ଏହାକୁ ସାଲାଡରେ କିମ୍ବା ଯେକୌଣସି ରୂପରେ ଖାଇପାରିବେ । ମଧୁମେହ, ହୃଦୟ ଏବଂ କର୍କଟ ରୋଗୀଙ୍କ ପାଇଁ ଅମୃତଭଣ୍ଡା ଅତ୍ୟନ୍ତ ଲାଭଦାୟକ ଅଟେ । କିନ୍ତୁ ଏହା କେବଳ ଲାଭ ନୁହେଁ ବରଂ କିଛି ସମସ୍ୟା ମଧ୍ୟ ଅଛି । ଅନେକ ରୋଗ ଅଛି ଯେଉଁଥିରେ ଅମୃତଭଣ୍ଡା ଖାଇବ । ନିଷେଧ । ଅମୃତଭଣ୍ଡା ଖାଇବା କାହା ପାଇଁ ସମସ୍ୟା ହୋଇପାରେ ଜାଣନ୍ତୁ..

୧-ଅନିୟନ୍ତ୍ରିତ ହୃଦସ୍ପନ୍ଦନ ଥିବା ଲୋକ ; ଯଦିଓ ଅମୃତଭଣ୍ଡା ଦ୍ୱାରା ହୃଦ୍‌ସ୍ପନ୍ଦନ ଥିବା ଲୋକ ; ଯଦିଓ ଅମୃତଭଣ୍ଡା ଖାଇବା ଦ୍ୱାରା ହୃଦ୍ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା କମିଯାଏ । କିନ୍ତୁ ଆପଣଙ୍କର ହୃଦସ୍ପନ୍ଦନରେ ଅନିୟମିତତା ଥିଲେ ଅନିୟମିତତା ଥିଲେ, ଏହାକୁ ଖାଇବା ଉଚିତ୍ ନୁହେଁ । ଏକ ଅନୁସନ୍ଧାନରୁ ଜଣାପଡିଛି ଯେ, ଅମୃତଭଣ୍ଡାରେ ସିଆନୋଜେନିକ୍ ଗ୍ଲାଇକୋସାଇଡ୍ ଥାଏ, ଯାହା ଏକ ପ୍ରକାର ଆମିନୋ ଏସିଡ୍ ଏହା ହଜନ ପ୍ରକିୟାରେ ହାଇଡ୍ରାଜେନ୍ ସିଆନାଇଡ୍ ଉତ୍ପାଦନ କରେ । ଯଦି ଆପଣ ଅନିୟମିତ ହୃଦସ୍ପନ୍ଦନ ସମସ୍ୟାରେ ଅସୁବିଧାରେ ପଡନ୍ତି, ତେବେ ପେପର ଖାଇବା ଆପଣଙ୍କ ପାଇଁ ବିପଦଜନକ ହୋଇପାରେ ।

୨- ଗର୍ଭଧାରଣ ସମୟରେ ; ଗର୍ଭବତୀ



ମହିଳାମାନଙ୍କୁ ଅମୃତଭଣ୍ଡାନ ଖାଇବାକୁ ପରାମର୍ଶ ଦିଆଯାଇଛି । କାରଣ ଅମୃତଭଣ୍ଡାରେ ଲାଟେକ୍ସ ଥାଏ , ଯାହା ଗର୍ଭାଶୟ ସଂକୋଚନକୁ ଟ୍ରିଗର କରିପାରେ । ଏହି କାରଣରୁ, ଶିଶୁଟି ଅକାଳରେ ଜନ୍ମ ହୋଇପାରେ । ଅଢମୃତଭଣ୍ଡା ରେ ପେପେନ୍ ଥାଏ, ଯାହା ପ୍ରୋଷ୍ଟାଗ୍ଲାଣ୍ଡିନ ବୁଝିବାକୁ ଶରୀର ଭୁଲ କରିପାରେ । ଯାହା ଦ୍ୱାରା କୃତ୍ରିମ ଭାବରେ ଲେବର ପେନ ସୃଷ୍ଟି ହୋଇପାରେ । ଅମୃତଭଣ୍ଡା ଖାଇବା ଦ୍ୱାରା ଗର୍ଭସ୍ଥ ଶିଶୁର ସମର୍ଥନ କରିଥିବା ଝିଲ୍ଲୀ ମଧ୍ୟ ଦୁର୍ବଳ ହୋଇପାରେ ।

୩- ଆଲର୍ଜି ଥିବା ବ୍ୟକ୍ତି ; କୌଣସି ପ୍ରକାରର ଆଲର୍ଜିରେ ପୀଡିତ ଥିବା ଲୋକମାନଙ୍କ ଦ୍ୱାରା ଅମୃତଭଣ୍ଡାରେ ଚିଟିନେଜ୍ ଏକ ଏନଜାଇମ୍ ଥାଏ । ଏହି ଏନ୍‌ଜାଇମ୍ ଲଟେକ୍ସରେ କ୍ରସ ପ୍ରତିକ୍ରୟା କରିପାରେ । ଏହା ଆପଣକୁ ଛିଙ୍କବା , ନିଶ୍ୱାସ ପ୍ରଶ୍ୱାସ, କାଶ କିମ୍ବା ଆଖି ସହିତ ଜଡିତ ସମସ୍ୟା ହେବାର ଆଶଙ୍କା ଦେଇଥାଏ ।

୪-ହାଇପୋଗ୍ଲାଇସେମିଆ ରୋଗୀ ; ମଧୁମେହରେ ପୀଡିତ ଲୋକଙ୍କୁ ଅମୃତଭଣ୍ଡା ଉପକାରୀ । ଏହା ରକ୍ତରେ ଶର୍କରା ସ୍ତର ହ୍ରାସ କରିବାରେ ସାହାଯ୍ୟ କରେ । କିନ୍ତୁ ଯେଉଁମାନଙ୍କର ରକ୍ତରେ ଶର୍କରା ସ୍ତର କମ୍ ଅଛି ସେମାନେ ଅମୃତଭଣ୍ଡା ଖାଇବା ଉଚିତ ନୁହେଁ । ଅର୍ଥାତ ଯେଉଁ ମାନେ ହାଇପୋଗାଇସେସିଆରେ ଅସୁବିଧାରେ ପଡନ୍ତୁ ସେମାନେ ଅମୃତଭଣ୍ଡା ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।

୫- କିଡିନୀ ଷ୍ଟୋନରେ ପୀଡିତ ; ଯଦି ଆପଣଙ୍କର କିଡନୀରେଷ୍ଟୋନ ସମସ୍ୟା ଅଛି, ତେବେ ଆପଣ ଅମୃତଭଣ୍ଡା ଖାଇବା ଉଚିତ ନୁହେଁ । ଅମୃତଭଣ୍ଡାରେ ଭିଟାମିନ୍ ସି ଭରପୂର ଅଟେ । ଯାହା ଏକ ଆଣ୍ଟିଅକ୍ସିଡାଣ୍ଟ ଅଟେ । ଅଧିକ ଅମୃତଭଣ୍ଡା ଖାଇବା ଦ୍ୱାରା କିଡନୀଷ୍ଟୋନର ସମସ୍ୟା ବଢିପାରେ । ଅମୃତଭଣ୍ଡା ଖାଇବା ଦ୍ୱାରା ଅକ୍ସାଲେଟ ଅବସ୍ଥା ସୃଷ୍ଟି ହୋଇପାରେ, ଯାହା କଡିନୀରେ ଥିବା ଷ୍ଟୋନକୁ ବଢାଇପାରେ ।

# ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଦ୍ୱିତୀୟ ନିର୍ମଳଝରର ପ୍ରକଳ୍ପ ଉଦ୍‌ଘାଟିତ

**ପାରାଦୀପ(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ଏରସମା ନିକଟସ୍ଥ ଶାଳିଓ ଗ୍ରାମରେ ଜିଲ୍ଲାର ଦ୍ୱିତୀୟ ତଥା ଓଡିଶା ପ୍ରଦେଶର ୧୪ତମ ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ସତ୍ୟସାଇ ଟ୍ରଷ୍ଟ ତଥା ଓଡିଶା ସତ୍ୟସାଇ ସଂଗଠନ ଦ୍ୱାରା ୯ଲକ୍ଷ ଟଙ୍କା ବ୍ୟୟରେ ଶ୍ରୀ ସତ୍ୟସାଇ ନିର୍ମଳ ଝର ପ୍ରକଳ୍ପ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ପାନୀୟ ଜଳ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇଛି । ଏହି ଉଦ୍‌ଘାଟନୀ ସମାରୋହରେ ଶ୍ରୀ ସତ୍ୟସାଇ ଉଚ୍ଚତର ଶିକ୍ଷାନୁଷ୍ଠାନର ପ୍ରାକ୍ତନ ଛାତ୍ର ତଥା ଅଧୁନା ଆୟକର ବିଭାଗର ଅନୁସନ୍ଧାନ ନିର୍ଦ୍ଦେଶକ ଆଇ.କ୍ରିଷ୍ଣା କିଶୋର, ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ, ସତ୍ୟସାଇ ସଂଗଠନର ରାଜ୍ୟ ସଭାପତି ନାରାୟଣ ପ୍ରସାଦ ସର, ରାଜ୍ୟ ଟ୍ରଷ୍ଟର ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଜଗତସିଂହପୁର ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ, ପୂର୍ବତନ ସଭାପତି ଇଂ. ବିପିନ ବିହାରୀ ପାଣିଗ୍ରାହୀ ଜିଲ୍ଲାର ବିଭିନ୍ନ ସମିତି ଓ ଭଜନ ମଣ୍ଡଳୀର କର୍ମକର୍ତ୍ତା, ଭକ୍ତବୃନ୍ଦ, ଶାଳିଓ ଗ୍ରାମର ସରପଂଚ ଓ ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । କୋଭିଡ୍ ନିୟମ ପାଳନ ପୂର୍ବକ ନଗର ପରିକ୍ରମା, ବେଦୋଚାରଣ, ଭଜନ, ସାମୁହିକ ସଙ୍ଗୀତ ମାଧ୍ୟମରେ ଏହି ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଥିଲା । ସୂଚନା ଥାଉକି, ଏହି ଗ୍ରାମର ଭୁତଳ ଲୁଣି ଜଳ ପାନୀୟ ଓ ରୋଷେଇ ଉପଯୋଗୀ ହୋଇ ନଥିବାରୁ ଗ୍ରାମବାସୀମାନେ





ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ପ୍ରକଳ୍ପ ଦ୍ୱାରା ଗ୍ରାମବାସୀମାନେ ପ୍ରତିଦିନ ତିନି ଟଙ୍କା ବିନିମୟରେ ପରିବାର ପିଛା ୨୦ ଲିଟର ପାଣି ସ୍ମାର୍ଟ କାର୍ଡ ଦ୍ୱାରା ପାଇ ପାରିବେ । ସଂଗୃହୀତ ଅର୍ଥ ଗ୍ରାମ କମିଟି ଦ୍ୱାରା ପ୍ରକଳ୍ପ ପରିଚାଳନାରେ ଖର୍ଚ୍ଚ ହେବାକୁ ଥିବା ବିଦ୍ୟୁତ ଶୁଳ୍କ ଓ ରକ୍ଷଣାବେକ୍ଷଣ ଇତ୍ୟାଦିରେ ଖର୍ଚ୍ଚ ହେବ । ଏହି ପାନୀୟ ପ୍ରକଳ୍ପ ପାଇଁ ଗ୍ରାମବାସୀମାନେ ସତ୍ୟସାଇ ସଙ୍ଗଠନକୁ ସେମାନଙ୍କର ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି । ଆଗାମୀ ଦିନରେ ଏହି ପରି ପ୍ରକଳ୍ପ ଓଡିଶାର ଗ୍ରାମମାନଙ୍କରେ ପ୍ରତିଷ୍ଠା କରିବା ପାଇଁ ସଙ୍ଗଠନ ଲକ୍ଷ୍ୟ ରଖିଛି ।

# ପୁରୁଷଙ୍କ ପାଇଁ ରସୁଣ ଉପକାରୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରସୁଣର ବହୁତ ଉପକାରୀ ଗୁଣ ରହିଛି । ତେବେ ଏହା ପୁରୁଷଙ୍କ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଛି । ଏହା କେବଳ ଯେ ଇମ୍ୟୁନିଟି ବଢାଇ ଥାଏ, ତାହା ନୁହେଁ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂରେଇ ପାରେ । ଏହାର ନିୟମିତ ସେବନରେ ଯୌନ ସମସ୍ୟା ବିଶେଷ ହୋଇପାରେ । ରସୁଣରେ ଅନେକ ଏମିତି ଔଷଧୀୟ ଗୁଣ ମିଳିଥାଏ । ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଫଳପ୍ରଦ ହୋଇଥାଏ । ବିଶେଷ ରୂପେ ପୁରୁଷଙ୍କ ପାଇଁ ରସୁଣ ସେବନ ଅଧିକ ଉପକାରୀ ଭାବେ ଜଣଯାଏ । ଯଦି ପୁରୁଷ ଶୀଘ୍ର ଥକିଯାଏ ବା ଦୁର୍ବଳ ଅନୁଭବ କରେ, ସେତେବେଳେ ଭଜା ହୋଇଥିବା ରସୁଣକୁ ଦୁଗ୍ଧ ସହ ଚୋବାଇ ଖାଇବାରେ ପରାମଶୀ ଦିଆ ଯାଇଥାଏ । ଏହାର ନିୟମିତ ସେବନରେ ଶରୀରରୁ ଅନେକ ବଡ ବଡ ରୋଗରୁ ସୁରକ୍ଷା ମିଳେ । ଓଜନ ସହ ଏହା ଡାଇବେଟିସ୍କୁ ନିୟନ୍ତ୍ରିତ କରିଥାଏ ।

୧-ଥକାପଣ ଦୂର କରେ – ଭଜା ହୋଇଥିବା ରସୁଣର ୨ଟି କୋଳା ପ୍ରତିଦିନ ଖାଲି ପେଟରେ ଖାଇବା ଦ୍ୱାରା ଫଳପ୍ରଦ ହୋଇଥାଏ । ଏଥିରେ ଆପଣ ଆକ୍ଟିଭ୍ ଅନୁଭବ କରିପାରନ୍ତି ଏବଂ ଆପଣଙ୍କର ଫିଟ୍ନେସ୍ ଦିନକୁ ଦିନ ଦୃଢ ହୋଇପାରେ ।

୨-ପୋଷକ ତ୍ତ୍ୱରେ ଭରପୂର – ରସୁଣରେ ଆବଶ୍ୟକ ମୁତାବକ ଖଣିଜ ଭିଟାମିନ୍ –ସି , ଭିଟାମିନ୍-ବି୬, ଫସଫରସ, ମାଙ୍ଗାନିଜ୍, ଜିଙ୍କ୍,



କ୍ୟାଲେସିୟମ ଓ ଆଇରନ୍ ମିଳିଥାଏ । ଏହା ବ୍ୟତୀତ ଏଥିରେ କିଛି ମାତ୍ରାରେ ପ୍ରୋଟିନ୍ ଓ ଥାୟମିନ୍ ଓ ପେଣ୍ଟୋଥେନିକ୍ ଏସିଡ ମିଳିଥିଶ, ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ ହୋଇଥାଏ ।

୩-ରସୁଣ ଥଣ୍ଡା , ଥଣ୍ଡା , କାଶ ଓ କଫରୁ ରକ୍ଷା କରେ –ଭଜା ହୋଇଥିବା ରସୁଣ ଆପଣଙ୍କର ଥଣ୍ଡା, କାଶ ,କଫ ଦୂର କରିବାରେ ସାହାଯ୍ୟ କରିଥାଏ ଭଜା ହୋଇଥିବା ରସୁଣରେ ଆଣ୍ଟିବାୟୋଟିକ୍ ଆଣ୍ଟିଭାଇରାଲ ଓ ଆଣ୍ଟିଫଙ୍ଗଲ ଗୁଣ ଥାଏ, ଯାହାକି ଫ୍ଲୁରେ ହେବାକୁ ଥିବା ଏହି ରୋଗରେ ଶରୀରର ରକ୍ଷା କରିବାର ସାହାଯ୍ୟ କରିଥାଏ ।

୪-ଯୌନ ସମସ୍ୟାକୁ ମଧ୍ୟ ଦୂର କରିଥାଏ – ଯୌନ ସମସ୍ୟାରେ ପୀଡିତ ସବୁ ପୁରୁଷଙ୍କୁ ରସୁଣରେ ସେବନ କରିବା ଖୁବ୍ ଉତ୍ତମ ଅଟେ । ଭଜା ହୋଇଥିବା ରସୁଣ ଖାଇବାକୁ ପରାମର୍ଶ ଦିଆଯାଇ ଥାଏ । ଯାହା ପୁରୁଷଙ୍କ ଯୌନ୍ ସ୍ୱାସ୍ଥ୍ୟକୁ ଉତ୍ତମ କରି ଗଢିଥାଏ ।

୫- ବିଷାକ୍ତ ପଦାର୍ଥକୁ ହଟାଇ ଥାଏ- ରସୁଣ ଆମର ଶରୀରରୁ ବିଷାକ୍ତ ଜିନିଷକୁ ବାହାରି କରିଦେଇଥାଏ । ରାତିରେ ଶୋଇବା ପୂର୍ବରୁ ଭଜା ହୋଇଥିବା ରସୁଣ ଖାଇବାକୁ ପରାମର୍ଶ ଦିଆ ଯାଇ ଥାଏ । ଏଥିରେ ଶରୀରରେ ଥିବା ବିଷାକ୍ତତ୍ତ୍ୱର ପରିସ୍ରା ଆକାରରେ ବାହାରକୁ ନିର୍ଗତ ହୋଇଯାଏ ।

# ଦିବ୍ୟାଙ୍ଗଙ୍କୁ ସହଯୋଗର ହାତ ବଢାଇଲା ହେମନ୍ତରଥ ଫାଉଣ୍ଡେସନ

# ଆତ୍ମନିର୍ଭରଶୀଳ କରିବାକୁ ସିଲାଇମେସିନ ବଣ୍ଟନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସ୍ଥାନୀୟ ଜଳଦେବଭବନ ଠାରେ ଆଜି ଦିବ୍ୟାଙ୍ଗମାନଙ୍କୁ ସହାୟତାର ହାତ ବଢାଇଛି ହେମନ୍ତରଥ ଫାଉଣ୍ଡେସନ । ଫାଉଣ୍ଡେସନର ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳଙ୍କ ଉପସ୍ଥିତିରେ ସଂସ୍ଥାର କର୍ମକର୍ତ୍ତାମାନେ ଦୁଇଶହରୁ ଅଧିକ ଦିବ୍ୟାଙ୍ଗଙ୍କୁ ସିଲାଇମେସିନ, କମ୍ବଳ, ଶୁଖିଲାଖାଦ୍ୟ ଆଦି ବଣ୍ଟନ କରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଦିବ୍ୟାଙ୍ଗମାନେ ଏହାକୁ ଗ୍ରହଣ କରିଥିଲେ । ଆଜିର ଏହି ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ବ୍ରହ୍ମାନନ୍ଦ ଦାସ, ଡକ୍ଟର ବିଷ୍ଣୁ ସାହୁ, ସୁନନ୍ଦ ବେହେରା, ରଷି ଶର୍ମା, ଇଂ ଦୁର୍ଗାପ୍ରସାଦ କର, ପୁଷ୍କର ବେହେରା, ସୁଚରିତା ମିଶ୍ର, ମନୋଜ ଷଡଙ୍ଗୀ, ଦେବଦ୍ୟ ମିଶ୍ର, ଦ୍ୱାରିକାନାଥ ଖୁଣ୍ଟିଆ, ଇଂ



ମୋନିକା ନାୟକ, ଇଂ ମନୋଜ ନାୟକ, ପ୍ରଜ୍ଞା ପ୍ରିୟଦର୍ଶିନୀ ରଥ ପ୍ରମୁଖ ସହଯୋଗ କରିଥିଲେ । ଦିବ୍ୟାଙ୍ଗଙ୍କୁ ଆତ୍ମନିର୍ଭରଶୀଳ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ପ୍ରତିବର୍ଷ ଫାଉଣ୍ଡେସନ ପକ୍ଷରୁ ଏଭଳି ସହାୟତା ପ୍ରଦାନ କରାଯାଇ ଆସୁଛି । ଆଜି ସହାୟତା ପାଇଥିବା ଦିବ୍ୟାଙ୍ଗମାନେ ଫାଉଣ୍ଡେସନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇବା ସହିତ ଦିବ୍ୟାଙ୍ଗମାନଙ୍କୁ ଆତ୍ମନିର୍ଭରଶୀଳ ପାଇଁ ଏଭଳି କାର୍ଯ୍ୟକୁ ସାଧୁବାଦ ଜଣାଇଥିଲେ । ସେହିଭଳି ଶୀତ ସମୟରେ ଫାଉଣ୍ଡେସନ ପକ୍ଷରୁ ଯେଉଁଭଳି କମ୍ବଳ ପ୍ରଦାନ କରାଇଥିଲା ତାହା ସେମାନଙ୍କ ପାଇଁ ଆବଶ୍ୟକ ଥିବା ବହୁ ଦିବ୍ୟାଙ୍ଗ କହିଥିଲେ । ଜୟଦେବଭବନ ସମ୍ମୁଖରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସାଧାରଣ ଲୋକେ ଉପସ୍ଥିତ ରହି ଫାଉଣ୍ଡେସନ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ କାର୍ଯ୍ୟକ୍ରମ ପ୍ରଶଂସା କରିଥିଲେ ।

## ନିସ୍ୱାର୍ଥପର ବ୍ୟକ୍ତି ଅଭାବରୁ...

# ହାଉସିଂ ପ୍ରକଳ୍ପରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହୋଇପାରୁନି

**କଟକ(ସଂପର୍କବାର୍ତ୍ତା):-** ଓଡ଼ିଶାର ପ୍ରଥମ ହାଉସିଂ ପ୍ରକଳ୍ପ। ଚଳିତ ବର୍ଷ ପ୍ରକଳ୍ପକୁ ୫୦ ବର୍ଷ ପୂରୁଛି। ତଥାପି ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇପାରିନାହିଁ। ଏପରିକି ସର୍ବନିମ୍ନ ଆବଶ୍ୟକତା କୁହାଯାଉଥିବା ସ୍ୱାସ୍ଥ୍ୟସେବା ପାଇଁ ସରକାର କିଛି ବ୍ୟବସ୍ଥା କରିନାହାନ୍ତି। ଦୀର୍ଘ ଦିନରୁ ଅଞ୍ଚଳବାସୀ ଦାବି କରି ଆସୁଥିଲେ ମଧ୍ୟ ଏ ଯାଏ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି)ଟିଏ ହୋଇପାରିଲା ନାହିଁ। ଏ ହେଉଛି ଓଡ଼ିଶାରର ପ୍ରଥମ ହାଉସିଂ ପ୍ରୋଜେକ୍ଟ ଭାବେ ବିବେଚିତ ମହାନଦୀବିହାର ଅଞ୍ଚଳର ସ୍ଥିତି। ମହାନଦୀବିହାରର ସାତ ପଛରେ ଗଠିତ ସିଡ଼ିଏ ଅଞ୍ଚଳରେ ଦୁଇଟି ଡାକ୍ତରଖାନା (ସେକ୍ଟର-୭ ଓ ବିଡ଼ାନାସୀ) ରହିଥିବାବେଳେ ମହାନଦୀବିହାରରେ ଗୋଟିଏ ବି ଡାକ୍ତରଖାନା ନାହିଁ। ବହୁ ଦାବି ହୋଇଥିଲେ ମଧ୍ୟ ସରକାର ସ୍ଥାନ ଅଭାବ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଛନ୍ତି। ସାଧାରଣରେ କୁହାଯାଉଛି, ନିସ୍ୱାର୍ଥପର ବ୍ୟକ୍ତିଙ୍କ ଅଭାବରୁ ହାଉସିଂ ପ୍ରକଳ୍ପରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହୋଇପାରୁନାହିଁ।

୧୯୭୨ରେ ରାଜ୍ୟର ପ୍ରଥମ ହାଉସିଂ ପ୍ରକଳ୍ପ ଭାବେ ମହାନଦୀବିହାରର ସୃଷ୍ଟି। ଅଞ୍ଚଳର ମୋଟ କ୍ଷେତ୍ରଫଳ ୧୨୫ ଏକକରୁ ଅଧିକ ହୋଇଥିବା ବେଳେ ୮୯ ଏକର ଜମିରେ ଘରଦ୍ୱାର ହୋଇଛି। ଅବଶିଷ୍ଟ ଜମି ରାସ୍ତାଘାଟ, ନାଳନର୍ଦ୍ଦମା ଆଦି ପବ୍ଲିକ୍ ୟୁଟିଲିଟି ସ୍ପେସ୍ ପାଇଁ ଛଡ଼ାଯାଇଛି। ଅଞ୍ଚଳରେ ମୋଟ ୧୭୬୧ ଟି ପ୍ଲଟ୍ ରହିଥିବାବେଳେ ଏବେ ୧୨ଶହ ପ୍ଲଟରୁ କିଛି ଅଧିକାରରେ ଲୋକ ରହୁଛନ୍ତି। ଅବଶିଷ୍ଟ ପ୍ଲଟ ଫାଙ୍କା ପଡ଼ିଛି। ଲୋକ ସଂଖ୍ୟା ଦୃଷ୍ଟିରୁ ମହାନଦୀବିହାରରେ ପାଖାପାଖି ୧୫ ହଜାର ଲୋକ ବାସ କରୁଛନ୍ତି। ମହାନଦୀବିହାର ସହ ଶିଖରପୁର, ଗଣ୍ଡରପୁରକୁ ମିଶାଇଲେ ଲୋକସଂଖ୍ୟା ୨୫ ହଜାରରୁ ଅଧିକ ହେବ। ଏହି ଲୋକ ସଂଖ୍ୟା ୨୫ ହଜାରରୁ ଅଧିକ ହେବେ। ଏହି ଲୋକ ସଂଖ୍ୟାକୁ ବିଚାର କଲେ ଏହି ଅଞ୍ଚଳରେ ଅନ୍ୟୂନ ଗୋଟିଏ ଅର୍ବାନ୍ ହେଲ୍ଥ୍ ସେଣ୍ଟର ବା ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି) ରହିବା ଜରୁରୀ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଅଞ୍ଚଳବାସୀଙ୍କ ବହୁ ଦାବି ଓ ଦରଖାସ୍ତ ପରେ ବି ଅନ୍ୟ ମୌଳିକ ଦାବି ଭଳି ପିଏଚ୍‌ସି ମଧ୍ୟ ସାତସପନ ହୋଇଛି। ମହାନଦୀବିହାର, ଶିଖରପୁର, ଗଣ୍ଡରପୁର ଲୋକଙ୍କ ପାଇଁ ଏକ ପିଏଚ୍‌ସି ମହାନଦୀବିହାରସ୍ଥିତ ପରିତ୍ୟକ୍ତ ସିଏମ୍‌ସି କ୍ୱାର୍ଟର ସ୍ଥାନରେ କରିବାକୁ ମହାନଦୀବିହାର ଡେଭଲପମେଣ୍ଟ ଆସୋସିଏସନ୍ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ସ୍ଥାନର ଅଭାବ ଆଳରେ ପ୍ରଶାସନ ଏହାକୁ ଏଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି। କିନ୍ତୁ ଏହାର ସାତ ପଛରେ ତିଆରି ହୋଇଥିବା ସିଡ଼ିଏରେ ଦୁଇଟି ଡାକ୍ତରଖାନା ରହିଛି। ସିଡ଼ିଏ ସେକ୍ଟର-୭ରେ ଗୋଟିଏ ଡାକ୍ତରଖାନା ଓ ବିଡ଼ାନାସୀରେ ଆଉ ଏକ ପିଏଚ୍‌ସି ଚାଲୁଥିବାବେଳେ ମହାନଦୀବିହାରରେ ଗୋଟିଏ ବି ସରକାରୀ ଡାକ୍ତରଖାନା ନାହିଁ।

# ସୈନିକସ୍କୁଲ ଭୁବନେଶ୍ୱର ପୁରାତନ ଛାତ୍ରପରିଷଦର ବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସୈନିକସ୍କୁଲ ଭୁବନେଶ୍ୱର ପୁରାତନ ଛାତ୍ର ପରିଷଦ ବାର୍ଷିକ ସମ୍ମିଳନୀ ସଂପ୍ରତି ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇ ଯାଇଛି। ଦେଶର ବିଭିନ୍ନ ଭାଗରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ସେମାନଙ୍କର ପରିବାର ସହିତ ଯୋଗ ଦେଇଥିଲେ। ପ୍ରଥମେ ପୁରାତନ ଛାତ୍ର ଲେଫ୍ଟନାଂଟ ଜେନେରାଲ ଜେ.କେ.ମହାନ୍ତିଙ୍କ ଦ୍ୱାରା ସହିଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ପୁରାତନ ଛାତ୍ର ଡାକ୍ତର ନିରଞ୍ଜନ ପାଢୀ ଓ ତାଙ୍କର ସହଯୋଗୀମାନଙ୍କ ସହାୟତାରେ ଏକ ସ୍ୱାସ୍ଥ୍ୟପରୀକ୍ଷା ଶିବିର ଓ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଅଅୟୋଜିତ ହୋଇଥିଲା। ଏହାର ସୁଯୋଗ ବିଦ୍ୟାଳୟର କର୍ମଚାରୀଗଣ, ସେମାନଙ୍କର ପରିବାର ବର୍ଗ ଏବଂ ପୁରାତନ ଛାତ୍ରମାନେ ନେଇଥିଲେ। ପ୍ରାୟ ୪୦ ଜଣ ସଭ୍ୟ ରକ୍ତଦାନ କରିଥିଲେ।




ଏହି ସମ୍ମିଳନୀ ଅବସରରେ ପୁରାତନ ଛାତ୍ରପରିଷଦର ନୂତନ କର୍ମକର୍ତା ଚୟନ କରାଯାଇଥିଲା। ଶ୍ରୀ ହରଦମନ ସିଂ ସଭାପତି, ଶ୍ରୀ ମଧୁସୂଦନ ପାଢୀ( ଆଇ.ଏ.ଏସ୍.) ଉପ ସଭାପତି, କମାଣ୍ଡର ଦୀନେଶ ସାଇଁ ସେକ୍ରେଟାରୀ, ଶ୍ରୀ ସତ୍ୟ ମହାନ୍ତି ଯୁଗ୍ମ ସେକ୍ରେଟାରୀ ଭାବେ ନିର୍ବାଚିତ ହୋଇଥିଲେ। ଆଗାମୀ ଫେବୃଆରୀ ୧, ୨୦୨୨ ରେ ସୈନିକସ୍କୁଲ ନିଜର ରୌପ୍ୟଜୟନ୍ତୀ ପାଳନ କରୁଥିବାରୁ, ଉତ୍ସବର ସାମଗ୍ରିକ ଉତ୍କର୍ଷ ନିମିତ୍ତଏହି ନବନିର୍ବାଚିତ ପୁରାତନ ଛାତ୍ରପରିଷଦର ଗୁରୁଦାୟିତ୍ୱ ରହିବା ସ୍ୱାଭାବିକ।

ଚଳିତ ବର୍ଷର ଏହି ବାର୍ଷିକ ଉତ୍ସବର ଆୟୋଜନର ଦାୟିତ୍ୱ ନେଇଥିଲେ ପୂର୍ବତନ ସଭାପତି ଶ୍ରୀ ଅମିତାଭ ସାଇଁ। ଏଥିରେ ଲେଫ୍ଟନାଂଟ ଜେନେରାଲ ଜେ.କେ.ମହାନ୍ତି, ଏଆର୍ ମାର୍ଶାଲ ଜେ.ଏନ୍.ବର୍ମା, ବ୍ରିଗେଡିୟର୍ ଏଲ୍.ସି.ପଟ୍ଟନାୟକ, ସୈନିକସ୍କୁଲ ଅଧ୍ୟକ୍ଷ ଗ୍ରୁପ୍ କ୍ୟାପ୍ଟେନ୍ ଏସ୍.ଡୋମିନିକ ରାୟନ ଏବଂ ପରିଷଦର ଅନ୍ୟ ପୁରାତନ ଛାତ୍ର ମାନେ ଯୋଗ ଦେଇଥିଲେ।

# ବ୍ରହ୍ମପୁରରେ ରବି ରଥଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ଭାରତର ଅଗ୍ରଣୀ ଶ୍ରମିକ ସଂଗଠନ ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ଓଡ଼ିଶା ଶାଖାର ନବ ନିର୍ବାଚିତ ଉପସଭାପତି ତଥା ବରିଷ୍ଠ ଶ୍ରମିକ-କର୍ମଚ୍ଚରୀ ନେତା ରବି ରଥଙ୍କୁ ଏଚ୍‌ଏମ୍‌ଏସ୍ ସହବନ୍ଧିତ ସଂଗଠନ ମାନଙ୍କ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଏମକେସିଜି ମେଡିକାଲ କଲେଜ ପରିସରରେ ଥିବା ବିଶ୍ୱନାଥ ପଣ୍ଡିତ ଭବନରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମେଡିକାଲ କର୍ମଚ୍ଚରୀ ସଂଘ ରାଜ୍ୟ ଉପସଭାପତି ସୁକାନ୍ତ ମୁଖୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ବର୍ଦ୍ଧନା ଉତ୍ତରରେ ଶ୍ରୀ ରଥ କହିଥିଲେ ଏଚ୍‌ଏମ୍‌ଏସ୍ ସଂଗଠନକୁ ରାଜ୍ୟରେ କ୍ରିୟାଶୀଳ କରିବା ପାଇଁ ଜୋରଦାର ଉଦ୍ୟମ କରାଯିବ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଶ୍ରମିକ ଓ କର୍ମଚ୍ଚରୀ ବିରୋଧୀ ଆଇନକୁ ପ୍ରତ୍ୟାହାର କରିବା ଯାଏ କେନ୍ଦ୍ରୀୟ ସଂଗଠନମାନେ ଯେଉଁ ଆନ୍ଦୋଳନର ଡ଼ାକରା ଦେଇଛନ୍ତି ତାହାକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଜିଲା ସାମ୍ବାଦିକ ସଂଘ, ମେହେନ୍ତର ସଂଘ, ରେଳବାଇ କର୍ମଚ୍ଚରୀ ସଂଘ, ପଟ୍ଟାରିକ୍ସା, ନିର୍ମାଣ ଶ୍ରମିକ ସଂଘର ପ୍ରତିନିଧିଙ୍କ ସମେତ ମେଡିକାଲ କର୍ମଚ୍ଚରୀ ସଂଘ ଉପଦେଷ୍ଟା ଲାଲୁମୋହନ ବେହେରା, ଗଞ୍ଜାମ ଜିଲା ମେଡିକାଲ କର୍ମଚ୍ଚରୀ ସଂଘ ସାଧାରଣ ସମ୍ପାଦିକା ରେଣୁପ୍ରିୟା ପାଢ଼ୀ, ରାଜ୍ୟ ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ନାଥ ନାୟକ, ନିର୍ମାଣ ଶ୍ରମିକ ନେତା ସତ୍ୟ ନାରାୟଣ ତ୍ରିପାଠୀ, ଗଞ୍ଜାମ ଜିଲା ସାମ୍ବାଦିକ ସଂଘ ସଭାପତି ରାକେଶ ଷଡ଼ଙ୍ଗୀ, ସୁଶାନ୍ତ କର, ପବିତ୍ର ଚୌଧୁରୀ, ଦଳିତ ସଂଗଠନ ସଭାପତି ପଦ୍ମଚରଣ ନାୟକ, ଟୁନା ଜେନା, ସନ୍ତୋଷ କୁମାର ପଣ୍ଡିତ, କେଶବ ନାୟକ, ଚନ୍ଦ୍ରୁ ପାତ୍ର, ସବିତା ବେହେରା, ଏମ. ଉଷାରାଣୀ, ଜି. ପୁଷ୍ପା ରେଡ୍ଡି, ସଦାନନ୍ଦ ନାୟକ, ଭାଗ୍ୟଲକ୍ଷ୍ମୀ ସାହୁ, ଘନଶ୍ୟାମ ନାୟକ, ନନ୍ଦିନୀ ସାମନ୍ତରାୟ, ଜ୍ୟୋତ୍ସ୍ନା ତ୍ରିପାଠୀଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆବଜାର ଓଭରବ୍ରିଜ କେବେ ସରିବ ?

**କଟକ(ସଂପର୍କବାର୍ତ୍ତା):-** ନୂଆବଜାର ରେଲୱେ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଘୁଞ୍ଚୁଘୁଞ୍ଚୁ ଚାଲିଛି। ଆସନ୍ତା ଫେବୃଆରୀରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଯୋଜନା କରାଯାଉଥିବାବେଳେ ଏହି ସମୟ ମଧ୍ୟରେ ପୋଲର ନିର୍ମାଣ କାର୍ଯ୍ୟ ଶେଷ ହେବନି ବୋଲି ଜଣାପଡ଼ିଛି। ଏହି ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଆହୁରି ୨ ବର୍ଷ ଲାଗିପାରେ ବୋଲି କୁହାଯାଉଛି। ବରିଷ୍ଠ ଅଧିକାରୀ ପୋଲ କାର୍ଯ୍ୟ ଘୁଞ୍ଚୁ ଚାଲିଥିବାବେଳେ ଏବେ ଏଥିପାଇଁ ସ୍ଥାନୀୟ ଅଞ୍ଚଳବାସୀ ଧୂଳିରେ ନୟାନ୍ତ ହୋଇଗଲେଣି। ମାସ ମାସ ଧରି ଏହି ପୋଲ ପାର୍ଶ୍ୱ ରାସ୍ତାରେ ନିର୍ମାଣ ସଂସ୍ଥା ପକ୍ଷରୁ ପାଣି ଟୋପେ ମଧ୍ୟ ସିଞ୍ଚନ କରାଯାଉ ନାହିଁ। ଫଳରେ ଏହି ଅଞ୍ଚଳର ଆଖପାଖ ଘର ଉପରେ ଧୂଳିର ଆସ୍ତରଣ ଜମିଗଲାଣି। କିନ୍ତୁ ଏଥିପ୍ରତି ନା ନିଘା ଅଛି ନିର୍ମାଣକାରୀ ସଂସ୍ଥାର ବା ଗୁରୁତ୍ୱ ଦେଉଛି ପୂର୍ତ୍ତ ଡିଭିଜନ୍ ସଂସ୍ଥା।

ନୂଆବଜାର ଗୋଶାଳା ଠାରୁ କଟକ-ପାରାଦ୍ୱୀପ ରେଳବାଇ ଲାଇନ୍ ଦେଇ ନୂଆପଡ଼ା ଛକ ଆଡ଼କୁ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ଏହି ପୋଲ ନିର୍ମାଣ କାର୍ଯ୍ୟ ମଧ୍ୟ ଧାର୍ଯ୍ୟ ସମୟରେ ଆରମ୍ଭ ହୋଇଥିଲା। ଏଥିପାଇଁ ୩୫ କୋଟି ଟଙ୍କାର ବଜେଟ୍ କରାଯାଇଛି। ରେଳବ୍ୟକ୍ତିଙ୍କ ପକ୍ଷରୁ ଟ୍ରାକ୍ ଉପରେ ଯେଉଁ ପୋଲ

**ପୂର୍ତ୍ତ ବିଭାଗ-୨ରେ ଦକ୍ଷ ଇଂଜିନିୟର ଅଭାବ !**

ନିର୍ମାଣ ହେବା କଥା ତାହା ଶେଷ ହୋଇଛି। ଏହି ପୋଲକୁ ଉଭୟ ପରସ୍ପର ପୂର୍ତ୍ତ ବିଭାଗ ପୋଲ ସଂଯୋଗ କରାଯିବ। ନୂଆପଡ଼ା ଖୁଣ୍ଟି ନିର୍ମାଣ ଶେଷ ହୋଇଛି। ଏବେ ଶନି ମନ୍ଦିର ପଟ ପିଲାର ନିର୍ମାଣ ଚାଲିଛି। ଏଥିପାଇଁ ଅଞ୍ଚଳରେ ବିଭିନ୍ନ ସ୍ଥାନକୁ ଖୋଳା ଯାଇଥିବାବେଳେ ବାଲି ମଧ୍ୟ ଗଦା ହୋଇ ରହିଛି। ଖୋଳା ଯିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଧୂଳି ଉଡୁଛି। ଟ୍ରକରେ ବାଲି ଓ ଅନ୍ୟାନ୍ୟ ସାମଗ୍ରୀ ବୁହା ଯାଉଥିବାରୁ ରାସ୍ତା ଉପରେ ଧୂଳି ଜମା ହୋଇ ରହୁଛି। ନିୟମ ଅନୁଯାୟୀ, ନିର୍ମାଣ ଆରମ୍ଭରୁ ଶେଷ ହେବା ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳ ସଂଲଗ୍ନ ରାସ୍ତାରେ ନିର୍ମାଣ କାରୀ ସଂସ୍ଥା ପାଣି ସିଞ୍ଚନ କରିବା କଥା। ଦିନକୁ ଦୁଇ ଥର ମଧ୍ୟ କରିବା କଥା। କିନ୍ତୁ ମାସ ମାସ ଧରି ଉକ୍ତ ରାସ୍ତାରେ ଟୋପେ ବି ପାଣି ସିଞ୍ଚନ କରାଯାଇନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏବେ ଶୀତଋତୁ ଥିବାରୁ ଏହ ଧୂଳିଉକ୍ତ ଅଞ୍ଚଳରେ ଆହୁରି ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଆଜ୍ମା ରୋଗୀଙ୍କ ପାଇଁ ସେହି ଅଞ୍ଚଳରେ ଏବେ ରହିବା କଷ୍ଟକର ହୋଇପଡ଼ିଛି। ପାଣି ସିଞ୍ଚନ କରି ଏ ବାବଦ ଲକ୍ଷ ଲକ୍ଷ ଟଙ୍କାକୁ ନିର୍ମାଣ କାରୀ ସଂସ୍ଥା ଏବଂ ପୂର୍ତ୍ତ ବିଭାଗର ଅଧିକାରୀମାନେ ମିଳିମିଶି ଲୁଟ୍ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ରାଜ୍ୟସ୍ତରୀୟ ବୀରତା ଦିବସ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଦେଶର ସ୍ୱାଧୀନତା ପାଇଁ ବ୍ରିଟିଶ୍ ଶାସକଙ୍କ କବଳରୁ ଭାରତମାତାକୁ ରକ୍ଷା କରିବା ପାଇଁ ଅନେକ ବୀର ଜୀବନ ଦେଇଛନ୍ତି। ସେଥି ମଧ୍ୟରୁ ୧୮୫୭ ମସିହାରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଦ୍ୱାରା ବ୍ରିଟିଶ୍ ଶାସକଙ୍କ ବିରୋଧରେ ଚଳାଇଥିବା ସଂଗ୍ରାମରେ ତାଙ୍କୁ ବିଭିନ୍ନ ଅଂଚଳରୁ ଯେଉଁ ସହଯୋଗ ମିଳିଥିଲା, ତନ୍ମଧ୍ୟରୁ ବରଗଡ ଜିଲ୍ଲା ଘେଂସ ଜମିଦାର ମାଧୋ ସିଂହ ଓ ତାଙ୍କ ପରିବାରର ଅବଦାନ ଅତୁଳନୀୟ ଥିଲା। ଭାରତୀୟ ମୁକ୍ତି ସଂଗ୍ରାମରେ ଝାସ ଦେଇ ଏହି ପରିବାରର ମାଧୋ ସିଂହଙ୍କ ସମେତ ତାଙ୍କର ୪ ପୁଅ-ହଟେ ସିଂ, କୁଞ୍ଜଲ ସିଂ, ବୈରୀ ସିଂ ଓ ଐରୀ ସିଂ ଓ ତାଙ୍କ ଜ୍ୱାଇଁ ମଧ୍ୟ ଦେଶ ପାଇଁ ପାଇଁ ପ୍ରାଣବଳି ଦେଇଥିଲେ। ଆଜିର ଯୁବ ପିଢି ମଧ୍ୟରେ କେବଳ ଓଡିଶା କାହିଁକି ସାରା ଭାରତ ବର୍ଷ ଶହୀଦ୍ ମାଧୋ ସିଂ ଓ ତାଙ୍କ ପରିବାରର ବୀରତ୍ୱ ଓ ବଳିଦାନର କାହାଣୀ ସଂପର୍କରେ ଜାଣିବାର ଆବଶ୍ୟକତା ରହିଛି ବୋଲି ଆଜି ଅପରାହ୍ଣରେ ଲୋକ ସଂପର୍କ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଜାତୀୟ ବୀରତା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଶ୍ରୀ ସୁଶାନ୍ତ କୁମାର ସିଂହ ପ୍ରକାଶ କରିଛନ୍ତି।

ବୈଠକର ପ୍ରାରମ୍ଭରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ କ୍ରାନ୍ତିବୀର ଶହୀଦ୍ ମାଧୋ ସିଂଙ୍କର ବଳିଦାନ ସଂପର୍କିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ଟ୍ୱିଟ୍‌କୁ ପ୍ରଦର୍ଶିତ କରାଯାଇଥିଲା।

ଉଭୟ ଆଭାସୀ ଓ ମଂଚ ବ୍ୟବସ୍ଥା ମାଧମରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଓ ଶହୀଦ୍ କୁଞ୍ଜଲ ସିଂ କ୍ଲବ,



ଘେଁସ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଦିବସରେ ପ୍ରଥମେ ଅତିଥି ଭାବେ ଶହୀଦ୍ ମାଧୋ ସିଂଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସିଂ ତାଙ୍କ ଅଭିଭାଷଣରେ ମାଧୋ ସିଂଙ୍କ ସ୍ମୃତିରେ ଘେଁସଠାର ରହିଥିବା ଶହୀଦ୍ ସ୍ମୃତିପୀଠର ସୁରକ୍ଷା, ଶହୀଦ୍ କୁଞ୍ଜଲ ସିଂ ପାର୍କ ନିର୍ମାଣ ଓ ନୂତନ କଲ୍ୟାଣ ମଣ୍ଡପ ଆଦି ନିର୍ମାଣ କରାଯାଉଥିବା ସମ୍ପର୍କରେ ପ୍ରକାଶ କରିଥିଲେ। ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରି ଶହୀଦ୍ ମାଧୋ ସିଂ ଓ ତାଙ୍କ ପରିବାରର ବଳିଦାନର କାହାଣୀ ଇତିହାସରେ ବିରଳ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁର ସଂପାଦକ ଡଃ. ଲେନିନ୍ ମହାନ୍ତି ଯୋଗଦେଇ ଶହୀଦ୍ ମାଧୋ ସିଂଙ୍କ ପରି ଆମ ଦେଶ ପାଇଁ ପ୍ରାଣ ବଳି ଦେଇଥିବା ପୂର୍ବସୂରୀମାନଙ୍କ ପ୍ରଦର୍ଶିତ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଓ ଜାତିପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଗବେଷକ ଡଃ. ସୁବାସ ମେହେର ଯୋଗଦେଇ ଶହୀଦ୍ ମାଧୋ ସିଂ କିପରି ଶକ୍ତିଶାଳୀ ଇଂରେଜ ଶାସକ ବିରୁଦ୍ଧରେ ରଣକୌଶଳ ପ୍ରସ୍ତୁତି କରୁଥିଲେ ସେ ସମ୍ପର୍କରେ ଉପସ୍ଥାପନ କରିବା ସହିତ ତାଙ୍କର ବଳିଦାନର କାହାଣି ସଂପର୍କରେ ସାହିତ୍ୟ ଓ ଇତିହାସରେ ସ୍ଥାନିତ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ବକ୍ତା କୁଞ୍ଜଲ ସିଂ କ୍ଲବ, ଘେଁସର ସଭାପତି ଶ୍ରୀଯୁକ୍ତ ଅଶୋକ କୁମାର ପୁଜାହାରୀ, ମାଧୋ ସିଂଙ୍କର ସ୍ମୃତିର ପ୍ରଚାର ପ୍ରସାର ପାଇଁ ତାଙ୍କର ଅନାଲୋଚିତ ବହୁ ଗବେଷଣାତ୍ମକ ତଥ୍ୟ ଯାହାକି ଜାତୀୟ ଚେତନାକୁ ଉଦ୍‌ବୁଦ୍ଧ କରିବ, ସେ ସଂପର୍କରେ ପ୍ରକାଶନ କରାଯିବା ଉପରେ ମତ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଶ୍ରୀ ପ୍ରଭାସ ସିଂ ଯୋଗଦେଇ ଘେଁସ ଜମିଦାର ପରିବାରଙ୍କ ସରଳତା, ବୀରତ୍ୱ ଓ ଦେଶପ୍ରେମର କାହାଣୀ ଉପରେ ବର୍ଣ୍ଣନା କରିଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ରନାଥ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନୂତନ ଡିଜିପିଙ୍କ ଦାୟିତ୍ୱ ଗ୍ରହଣ

**କଟକ(ସଂପର୍କବାର୍ତ୍ତା):-** ଓଡ଼ିଶା ପୋଲିସର ନୂତନ ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ସୁନୀଲ କୁମାର ବଂସଲ, ଆଇ.ପି.ଏସ ଆଜି ଅପରାହ୍ନରେ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ପୂର୍ବତନ ଡି.ଜି.ପି. ଶ୍ରୀ ଅଭୟଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୁନୀଲ କୁମାର ବଂସଲ ଆଇ.ପି.ଏସ୍ ପୋଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ଼ ଅଫ ଅନର ପ୍ରଦାନ କରାଯିବ ସା ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଦାୟିତ୍ୱ ଗ୍ରହଣ ପୂର୍ବରୁ ସେ ଶହୀଦ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ଗଣମାଧ୍ୟମର ପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ବଂସଲ କହିଲେ ଯେ, ମାନବ୍ୟର ମୁଖ୍ୟମନ୍ତ୍ରୀ ତାଙ୍କୁ ଯେଉଁ ଗୁରୁ ଦାୟିତ୍ୱ ପ୍ରଦାନ କରିଛନ୍ତି, ତାକୁ ସେ ନିଷ୍ଠାର ସହ ସମ୍ପାଦନ କରିବେ। ଓଡ଼ିଶା ପୋଲିସର ସାରା ଭାରତରେ ସୁନାମ ରହିଛି। ଏହାକୁ ବଜାୟ ରଖିବା ପାଇଁ ଚେଷ୍ଟା କରିବି। ପୋଲିସକୁ ଲୋକିଭିମୁଖୀ ଦାୟିତ୍ୱବାନ, ସମ୍ବେଦନଶୀଳ ଓ ମାନବୀୟ କରିବାକୁ ଚେଷ୍ଟା କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ 'ମୋ ସରକାର' କାର୍ଯ୍ୟକ୍ରମ ଓ '୫-ଟି' ମନ୍ତ୍ରକୁ ପୋଲିସ ବିଭାଗରେ ସଫଳ ପ୍ରୟୋଗ କରି କାର୍ଯ୍ୟ କରିବେ। ନକ୍ସଲ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସ ଅତୀତରେ ଅନେକ ସଫଳତା ପାଇଛି। ଭବିଷ୍ୟତରେ ମଧ୍ୟ ଆମେ ସେହି କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରି ଓଡ଼ିଶାରେ ନକ୍ସଲର ପ୍ରଭାବ ଓ ଗତିବିଧିକୁ ସୀମିତ କରିବୁ। ପଡ଼ୋଶୀ ରାଜ୍ରମାନଙ୍କ ସହ ମିଶି ମାଓ ମୁକାବିଲା କରିବୁ। ପଡ଼ୋଶୀ ରାଜ୍ୟମାନଙ୍କ ସହ ମିଶି ମାଓ ମୁକାବିଲା କରିବୁ। ସମାଜର ଦୁର୍ବଳ ଶ୍ରେଣୀ ଲୋକ ଏବଂ ମହିଳାଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧର ତ୍ୱରିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜ୍ୟରେ ଘଟୁଥିବା ସଙ୍ଗଠିତ ଅପରାଧ ଓ ମାଫିଆ ରାଜକୁ ଦୃଢ ହସ୍ତରେ ଦମନ କରାଯିବ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଚେଷ୍ଟା କରିବି ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଥିଲେ। ସୂଚନାଯୋଗ୍ୟ ଯେ ୧୯୮୭ ବ୍ୟାଚର ଆଇ.ପି.ଏସ୍ ଅଧିକାରୀ ଶ୍ରୀ ବଂସଲ ରାଜସ୍ଥାନ ରାଜ୍ୟର ଜୟପୁର ଅଞ୍ଚଳରେ ମୂଳବାସିନ୍ଦା ଅଟନ୍ତି। ତାଙ୍କ ଚାକିରି କାଳ ମଧ୍ୟରେ ସେ ମୟୂରଭଞ୍ଜ ଜିଲ୍ଲା ଏବଂ ସମ୍ବଲପୁର ଭିଜିଲାନସ୍ ଡିଭିଜନର ଆରକ୍ଷୀ ଅଧିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି। ପରେ ସେ କେନ୍ଦ୍ରୀୟ ଡେପୁଟେସନରେ ଯାଇ ଗୁଇନ୍ଦା ବିଭାଗ, ର ଭାରତ ସରକାରଙ୍କ ଯୁଗ୍ମ ସହକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ପରେ ସେ ଉପନିର୍ଦ୍ଦେଶକ, ଗୁଇନ୍ଦା ବିଭାଗ, ଭାରତ ସରକାର, ଅଟୱାସ୍ଥିତ ଭାରତ ସରକାରଙ୍କ ହାଇକମିଶନ କାର୍ଯ୍ୟାଳୟରେ କାଉନସିଲର ଭାବେ କାର୍ଯ୍ୟ କରିଥିଲେ। ପରେ ସେ ନୂଆଦିଲ୍ଲୀ ସ୍ଥିତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟରେ ନିର୍ଦ୍ଦେଶକ, ଗୁଇନ୍ଦା ବିଭାଗର ଯୁଗ୍ମ ନିର୍ଦ୍ଦେଶକ, ମୁମ୍ବାଇ ସ୍ଥିତ ଏସ୍.ଆଇ.ବି ଠାରେ ଅତିରିକ୍ତ ନିର୍ଦ୍ଦେଶକ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ପରେ ସେ ଗୁଇନ୍ଦା ବିଭାଗର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ରାଜ୍ୟ ପୋଲିସ ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ ପୋଲିସ ମୁଖ୍ୟାଳୟର କର୍ମଚ୍ଚରୀମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ହକର ସଂଘ

**ଭୁବନେଶ୍ୱର(ରବି ନାୟକ, ହକର):-** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଖବର କାଗଜ ହକର ମାନଙ୍କୁ ସେମାନଙ୍କର ହକ୍ ପ୍ରଦାନ କରିଛନ୍ତି। ସେମାନଙ୍କ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇ ସେମାନଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିବା ସହିତ ଅଣସଂଗଠିତ କ୍ଷେତ୍ର ସାମାଜିକ ସୁରକ୍ଷା ଯୋଜନାରେ ସାମିଲ୍ କରିଛନ୍ତି। ଏହି ସହାୟତା ପାଇଁ ରାଜ୍ୟର ୭୩୦୦ ହକରମାନଙ୍କ ପାଇଁ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଡିଜିଟାଲ ଡାଟା ବେସ୍ ପ୍ରସ୍ତୁତ କରାଯାଇ ପଞ୍ଜୀକୃତ କରାଯାଇଛି। ପ୍ରତ୍ୟେକ ପଞ୍ଜୀକୃତ ହକର ୬୦୦୦ ଟଙ୍କା ଲେଖାଏଁ ସହାୟତା ପାଇଛନ୍ତି। ସମୁଦାୟ ୪ କୋଟି ୩୮ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏହା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ୍‌କୁ ଯାଇଛି। ଏହି ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫାଣ୍ଡ଼ିରୁ ପ୍ରଦାନ କରାଯାଇଛି। ଏହି ସହାୟତା ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହକରମାନେ ହେଉଛନ୍ତି ଖବରକାଗଜ ଓ ପାଠକମାନଙ୍କ ମଧ୍ୟରେ ସେତୁ। ଖରା, ବର୍ଷା, ଶୀତ ସବୁ ସମୟରେ ଏପରିକି କୋଭିଡ୍ ମହାମାରୀ ସମୟରେ ମଧ୍ୟ ସେମାନେ ନିଜ ଦୁଃଖ କଷ୍ଟକୁ ଭୁଲି ପାଠକମାନଙ୍କୁ ଖବର କାଗଜ ଯୋଗାଇଛନ୍ତି। ଡିଜିଟାଲ୍ ଯୁଗରେ ମଧ୍ୟ ଖବର କାଗଜର ଚାହିଦା କମି ନାହିଁ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୋଭିଡ୍ ସହାୟତା ସହିତ ହକରମାନଙ୍କୁ ଅଣସଂଗଠିତ ସାମାଜିକ ସୁରକ୍ଷା ବୋର୍ଡରେ ସାମିଲ୍ କରାଯାଇ ସହାଯ୍ୟ ପ୍ରଦାନ କରାଯିବ। ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ୨ଲକ୍ଷ ଟଙ୍କା, ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ୧ଲକ୍ଷ ଟଙ୍କା ଏବଂ ଦୁର୍ଘଟଣାରେ ସଂପୂର୍ଣ୍ଣ ଅକ୍ଷମ ହୋଇଥିବା ହକରମାନଙ୍କ ପାଇଁ ମଧ୍ୟ ସହାୟତା ବ୍ୟବସ୍ଥା କରାଯାଇଛି। ହକରମାନେ ସୁବିଧାରେ କାମ କରିବା ପାଇଁ ଜିଲ୍ଲା ସ୍ତରରେ ୱାର୍କସେଟ୍ ନିର୍ମାଣ କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହା ନିର୍ମାଣ କରାଯିବ। ସୂଚନା ଯୋଗ୍ୟ ଯେ, ଦୁର୍ଘଟଣା ଜନିତ ସଂପୂର୍ଣ୍ଣ ଅକ୍ଷମତା ଯୋଗୁଁ ହକରମାନଙ୍କୁ ଦେଢ ଲକ୍ଷ ଟଙ୍କା, ଉଭୟ ଅଙ୍ଗ ହରାଇଥିବା ୮୦ହଜାର ଓ ଗୋଟିଏ ଅଙ୍ଗ ହରାଇଥିବା ହକରମାନଙ୍କୁ ୪୦ହଜାର ଟଙ୍କା ପ୍ରଦାନ କରାଯିବାକୁ ବ୍ୟବସ୍ଥା କରାଯାଇଛି।

ଲୋକସେବା ଭବନ କନ୍‌ଭେନ୍ସ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରରୁ ଗୋବର୍ଦ୍ଧନ ଦାସ, କଟକରୁ ରତ୍ନାକର ପ୍ରଧାନ, ସମ୍ବଲପୁରରୁ କୃଷ୍ଣଚନ୍ଦ୍ର ନାଥ, ବ୍ରହ୍ମପୁରରୁ ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ହକରମାନେ ସେମାନଙ୍କ ଅନୁଭବ ବ୍ୟକ୍ତ କରି କହିଥିଲେ ଯେ, ଆମ ହକର ଭାଇମାନେ ଅର୍ଥ ଅଭାବର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ଆମ ଦୁଃଖ ବୁଝିଥିବାରୁ ଆମ ହୃଦୟରୁ ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଛୁ। ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ.ପାଣ୍ଡିଆନ୍(୫-ଟି) କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭାଗୀୟ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ ଓ ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଣନାଥ କଲେଜ ରସାୟନ ବିଜ୍ଞାନ ଆଲୁମିନିର ସେମିନାର

**ଖୋରଧା(ସଂପର୍କବାର୍ତ୍ତା):-** ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୈତ୍ରୀ ଭବନରେ ରସାୟନ ବିଜ୍ଞାନ ବିଭାଗ ତରଫରୁ ଆଲୁମିନି ସମାବେଶ ସହିତ ଏକ ସେମିନାର ମହାସମାରୋହରେ ଅଲୁମିନି ଆସୋଚିଏସନର ସଂପାଦକ ଶିକ୍ଷାବିତ୍ ଡ଼କ୍ଟର ଧୀରେନ୍ଦ୍ର ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ସ୍ନାତକ ବିଭାଗ ଖୋଲିବା ଦିନଠାରୁ ଚଳିତ ବର୍ଷ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ମହାମିଳନ ହୋଇଥିବା ଏହି ସ୍ୱତନ୍ତ୍ର ଆଲୁମିନି ଉତ୍ସବରେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଉଦ୍‌ଘାଟନ କରି କହିଲେ ଏହା ହେଉଛି ଏକ ମହାମିଳନର ମହୋତ୍ସବ। ଏହା ଶିକ୍ଷକ ଏବଂ ପିଲା ମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା, ଆତ୍ମୀୟତା ଭଳି ଦିବ୍ୟ ଗୁଣ ଗୁଡିକୁ ଦୃଢ଼ କରିବା ସହିତ ପରପିଢ଼ିଙ୍କୁ ଉନ୍ନତିର ଶୀର୍ଷରେ ପହଂଚାଇବା ପାଇଁ ପ୍ରେରଣା ଯୋଗାଇଥାଏ। ଅନୁଷ୍ଠିତ ସେମିନାର "ନାଚୁରାଲ୍ ଫାଇବର୍ ରେନ୍‌ଫୋର୍ସଡ କମ୍ପୋଜିଟ୍ ଆଜ୍ ରିପ୍ଲେସ୍‌ମେଂଟ୍ ଅଫ୍ ପ୍ଲାଷ୍ଟିକ୍"ରେ ମୁଖ୍ୟବକ୍ତା ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ରସାୟନ ବିଭାଗର ସହକାରୀ ପ୍ରାଧ୍ୟାପକ ଡକ୍ଟର ଅଜୟ କୁମାର ବେହେରା କହିଲେ ଆଜି ବିଶ୍ୱରେ ପ୍ଲାଷ୍ଟିକର ବର୍ଜ୍ୟବସ୍ତୁ ଦ୍ୱାରା ପ୍ରଦୁ୍ୟଷଣ ଏକ ବିରାଟ ସମସ୍ୟା। ଏହା ଶହ ଶହ ବର୍ଷ ଧରି ମାଟିରେ ରହିଲେ ମଧ୍ୟ ନଷ୍ଟ ହୁଏ ନାହିଁ। ସେଥିପାଇଁ ତାର ବିକଳ୍ପ ଭାବରେ ଅନେକ ଗବେଷଣା ଚାଲିଛି। ସେ ନିଜେ ପ୍ରସ୍ତୁତ କରିଥିବା ସଂଦର୍ଭର କିଛି ଅଂଶକୁ ପାୱାର୍ ପଏଂଟ୍ ପ୍ରେଜେଂଟେସନ୍ ମାଧ୍ୟମରେ ଝୋଟ, ନଡିଆ କତା, କଦଳୀ ପଟୁଆ ଆଦି ବିଭିନ୍ନ ତନ୍ତୁଜାତୀୟ ବସ୍ତୁକୁ ପ୍ରସେସିଙ୍ଗ୍ କରି କିପରି ସ୍ୱଳ୍ପ ଖର୍ଚ୍ଚରେ ପ୍ଲାଷ୍ଟିକ୍ ଠାରୁ ଶକ୍ତ ଏବଂ ଉତ୍କୃଷ୍ଟ ବିକଳ୍ପ ତିଆରି କରାଯାଇପାରିବ ତାହା ଦର୍ଶାଇଥିଲେ। ସମ୍ମାନିତ ବକ୍ତା ଭାବରେ ରାଜ୍ୟର ପ୍ରମୁଖ ବୈଦୁତିକ ଗଣମାଧ୍ୟମ ବଡ ଖବରର ମୁଖ୍ୟ ସଂପାଦକ ଅର୍ଦ୍ଧେନ୍ଦୁ ଦାସ ଯୋଗଦେଇ କହିଲେ ଏହି ମହାବିଦ୍ୟାଳୟର ରସାୟନ ବିଭାଗର ପୂର୍ବତନ ଛାତ୍ର ଭାବରେ ମୁଁ ଗର୍ବିତ। ଆମେ ଯଦି ଏହି ଆଲୁମିନି ସଂଗଠନ ମାଧ୍ୟମରେ ମହାବିଦ୍ୟାଳୟର ସମସ୍ତ ବିଭାଗର ପୂର୍ବତନ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନଙ୍କୁ ଏକାଠି କରିପାରିବା ତେବେ ଏହି ମହାବିଦ୍ୟାଳୟ ସାରା ଭାରତ ବର୍ଷରେ ଏକ ଶୀର୍ଷ ସ୍ଥାନରେ ପହଂଚିପାରିବ। ସମ୍ମାନିତ ଅତିଥି ଭାବରେ ରସାୟନ ବିଭାଗର ପ୍ରଥମ ବିଭାଗୀୟ ମୁଖ୍ୟ ତଥା ଅବସର ପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବାକର ପଟ୍ଟନାୟକ ଯୋଗଦେଇ କହିଲେ ଏହି ମହାବିଦ୍ୟାଳୟର ମହାନତା ଯୋଗୁଁ ଆଜି ସାରା ଦେଶରେ ଏହାର ଛାତ୍ରଛାତ୍ରୀମାନେ ଅନେକ ଉଚ୍ଚ ପଦପଦବୀର ଅଧିକାରୀ ହୋଇପାରିଛନ୍ତି। ଅନ୍ୟତମ ଅତିଥି ଭାବରେ ଉତର ଓଡିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୂଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ଆଲୁମିନି ମାନଙ୍କର ସ୍ରଦ୍ଧା ତଥା ଆନ୍ତରିକତାକୁ ଭୂୟସୀ ପ୍ରସଂସା କରି ଉପସ୍ଥିତ ଛାତ୍ରଛାତ୍ରୀ ତଥାଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ରସାୟନ ବିଭାଗର ମୁଖ୍ୟ ଡ଼କ୍ଟର ଅଜନ୍ତା ଶତପଥି ତାଙ୍କ ସ୍ୱାଗତ ଭାଷଣରେ କହିଲେ ରସାୟନ ବିଭାଗର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଆଲୁମିନି ଉତ୍ସବ ପାଇଁ ଯେଉଁ ଉତ୍ସାହ ରହିଛି ତାହାକୁ ଆଗାମୀ ବର୍ଷମାନଙ୍କରେ ଆରମ୍ଭରୁ ପ୍ରତ୍ୟେକ ଶିକ୍ଷାବର୍ଷରୁ ପିଲାମାନଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନିଆଯିବ। ଶେଷରେ ଅତିଥିମାନେ ମହାବିଦ୍ୟାଳୟରେ ସମସ୍ତ ବିଭାଗଠାରୁ ସର୍ବୋଚ୍ଚ ନମ୍ବର ରଖିଥିବା ମନସ୍ୱିନୀ ମହାରଣାଙ୍କୁ ତାଙ୍କ କୃତୀତ୍ୱ ପାଇଁ ଏକ ସ୍ମୃତିଫଳକ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଏହି ମହାବିଦ୍ୟାଳୟର ରସାୟନ ବିଭାଗର ଜଣେ ଆଲୁମିନି ହୋଇଥିବାରୁ ତାଙ୍କର ନିଷ୍ଠାପର ଗବେଷଣା ଆଜି ସାରା ବିଶ୍ୱକୁ ଉତ୍ସାହ ଯୋଗାଇଥିବାରୁ ଅତିଥିମାନେ ତାଙ୍କୁ ମଧ୍ୟ ଏକ ସ୍ମୃତିଫଳକ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଆଲୁମିନି ଆସୋସିଏସନର କୋଷାଧ୍ୟକ୍ଷ ଅଧ୍ୟାପକ ଶ୍ରୁଶାନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଶୈଳେନ୍ଦ୍ର ମିଶ୍ର, କାର୍ଯ୍ୟକ୍ରମ ସଂଯୋଜିକା ସିପ୍ରା ମହାନ୍ତି, ବ୍ୟବସ୍ଥା ସଂଯୋଜକ ଗଦାଧର ରଥ, ସଂଯୋଜକ ଜଗନ୍ନାଥ ସାହୁ, ସଂଯୋଜିକା ଡଲି ମିଶ୍ର, ସହସଂଯୋଜକ ଶେଖ୍ ଅମଜାଦ୍ ଅଲ୍ଲି ଏବଂ ସହସଂଯୋଜିକା ଅନୁରାଧା ବିଧାର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ପ୍ରିୟବ୍ରତ ମହାନ୍ତି, ଡ. ପୂର୍ଣ୍ଣଚନ୍ଦ୍ର ବୈଶାଖ, ଡ. ପ୍ରଣବ ମହାନ୍ତି, ଡ. ମଂଜୁ ପଟ୍ଟନାୟକ ପ୍ରମୁଖଙ୍କ ସମେତ ସସ୍ମିତା ପଣ୍ଡା, ସରୋଜ ପାଲଟାସିଂହ, ବାଦଲ ବେହେରା, ଅଶ୍ୱିନୀ କୁମାର ଦାଶ, ବିଷ୍ଣୁ ପ୍ରସାଦ ଡେଙ୍ଗ, ମାନସ ରଂଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



| ADVERTISEMENT TARIFF | | |
|---|---|---|
| | Colour | B & W |
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |















## କଳାହାଣ୍ଡିରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଗାଡିକୁ ଅଣ୍ଡାମାଡ,

# ବିଜେଡି ଓ ପୋଲିସ୍ କରୁଛନ୍ତି କ'ଣ ?

### ବିରୋଧୀଙ୍କୁ ହୋଇପାରେ ମାଡ଼ !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଅଣ୍ଡାମାଡ ହୋଇଛି । କଳାହାଣ୍ଡି କେସିଙ୍ଗାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିବା ବେଳେ କଂଗ୍ରେସ କର୍ମୀ ମାନେ ମନ୍ତ୍ରୀଙ୍କ ଗାଡି ଉପରକୁ ଅଣ୍ଡାମାଡ କରିବା ସହ କଳାପତାକା ପ୍ରଦର୍ଶନ କରିଛନ୍ତି । ମମିତାଙ୍କ ନ୍ୟାୟ ଦାବିରେ ମନ୍ତ୍ରୀଙ୍କ ଗସ୍ତକୁ ଜୋରଦାର ବିରୋଧ କରାଯାଇଛି । ମମିତା ମେହେର ହତ୍ୟା ଘଟଣାକୁ ନେଇ କଳାହାଣ୍ଡି ରାଜନୀତି ସରଗରମ ହେବାରେ ଲାଗିଛି । ଉଭୟ କଂଗ୍ରେସ ଓ ବିଜେପି ରାସ୍ତାକୁ ଓହ୍ଲାଇଛନ୍ତି । ପୂର୍ବରୁ ଜୁନାଗଡ ଠାରୁ ଏକ ବାଇକ ଶୋଭାଯାତ୍ରା ଯାଇ କଲମପୁର, ଜୟପାଟଣା ଓ କୋକସରା ଯାଇ ପ୍ରତିବାଦ ସଭା କରିଥିଲେ । ନଭେମ୍ବର ୮ତାରିଖ ଦିନ ଜନତା କର୍ଫ୍ୟୁ ପାଇଁ ଡାକରା ଦେଇଥିଲେ ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ ଏପେଟ ମନ୍ତ୍ରୀଙ୍କୁ ବହିଷ୍କାର ନକରିବା ପର୍ଯ୍ୟନ୍ତ ବିଜେପି ଲଢେଇ ଜାରି ରଖିବ ବୋଲି ଚେତାଇ ଦେଇଥିଲେ ସାଂସଦ ଜୁଏଲ ଓରାମ । ମମିତା ମେହେର ହତ୍ୟା ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଦାବିକୁ ବ୍ୟାପକ କରିବାକୁ ଉଦ୍ୟମ କରୁଛନ୍ତି ଉଭୟ ବିଜେପି ଓ କଂଗ୍ରେସ । ବିଜେଡି ମଧ ବିରୋଧିଙ୍କ ବିରୁଦ୍ଧରେ ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ପରିଲକ୍ଷିତ କରାଯାଉଛି, ହେଲେ ଯିଏ ଶୁଣୁଛି ସିଏ କହୁଛି କଳାହାଣ୍ଡିରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଅଣ୍ଡା ମାଡ ଘଟଣା । ରେ ସେଠାକାର ବିଜେଡି ଓ ପୋଲିସ୍ କରୁଛନ୍ତି କ'ଣ ବୋଲି ପ୍ରଶ୍ନ କରୁଛନ୍ତି । ଏଥର ଯେଉଁ ଜିଲ୍ଲା ବା ଯେ କୌଣସି ଜାଗାରେ ମନ୍ତ୍ରୀଙ୍କୁ ଅଣ୍ଡା ମାଡ ହେବ ସେଠାରେ ଜନସାଧାରଣ ଓ ଦଳୀୟ କର୍ମୀ ବିରୋଧୀଙ୍କୁ ପିଟିବାକୁ ଯୋଜନା କରୁଥିବା ଶୁଣାଯାଉଛି ।

# ଚଉଠି ରାତିରେ ବୋହୂ ଗର୍ଭବତୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଚଉଠି ରାତିରେ ସ୍ୱାମୀଙ୍କୁ ଲାଗିଲା ଝଟକା । ୟୁପିର ମେରଠରେ ଜନେ ବ୍ୟକ୍ତିଙ୍କୁ ନିଜ ବିବାହ ଖୁସି ଭିତରେ ଖୁବ୍ ଜୋର୍‌ରେ ଝଟକା ଲାଗିଛି । କାରଣ ବିବାହର ଚଉଠି ରାତି ଦିନ ଉକ୍ତ ବ୍ୟକ୍ତି ଜାଣିବାକୁ ପାଇଲେ ଯେ, ତାଙ୍କ ନବବିବାହିତା ପତ୍ନୀ ୫ ମାସର ଗର୍ଭବତୀ ରହିଛନ୍ତି । ଏହି ଖବର ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।



ଏ ନେଇ ପୋଲିସ୍ ପାଖରେ ଅଭିଯୋଗ କରିଛନ୍ତି ସ୍ୱାମୀ । ସ୍ୱାମୀ ଅଭିଯୋଗ କରିଛନ୍ତି ଯେ, ଯେତେବେଳେ ତାଙ୍କ ପତ୍ନୀ ଗର୍ଭବତୀ ଥିବା କଥଅ ନିଜ ଶ୍ୱଶୁର ଘରେ ଜଣାଇଥିଲେ, ସେ ସମୟରେ ଓଲଟା ସେମାନେ ମିଛ ମାମଲାରେ ଫସାଇଦେବେ ବୋଲି ଧମକ ଦେଇଥିଲେ । ଏହା ବ୍ୟତୀତ ସେମାନେ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ । ତେବେ ସ୍ୱାମୀ ଦେଇଥିବା ତଥ୍ୟ ମୁତାବକ, ବିବାହ ଦିନ କନ୍ୟାର ପେଟ କାଟୁଥିଲା । ତେଣୁ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଅଲଟ୍ରାସାଉଣ୍ଡ୍ ରିପୋର୍ଟ ବାହାରା କରାଯାଇଥିଲା । ଯାହାକୁ ଦେଖି ମହିଳାଙ୍କ ସ୍ୱାମୀ ଓ ତାଙ୍କ ଘର ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ରିପୋର୍ଟ ଅନୁସାରେ, ପତ୍ନୀ ୫ ମାସର ଗର୍ଭବତୀ ଥିଲେ । ତାଙ୍କ ପେଟରେ ଯାଆଁଳା ଶିଶୁ ବଢୁଥିଲେ । ତେବେ ଏହି ଅଭିଯୋଗ ହେବାପରେ ଯୁବତୀଙ୍କ ଘର ଲୋକ ଓଲଟା ଉକ୍ତ ବ୍ୟକ୍ତିଙ୍କୁ ଧମକ ଦେଉଛନ୍ତି ବୋଲି ମହିଳାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି ।

# କିସ୍ ନ ଦେଲେ ବରଣମାଳା ନାହିଁ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ମୋର କିସ୍ ଦରକାର । କିସ୍ ନ କଲେ ବରଣମାଳା ପକେଇବିନି । ବିବାହ ପୂର୍ବରୁ ଏଭଳି କିଛି ଇସାରା କରିଛି ବର । କନିଆଁକୁ ବରଣମାଳା ପକାଇବାକୁ ମନା କରିଦେଇଛି । ଯେତେ ଯାଏଁ କିସ୍ ନ ମିଳିତ ଯାଏଁ ବରଣମାଳା ପଡିବ ନହିଁ । କନିଆଁ ପାଖରେ ଏଭଳିକିଛି ବର ଡିମାଣ୍ଡ କରିଛି । ଯାହାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓଟିକୁ ଏକ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେଆର କରାଯାଇଛି । ଭିଡିଓରେ ଦେଖିବାକୁ ମିଳିଛି ଯେ, ବରଣମାଳା ପାଇଁ ବର – କନିଆଁ ଦୁହେଁ ଷ୍ଟେଜ ଉପରେ ଠିଆ ହୋଇଛନ୍ତି । ଏତିକି ବେଳେ ବର କନିଆଁକୁ ଇସାରା



ଇସାରାରେ କିସ୍ ବା ଚୁମ୍ବନ ଦେବାକୁ କହିଛି । ଏହା ଦେଖି ନବବଧୂ ଜଣକ ପ୍ରଥମେ ଲଜେଇ ଯାଉଛନ୍ତି । ତା ପରେ କିସ୍ ନକଲେ ବରଣମାଳା ପକେଇବି ନାହିଁ ବୋଲି ପୁଣି ଇସାରା କରୁଛି ବା ଏହାପରେ କନିଆଁ ଜଣକ ହାର୍ ମାନି ଯାଉଛନ୍ତି । ବେଶ୍ ସେହ୍ନର ସହ ଗାଲରେ କିସ୍ କରିଦେଉଛି କନିଆଁ ଏସବୁ ଦେଖି ସେଠାରେ ଉପସ୍ଥିତ ଥିବା ଲୋକମାନେ କରତାଳି ଦେବା ଆରମ୍ଭ କରୁଛନ୍ତି । ସୋସିଆଇ ମିଡିଆରେ ଉଭୟଙ୍କର ଏହି ସୁନ୍ଦର ମୁହୂର୍ତ୍ତକୁ ଅନେକ ଲୋକ ପସନ୍ଦ କରିଛନ୍ତି । ଭିଡିଓକୁ ଶେଆର କରି କ୍ୟାପସନ୍‌ରେ ଲେଖା ଅଛି, ଏକ ଟୁଇଷ୍ଟ ସହ ମୋର ବରଣମାଳା ଯେତେବେଳେ ତୁମେ ତୁମର କଲେଜ ସମୟର ପ୍ରେମ୍ ସହିତ ବିବାହ କରୁଛ । ଇନ୍‌ଷ୍ଟାଗ୍ରାମରେ ବର କନିଆଁଙ୍କ ଏହି କ୍ୟୁଟ୍ ଭିଡିଓଟି ଏବେ ଭାଇରାଲ ହେବାରେ ଲାଗିଛି । ଏବେ ସୁଦ୍ଧା ଏହାକୁ ୧୫ହଜାରରୁ ଅଧିକ ଲୋକେ ଲାଇକ୍ସ କରିସାରିଲେଣି । ସେପଟେ ଅନେକ ଲୋକେ ଏହି ଭିଡିଓକୁ ପ୍ରତିକ୍ରିୟା ମଧ ଦେଇଛନ୍ତି । ଜଣେ ୟୁଜର୍ସ ଲେଖିଛନ୍ତି, ମୁଁ ମଧ ମୋ ବିବାହରେ କିଛି ଏଭଳି ହିଁ କରିବି । ସେହିପରି ଆଉ ଜଣେ ଲେଖିଛନ୍ତି, ଆଜି ମୁଁ ଇଣ୍ଟରନେଟରେ ଅତି ସୁନ୍ଦର ଜିନିଷ ଦେଖିଲି ।

# ଜଗତସିଂହପୁରରେ ଅମରେନ୍ଦ୍ରଙ୍କୁ ଶୁଭେଚ୍ଛା ଜଣାଇଲେ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଗୋପାଳ ସାଗର ସ୍ଥିତ ବାସଭବନରେ ରାଜ୍ୟ କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସ ଙ୍କୁ ବିଜୁ ଜନତା ଦଳର ନାଉଗାଁ, ଜଗତସିଂହପୁର ଅଞ୍ଚଳର ଶତାଧିକ ବରିଷ୍ଠ , ଯୁବ ଛାତ୍ର କର୍ମୀ ବୃନ୍ଦ ଇଂରାଜୀ ନୂତନ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି ।ଏହି ସମୟରେ ସୁବାସ ମହାନ୍ତି , ପୂର୍ବତନ ବ୍ଲକ୍ ଅଧକ୍ଷ ପ୍ରସନ୍ନ ସ୍ୱାଇଁ , ସାରଙ୍ଗ ପାଇଟାଳ, ସୁଧୀର ସ୍ୱାଇଁ, ସମୀର ସାହାଣୀ , ବିଦୁର ନାୟକ , ତାପସ ଦାସ, ଶୁଶାନ୍ତ ମଲ୍ଲିକ, ଅବିନାଶ ସାହୁ , ବାପିନା ବିଶ୍ୱାଳ ,ତୋଫାନ ମହାନ୍ତି, କୁବେର ମୋହନ ଦାସ, ଆର କେ ହୀରା ଲାଲ୍ , ବିଦୁ ଭୂଷଣ ତ୍ରିପାଠୀ, ଦିଲିପ୍ ସ୍ୱାଇଁ, ଗଗନ ଦାସ ,ସୁଶାନ୍ତ ରଂଜନ ସ୍ୱାଇଁ, ଦେବାଶିଷ ସ୍ୱାଇଁ, ଗୋଲାମ ଅଲ୍ଲୀ ଖାଁ, ବିଶ୍ୱଜିତ୍ ପୃଷ୍ଟି ,ଭାଗିରଥି ଦାସ , ପ୍ରେମାନନ୍ଦ ସାହୁ, ପ୍ରଶାନ୍ତ ଭୋଇ, ଅଶୋକ ଦାସ, ବିଭୂତି ଭୂଷଣ ଲେଙ୍କା, ଚକ୍ରଧର ବେହେରା ବିଶ୍ୱଜିତ୍ ପୃଷ୍ଟି, ବରୋଦା ପ୍ରସାଦ ରାୟ ,ପୁଷ୍କକ ରଂଜନ ସାହୁ,



ଅଂଶୁମାନ ବସ୍ତିଆ, ନିହାର ବାରିକ୍, ରାଜ କିଶୋର ରାଉତ, ଜୁବୁଲା ରାୟ, ପ୍ରମୁଖ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବହୁ ବରିଷ୍ଠ ଯୁବ ଛାତ୍ର ଶ୍ରୀଦାସ ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ରଘୁନାଥପୁର ପୋଲିସ୍‌କୁ ଧନ୍ୟବାଦ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅଧିକାରିଙ୍କ ସଫଳତା । ଥାନା ଅଧିକାରିଙ୍କ ନେତୃତ୍ୱରେ ୪୪କିଲୋ ଗଂଜେଇ ସହ କାର ଜବତ କରି ୩ଆସାମୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଘଟଣାରୁ ପ୍ରକାଶ, ଆଜି ଦିନ ୮ଟା ସମୟରେ କଟକ-ପାରାଦ୍ୱୀପ ରାସ୍ତାରେ କଟକରୁ ପାରାଦ୍ୱୀପ ଅଭିମୁଖେ ସୁଜକି ଡିଜାୟାର କାର ଓଡି ୦୨ ଏଏମ ୪୬୮୨ ନମ୍ବର ଗାଡିରେ ୨ବସ୍ତା ଗଂଜେଇ ନେଇ ୩ଜଣ ଆସାମୀ ପାରାଦ୍ୱୀପ ଅଭିମୁଖେ ଯାଉଥିଲେ । କୌଣସି ସୂତ୍ରରୁ ଏହି ଖବରପାଇ ରଘୁନାଥପୁର ଥାନା ନୂତନ ଅଧିକାରୀ ପ୍ରଦ୍ୟୁମ୍ନ କିଶୋର ବେହେରାଙ୍କ ନେତୃତ୍ୱରେ ଆରକ୍ଷୀ ଉପନୀରିକ୍ଷକ ଅନିଲ କୁମାର ସାହୁ, ଉପନିରୀକ୍ଷକ ଗୟଶ ଅହମ୍ମଦଙ୍କୁ ସାଙ୍ଗରେ ଧରି କଣ୍ଟିଆର ପାଖରେ ଉକ୍ତ କାରଟିକୁ ଅଟକାଇବାକୁ ଉଦ୍ୟମ କରିଥିଲେ । ମାତ୍ର ଉକ୍ତ କାରଟି ପାରାଦ୍ୱୀପ ଅଭିମୁଖେ ଦ୍ରୁତଗତିରେ ଯାଇଥିଲା । ରଘୁନାଥପୁର ଥାନା ପୋଲିସ ଉକ୍ତ କାରଟିକୁ ପିଛା କରି କଟକ-ପାରାଦ୍ୱୀପ ରାସ୍ତାର ବର୍ତ୍ତୀ ନିକଟରେ ଅଟକାଇଥିଲେ । ଉକ୍ତ କାରଟିକୁ ସେଠାରୁ ଜବତ କରିବା ସହିତ କାରରେ ଥିବା ୪୪କିଲୋ ଗଂଜେଇକୁ ଜବତ କରି ଥାନାକୁ ଆଣିବା ସହିତ ଏହି ଗଂଜେଇ ନେଇ କାରରେ ଯାଉଥିବା ୩ଜଣ ଆସାମୀଙ୍କୁ ଗିରଫ କରିଥିଲେ । ଆସାମୀ ହେଲେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ପଣ୍ଡୁଆ ଗ୍ରାମର ଗୌରହରି ସେଠୀଙ୍କ ପୁଅ ଦେବୀପ୍ରସନ୍ନ ସେଠୀ(୩୬), ସେହିରପି ତିର୍ତ୍ତୋଲ ଥାନା ଅନ୍ତର୍ଗତ ତେରମାଣପୁର ଗ୍ରାମର ସିଦ୍ଧେଶ୍ୱର ସ୍ୱାଇଁଙ୍କ ପୁଅ କ୍ଷୀରୋଦ ସ୍ୱାଇଁ(୪୪) ଓ ମାର୍ଶାଘାଇ ଥାନା ଅନ୍ତର୍ଗତ ଖୁରସିଆ ଗ୍ରାମର ସଂଗ୍ରାମ ସାହାଣୀଙ୍କ



ପୁଅ ସତ୍ୟଜିତ୍ ସାହାଣୀ (୨୩) ଅଟନ୍ତି । ରଘୁନାଥପୁର ଥାନାରେ ଥାନା ଅଧିକାରୀ ଏସମ୍ପର୍କରେ ମାମଲା ରୁଜୁ କରିବା ସହିତ ୩ଜଣ ଆସାମୀ ଓ ଜବତ ୪୪କିଲୋ ଗଂଜେଇକୁ ଜଗତସିଂହପୁର ଜିଲ୍ଲା ଜଜ୍‌ଙ୍କ ନିକଟକୁ ପଠାଇଥିଲେ । ସେଠାରେ ତାଙ୍କର ଜାମିନ୍ ନାମଂଜୁର ହେବାରୁ ତାଙ୍କୁ ଆଳିପିଙ୍ଗଳ ଜେଲକୁ ପଠାଇ ଦିଆଯାଇଛି ।

# ଫସଲ ଖାଉଥିବା ହରିଣକୁ ଗ୍ରାମବାସୀ ମାଡିବସିଲେ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଧଳତଙ୍ଗଗଡ ଜଙ୍ଗଲରେ ଥିବା ଶହଶହ ହରିଣ ଫସଲ ଖାଇଯାଇ ସମସ୍ତ ଧାନଫସଲ ନଷ୍ଟ କରିଦେଉଛନ୍ତି । ଆଜି ପ୍ରତ୍ୟୁଷ୍ୟରୁ ଅନେକ ଗୁଡିଏ ହରିଣ ରାମଚନ୍ଦ୍ରପୁର ଗହୀରରେ ଫସଲ ଖାଉଥିବା ସମୟରେ ବୁଲା କୁକୁର କାମୁଡିବାକୁ ଗୋଡାଇବାରୁ ହରିଣ ଗୁଡିକ ଜଙ୍ଗଲ ମଧ୍ୟକୁ ପଳାଇଥିଲେ । ଗୋଟିଏ ହରିଣ ସେଠାରୁ ନଯାଇ ପାରି କୃଷକ ପ୍ରକାଶ ଜେନାଙ୍କ ଘର ପାଖକୁ ପଳାଇଥିଲା । ଗ୍ରାମବାସୀମାନେ ଉକ୍ତ ହରିଣକୁ ମାଡିବସିଥିଲେ । ପରେ ଜଗତସିଂହପୁର ଜଙ୍ଗଲ ବିଭାଗ ରେଂଜର ବଳରାମ ସାହୁଙ୍କୁ ଟେଲିଫୋନ କରି ଡକାଇଥିଲେ । କୁକୁର ଉକ୍ତ ହରିଣକୁ କାମୁଡି ଦେଇଥିଲା । ରେଂଜର ଶ୍ରୀ ସାହୁ ଫରେଷ୍ଟରଙ୍କୁ ସାଙ୍ଗରେ ଧରି ଘଟଣା ସ୍ଥଳରେ ପହଂଚି ଗ୍ରାମବାସୀ ମାଡିବସିଥିବା ହରିଣଟିକୁ ଚିକିତ୍ସା କରାଇ ଧଳତଙ୍ଗଗଡ ଜଙ୍ଗଲରେ ଛାଡି ଦେଇଛନ୍ତି ।




ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

**All disputes relating to any news item published shall be subject to the Jurisdiction of Jagatsinghpur court/s.**

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera